ବର୍ଷ-୨୪, ସଂଖ୍ୟା-୧୮୮
ଭୁବନେଶ୍ୱର
୦୭ ଅଗଷ୍ଟ, ୨୦୨୪ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 188
Bhubaneswar
07 August, 2024, Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat




ନୀରଜଙ୍କୁ ରୌପ୍ୟ

## ପ୍ୟାରିସ ଅଲିମ୍ପିକ୍ସ

# ବ୍ରୋଞ୍ଜ ସହ ଇତିହାସ ରଚିଲା ଭାରତ

**ପ୍ୟାରିସ,୮।୮(ମହାଭାରତ):** ଟୋକିଓ ଅଲିମ୍ପିକ୍ସ ସଫଳତାକୁ ପ୍ୟାରିସ ଅଲିମ୍ପିକ୍ସରେ ଇତିହାସକୁ ଦୋହରାଇଛି ଭାରତୀୟ ହକି ଟିମ। ଦୀର୍ଘ ୫୨ ବର୍ଷ ପରେ ଭାରତ କ୍ରମାଗତ ଦ୍ୱିତୀୟ ଥର ପାଇଁ ଅଲିମ୍ପିକ୍ସରେ ପଦକ ଜିତିବାକୁ ସକ୍ଷମ ହୋଇଛି। ୧୯୬୮ ଓ ୧୯୭୨ ପରେ ଭାରତ ବ୍ରୋଞ୍ଜ ଜିତିଥିଲା। ଏବେ ଟୋକିଓ(୨୦୨୦) ଓ ପ୍ୟାରିସ ଅଲିମ୍ପିକ୍ସରେ ଭାରତୀୟ ଟିମ ବ୍ରୋଞ୍ଜ ପଦକ ଜିତି ଇତିହାସକୁ ଦୋହରାଇଛି।

ଆଜି ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ଭାରତୀୟ ହକି ଟିମ ସ୍ପେନକୁ ରୋମାଞ୍ଚକର ଢଙ୍ଗରେ ୨-୧ରେ ହରାଇ ନିଜର ଦମ ଦେଖାଇଛି। ଭାରତ ପକ୍ଷରୁ ଦୁଇଟି ଯାକ ଗୋଲ ଅଧିନାୟକ ହରମନପ୍ରୀତ ସିଂହ

### ସ୍ପେନ୍‌କୁ ୨-୧ରେ ଗୋଲ୍‌ରେ ହରାଇଲା ଭାରତ

### ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ

ଦେଇଛନ୍ତି। ସ୍ପେନ ଆଜିର ମ୍ୟାଚ୍‌ରେ ଆଗୁଆ। ରହିଥିଲେ ହେଁ ଶେଷରେ ବିନା ପଦକରେ ପ୍ୟାରିସରୁ ବିଦାୟ ନେଇଛି।

ଭାରତ ଏହି ବିଜୟ ସହ ଭେଟରାନ ଗୋଲକିପର ପିଆ।ର ଶ୍ରୀଜେଶଙ୍କୁ ବିଦାୟ ଜଣାଇଛି। ପିଆ।ର ଶ୍ରୀଜେଶ ଅଲିମ୍ପିକ୍ସ ପରେ ବିଦାୟ ନେବେ ବୋଲି ଘୋଷଣା କରିଥିଲେ। ଏବେ ସେ ଅଲିମ୍ପିକ୍ସ ପଦକ ସହ ନିଜର ପ୍ରିୟ ଖେଳ ହକିକୁ ଅଲବିଦା କହିଛନ୍ତି।

ଆ।ଜିର ମ୍ୟାଚ୍ ବେଶ ସଂଘର୍ଷପୂର୍ଣ୍ଣ ଥିଲା। ପ୍ରଥମ କ୍ୱାର୍ଟରରେ ଉଭୟ ଦଳର ଶକ୍ତି ଓ ରଣନୀତିକୁ ତଉଲାଇଥିଲେ। ପରସ୍ପରକୁ ଉପରେ ଦେଖି ରହିଁ ଆକ୍ରମଣ କରିଥିଲେ। ଭାରତ ପାଖରେ ଅଧିକାଂଶ ସମୟ ବଲ ରହିଥିଲା। କିନ୍ତୁ ଏହି କ୍ୱାର୍ଟରରେ କେହି କାହାକୁ ଗୋଲ ଦେଇ ପାରି ନଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଭାରତ ଆ।କ୍ରମଣ କରିଥିଲେ ହେଁ ୧୮ତମ ମିନିଟରେ ତ୍ରୁଟି କରିଥିଲେ। ଡି ଭିତରେ




ମନଦୀପ ସିଂହ ଫାଉଲ କରିବାରୁ ସ୍ପେନକୁ ପେନାଲ୍ଟି ଷ୍ଟ୍ରୋକ ମିଳିଥିଲା।ଏହାକୁ ମାର୍କ ମିରାଲ୍ଲେସ ଗୋଲରେ ପରିଣତ ସ୍ପେନକୁ ୧-୦ ଆ।ଗୁଆ। କରିଦେଇଥିଲେ। ଭାରତ ସ୍ଥିତି ବରବାର କରିବାକୁ ଚେଷ୍ଟା କରିଥିଲେ ହେଁ ଦ୍ୱିତୀୟ କ୍ୱାର୍ଟରର ଶେଷ ମିନିଟ ଯାଏ ସଫଳତା ମିଳି ନଥିଲା। କିନ୍ତୁ ଦ୍ୱିତୀୟ କ୍ୱାର୍ଟର ସରିବାକୁ ଆ।ଉ କିଛି ସେକେଣ୍ଡ ଥିବା ବେଳେ ଭାରତକୁ ମିଳିଥିଲା ପେନାଲ୍ଟି କର୍ଣ୍ଣର। ଏହାକୁ ଅଧିନାୟକ ହରମନପ୍ରୀତ ସିଂହ ଗୋଲରେ ପରିଣତ କରି ହାଫ ଟାଇମ ପୂର୍ବରୁ ସ୍ଥିତି ୧-୧ କରି ଦେଇଥିଲେ।

ତୃତୀୟ କ୍ୱାର୍ଟର ଆ।ରମ୍ଭରୁ ଭାରତକୁ ଆଉ ଏକ ପିସି ମିଳିଥିଲା। ୩୩ତମ ମିନିଟରେ ହରମନପ୍ରୀତ ଉକ୍ତ ପିସିକୁ ଗୋଲରେ ପରିଣତ କରି ଭାରତକୁ ୨-୧ରେ ଆ।ଗୁଆ। କରି ଦେଇଥିଲା। କିଛି ସମୟ ପରେ ହରମନକୁ ହ୍ୟାଟ୍ରିକ ଗୋଲ କରିବାର ସୁଯୋଗ ମିଳିଥିଲା। କିନ୍ତୁ ହରମନପ୍ରୀତ ସିଂହ ଏକାଧିକ ପିସିକୁ ହାତଛଡ଼ା କରିଥିଲେ। ତୃତୀୟକ୍ୱାର୍ଟର ସୁଦ୍ଧା ସ୍ଥିତି ଭାରତ ସପକ୍ଷରେ ୨-୧ରେ ରହିଥିଲା।୪ର୍ଥ କ୍ୱାର୍ଟରରେ ଭାରତ ଉପରେ ସ୍ପେନ ଘନଘନ ଆ।କ୍ରମଣ କରିଥିଲା। ଭାରତ ଅଧିକ ଡିଫେନ୍ସ କରିବାକୁ ଚେଷ୍ଟା କରିଥିଲା। ମ୍ୟାଚ୍ ସରିବାକୁ ୩ ମିନିଟ ବାକି ଥିବା ବେଳେ ସ୍ପେନ ତାର ଗୋଲକିପରଙ୍କୁ ହଟାଇ ଦେଇଥିଲା। ଏଥିସହ ଆକ୍ରମଣକୁ ଆ।ହୁରି ଜୋରଦାର କରିଥିଲା। ହେଲେ ଭାରତୀୟ ଡିଫେନ୍ସ ଏହାକୁ ଅଟାଇକାଇବାକୁ ସକ୍ଷମ ହୋଇଥିଲା। ମ୍ୟାଚ୍ ସରିବାକୁ ୧ ମିନିଟ ୨୪ ସେକେଣ୍ଡ ଥିବା ବେଳେ ସ୍ପେନକୁ ପିସି ମିଳିଥିଲା। ପ୍ରଥମ ପ୍ରୟାସକୁ ଅମିତ ରୋହିଦାସ ଅଟକାଇ ଦେଇଥିଲେ। ତଥାପି ସ୍ପେନକୁ ପୁଣି ପିସି ମିଳିଥିଲା ଏହାକୁ ପିଆ।ର ଶ୍ରୀଜେଶ ଅଟକାଇଥିଲେ ହେଁ ସ୍ପେନ ରିଭ୍ୟୁ ନେଇଥିଲା ହେଲେ ରିଭ୍ୟୁ ନାଖଜ ହୋଇଯାଇଥିଲା। ମ୍ୟାଚ ସରିବାକୁ ୪୪ ସେକେଣ୍ଡ ଥିବା ବେଳେ ସ୍ପେନକୁ ପୁଣି ଗୋଟିଏ ପିସି ମିଳିଥିଲା। ହେଲେ ଏହାକୁ ଅମିତ ଓ ଶ୍ରୀଜେଶ ଅଟକାଇ ଦେଇଥିଲା। ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ମଧ୍ୟ ମ୍ୟାଚ ରୋମାଞ୍ଚିକ ହୋଇଥିଲା। ଏଥିସହ ଭାରତ ମଧ୍ୟ ବ୍ରୋଞ୍ଜ ପଦକ ହାତେଇବାକୁ ସକ୍ଷମ ହୋଇଥିଲା।

### ଅମିତଙ୍କୁ ମିଳିବ ୪ କୋଟି

ଭୁବନେଶ୍ୱର,୮।୮ : ପ୍ୟାରିସ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ହକି ଦଳ ପାଇଁ ପୁରସ୍କାର ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ପ୍ରତ୍ୟେକ ଖେଳାଳିଙ୍କୁ ୧୫ ଲକ୍ଷ ଓ ସପୋର୍ଟ ଷ୍ଟାଫଙ୍କୁ ୧୦ ଲକ୍ଷ ଟଙ୍କା ମିଳିବ। ତେବେ ଟିମ୍‌ରେ ଥିବା ଓଡ଼ିଆ ଖେଳାଳି ଅମିତ ରୋହିଦାସଙ୍କୁ ସ୍ୱତନ୍ତ୍ର ଭାବେ ୪ କୋଟି ପ୍ରଦାନ କରାଯିବ। ଆ।ଜି ସ୍ପେନ୍ ବିରୋଧରେ ବ୍ରୋଞ୍ଜ ପଦକ ପାଇଁ ହୋଇଥିବା ଲଢ଼େଇରେ ଅମିତ ରୋହିଦାସଙ୍କର ରହିଥିଲା ବଡ଼ଯୋଗଦାନ। ସେ ଏକାଧିକ ଗୋଲ୍‌ରୁ ଦଳକୁ ରକ୍ଷା କରିଥିଲେ।

## ଆହୁରି ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୦୮।୮(ମହାଭାରତ): ରାଜ୍ୟରେ ବର୍ତ୍ତମାନ ପଶ୍ଚିମ ଝାଡ଼ଖଣ୍ଡ ଓ ତାର ପାଶ୍ୱବର୍ତୀ ଅଞ୍ଚଳରେ ଏକ ଘୁର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାସହ ମୌସୁମୀ ସକ୍ରିୟ ରହିଥିବା ବେଳେ ଆହୁରି ୪୮ ଘଣ୍ଟା ପ୍ରବଳ ବର୍ଷା ସମ୍ଭାବନା ରହିଛି ବୋଲି କହିଛନ୍ତି ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି। ସେ କହିଛନ୍ତି ଆଜିଠାରୁ ବର୍ଷାର ପରିମାଣ କମିବ। ଆଗାମୀ ୫ ଦିନଯାଏଁ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାକୁ ଥିବା ବେଳେ ଆସନ୍ତା ୨୪ ଘଂଟାରେ କାଉ କାଁଭାଁ ସ୍ଥାନ ଯେପରିକି ସୁନ୍ଦରଗଡ, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ,ବଲାଙ୍ଗୀର ,ନୂଆପଡା, ସମ୍ବଲପୁର ,ବରଗଡ଼ ଓ ଝାରସୁଗୁଡା ଏହି ୯ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱର୍ଣ୍ଣିଂ ଜାରି ରହିଛି। ସେହିପରି ଆସନ୍ତାକାଲି ବରଗଡ଼, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ ଓ କେନ୍ଦୁଝର ଭିଛ ୫ ଜିଲ୍ଲାରେ ପ୍ରବଳ ବର୍ଷା ପାଇଁ ୟେଲୋ ୱର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ୧୦ ତାରିଖ ଠାରୁ ଧୀରେ ଧୀରେ ବର୍ଷାର ପରିମାଣ କମିବା ସହ ପୁଣି ୧୩ ରୁ ପ୍ରବଳ ବର୍ଷା ସମ୍ଭାବନା ଥିବା ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ସେପଟେ ଗତ ୨୪ ଘଂଟାରେ ସାରା ରାଜ୍ୟରେ ହାଲୁକାରୁ ମଧ୍ୟମ ବର୍ଷା ସହ ୫ ସ୍ଥାନରେ ପ୍ରବଳ ବର୍ଷା ହୋଇଥିବା ବେଳେ ନବରଙ୍ଗପୁର ରେ ୧୩୪.୦୦ ମିମି ବର୍ଷା ରେକର୍ଡ ହୋଇଛି ।

## ଭୁବନେଶ୍ୱରରେ ଅନ୍ନପୂର୍ତ୍ତି ଶସ୍ୟ ଏଟିଏମ୍

ଭୁବନେଶ୍ୱର,୮।୮(ମହାଭାରତ): ଓଡ଼ିଶାରେ ଖୋଲିଛି ଭାରତର ପ୍ରଥମ ୨୪ ଘଂଟିଆ ଅନ୍ନପୂର୍ତ୍ତି 'ଶସ୍ୟ ଏଟିଏମ୍' । ଏହାକୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଭୁବନେଶ୍ୱରସ୍ଥିତ ମଂଚେଶ୍ୱରଠାରେ ଏହି 'ଶସ୍ୟ ଏଟିଏମ୍'କୁ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମ ରାଜ୍ୟ ସରକାର ଓ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ସହଯୋଗରେ ଆୟୋଜିତ ହୋଇଛି। ଏହି ଏଟିଏମ୍ ମାଧ୍ୟମରେ ସାଧାରଣ ବଂଟନ ବ୍ୟବସ୍ଥା ଅନ୍ତର୍ଗତ ହିତାଧିକାରୀମାନେ ଯେକୌଣସି ସମୟରେ ସେମାନଙ୍କର ଶସ୍ୟ ପାଇପାରିବେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ପାତ୍ର କହିଲେ ଯେ ଜାତୀୟ ଖାଦ୍ୟ ନିରାପତା ଅଧିନସ୍ଥ ହିତାଧିକାରୀମାନେ ଯେକୌଣସି ସମୟରେ ସେମାନଙ୍କର ଶସ୍ୟ ପାଇପାରିବେ ଏବଂ ଏହି ଏଟିଏମ୍ ରାଜ୍ୟର ସମସ୍ତ ଜିଲ୍ଲାରେ ଖୋଲିବା ପାଇଁ ବ୍ୟବସ୍ଥା କରାଯାଉଛି। ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଦୀର୍ଘ ୬ ଦଶନ୍ଧି ଧରି ଉତ୍ତମ




ସହଭାଗିତା ଜାରି ରହିଛି ଏବଂ ଏହା ଦ୍ୱାରା ତୃଣମୂଳ ସ୍ତରରେ ଗରିବ ଲୋକଙ୍କୁ ସେମାନଙ୍କର ଉପଯୁକ୍ତ ନାର୍ଯ୍ୟ ପ୍ରଦାନ କରାଯାଇପାରିବ ।

ଏହି ଅବସରରେ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଡେପୁଟି କଂଟ୍ରି ଡାଇରେକ୍ଟର ନୋଜୋମି ହାସିମୋଟୋ କହିଲେ ଯେ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଓଡ଼ିଶା ଏକ ମୂଲ୍ୟବୋଧଭିତିକ ଦୃଷ୍ଟାନ୍ତ ସୃଷ୍ଟି କରିଛି ଏବଂ ରାଜ୍ୟର ହିତାଧିକାରୀମାନଙ୍କ ନିମନ୍ତେ ସେମାନଙ୍କୁ ଖାଦ୍ୟଶସ୍ୟ ଯୋଗାଇଦେବାରେ ନିଜସ୍ୱ ବ୍ୟବସ୍ଥାକୁ ସୁଦୃଢ଼ କରିପାରିଛି । ଏହା ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ହେବା ସହ ରାଜ୍ୟ ସରକାର ବ୍ୟବସ୍ଥାଭିତିକ ସମାଧାନ କରିବାରେ ସଫଳ ହୋଇଛନ୍ତି । ଏହି 'ଶସ୍ୟ ଏଟିଏମ୍'କୁ ଦୀର୍ଘ ଏକ ବର୍ଷ ଧରି ପରୀକ୍ଷାନିରୀକ୍ଷା କରିବା ପରେ ଏହାକୁ ରାଜ୍ୟରେ ପ୍ରତିଷ୍ଠା କରାଯାଇଛି। ବ୍ୟାଙ୍କିଂ ଏଟିଏମ୍ ଭଳି ଏଠାରେ ମଧ୍ୟ ୨୪ ଘଂଟିଆ ଶସ୍ୟ ଉପଲବ୍ଧ ହେବ ବୋଲି ସେ ସୂଚନା ଦେଇଛନ୍ତି। ଭାରତବର୍ଷର ଯେକୌଣସି ରାଜ୍ୟର ବାସିନ୍ଦା ବୈଧ ଥିବା ରାସନ୍ କାର୍ଡ଼ ମାଧ୍ୟମରେ ଏଠାରୁ ଚାଉଳ ସଂଗ୍ରହ କରିପାରିବେ।

ଏହି ଏଟିଏମ୍ ୫ ମିନିଟ୍ ରେ ନିର୍ଭୁଲ ଭାବରେ ୫୦ କିଲୋଗ୍ରାମ ଶସ୍ୟ ବାହାର କରିପାରିବ। ହିତାଧିକାରୀମାନେ ପ୍ରଥମେ ବାୟୋମେଟ୍ରିକ୍ ଅଙ୍ଗୁଳି ଛାପ ପ୍ରକ୍ରିୟା ଶେଷ କରିବା ପରେ ଏଟିଏମ୍ ମାଧ୍ୟମରେ ସେମାନଙ୍କ ଖାଦ୍ୟଶସ୍ୟ ପାଇପାରିବେ। ଏହା ଦ୍ୱାରା ଶକ୍ତି ଓ ସମୟର ସଂଚୟ କରାଯାଇପାରିବ।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ରୁଦ୍ରନାରାୟଣ ମହାନ୍ତି, ପରିଚାଳନା ନିର୍ଦ୍ଦେଶକ, ଓଏସ୍‌ସିଏସ୍‌ସି ଶୁଭମ୍ ସାକ୍ସେନା, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଓଡ଼ିଶା ମୁଖ୍ୟ ହିମାଂଶୁ ବାଲ୍, ସାମାଜିକ ନିରାପତା ଓ ଯୋଗାଣ ଶୃଙ୍ଖଳ ମୁଖ୍ୟ ଅଙ୍କିତ୍ ସୁଦ୍, ନିଶାନ୍ତ ଅଗ୍ରୱାଲ, ନୀତିଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ୩୦ ଟଙ୍କାରେ ଆଳୁ ବିକିବେ ସରକାର

ଭୁବନେଶ୍ୱର,୮।୮(ମହାଭାରତ): ରାଜ୍ୟରେ ଆଳୁ ସଙ୍କଟ ଦୂର କରିବା ପାଇଁ ରାଜ୍ୟ ସରକାର ଆଜି ବିଧିବଦ୍ଧ ନିଷ୍ପତ୍ତି ନେଇଛନ୍ତି। ନାଫେଡ୍ ମାଧ୍ୟମରେ ରାଜ୍ୟ ସରକାର ଆ।ଳୁ କିଣିବେ ଓ ଖାଉଟିଙ୍କୁ ଏଣିକି ଆ।ଳୁ ୩୦ଟଙ୍କା ଦରରେ ଯୋଗାଇ ଦିଆ।ଯିବ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଘୋଷଣା କରିଛନ୍ତି।

ରାଜ୍ୟରେ ଆ।ଳୁ ସଙ୍କଟକୁ ନେଇ ଖାଉଟିଙ୍କ ମଧ୍ୟରେ ବଢୁଥିବା ଅସନ୍ତୋଷକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ନାଫେଡ୍ ମାଧ୍ୟମରେ ଆ।ଳୁ ଆ।ଣିବାକୁ ନିଷତ୍ତି ନେଇଛନ୍ତି ପ୍ରଥମ ପର୍ଯ୍ୟାୟରେ ୩ଶହ ମେଟ୍ରିକ ଟନ୍ ଆ।ଳୁ ପାଇଁ ନାଫେଡକୁ ମଧ୍ୟ ଅର୍ଡର ଦିଆ।ଯାଇଛି ନାଫେଡ୍ ମାଧ୍ୟମରେ ଉତ୍ତରପ୍ରଦେଶରୁ ଏହି ଆ।ଳୁ ଅଣାଯିବ। ଆ।ସନ୍ତା ସପ୍ତାହକ ମଧ୍ୟରେ ରାଜ୍ୟରେ ଏହି ଆ।ଳୁ ଉପଲବ୍ଧ ହେବ। ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଯେ, ନାଫେଡ୍ ମାଧ୍ୟମରେ ସରକାର ଆଳୁ କିଣି ଖାଉଟିଙ୍କୁ ସୁଲଭ ଦରରେ ଯୋଗାଇବେ। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର, କଟକ, ରାଉରକେଲା, ସମ୍ବଲପୁର ଓ ବ୍ରହ୍ମପୁରରେ ଥିବା ସରକାରୀ ଖୁଚୁରା ଦେକାନଗୁଡ଼ିକରେ ଏହି ଆ।ଳୁ ଉପଲବ୍ଧ ହେବ। ଏହି ଆ।ଳୁ ନିର୍ଦ୍ଧାରିତ ଦରରେ ବିକ୍ରି ପାଇଁ ମଧ୍ୟ ଆ।ବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ଶ୍ରୀ ପାତ୍ର ଆ।ଜି ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟରେ ଆଗାମୀ ଦୁଇ ଦିନ ମଧ୍ୟରେ ଆଳୁ ସ୍ଥିତି ସ୍ୱାଭାବିକ ହେବ। ଲୋକେ ଆଳୁର ଅଭାବ ନେଇ ଲୋକ ମାନେ ଆତଙ୍କିତ ହୁଅନ୍ତୁ ନାହିଁ। ପଶ୍ଚିମବଙ୍ଗ ଓ ଉତ୍ତର ପ୍ରଦେଶରୁ ଆଳୁ ଆସିବ। ଏନେଇ କଥାବାର୍ତ୍ତା ଚାଲିଛି ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସାମ୍ବାଦିକ ମାନଙ୍କ ସହ କଥାବାର୍ତ୍ତା ବେଳେ ଏହି ସୂଚନା ପ୍ରଦାନ କରିଛନ୍ତି। ସେ କହିଛନ୍ତି ଯେ, ସବୁ ଆଡୁ ଆଳୁ ଆସି ରାଜ୍ୟର ଗୋଦାମରେ ଭର୍ତ୍ତି ହୋଇଯିବ। ଦିନେ, ଦୁଇ ଦିନ ମଧ୍ୟରେ ଆଳୁ ଅଭାବ ସମସ୍ୟାର ସମାଧାନ ହେବ। ବ୍ୟବସାୟୀମାନେ ନିର୍ଦ୍ଦେଶ ଅନୁଯାୟୀ କାମ କରୁଛନ୍ତି ବୋଲି ସେ କହିଛନ୍ତି।

## ଲୋକସଭାରେ ୱାକଫ ସଂଶୋଧନ ବିଲ୍ ଆଗତ

**ନୂଆଦିଲ୍ଲୀ,୮।୮(ଏଜେନ୍ସି):** ଆଜି ଲୋକସଭାରେ ୱାକଫ ସଂଶୋଧନ ବିଲ୍ ୨୦୨୪ ଉପସ୍ଥାପିତ କରିଛନ୍ତି ସଂଖ୍ୟାଲଘୁ ମନ୍ତ୍ରୀ କିରଣ ରିଜିଜୁ। ପୁରୁଣା ୱାକଫ ନିୟମରେ ପରିବର୍ତ୍ତନ ପାଇଁ ୱାକଫ ସଂଶୋଧନ ବିଲ୍ ୨୦୨୪ ଆଗତ କରାଯାଇଛି। ଏହି ବିଲ୍ ଆ।ଗତ ହେବା ମାତ୍ରେ ଗୃହରେ ପ୍ରବଳ ହଟ୍ଟଗୋଳ କରିଛନ୍ତି ବିରୋଧୀ।



ଅଲ୍ ଇଣ୍ଡିଆ ମୁସଲିମ୍ ପର୍ସନାଲ ଲ' ବୋର୍ଡ ଏବଂ ଏଆଇଏମ୍‌ଆଇଏମ୍ ସଭାପତି ଅସଦୁଦ୍ଦିନ ଓୱେସିଙ୍କ ଦଳ ଏହି ବିଲ୍ ବିରୁଦ୍ଧରେ ସ୍ୱର ଉଠାଇଛନ୍ତି। ଧର୍ମ ଆଧାରରେ ଦେଶକୁ ଦୁଇ ଭାଗ କରିବା ଉଦ୍ଦେଶ୍ୟରେ ଏହା କରାଯାଉଥିବା ବିରୋଧୀ କହିଛନ୍ତି। ଏଥିସହ ୱାକଫ ସମ୍ପତ୍ତି ଜବତ ଏବଂ ଏହି ବିଲ୍ ମୁସଲମାନଙ୍କର ଶତ୍ରୁ ବୋଲି ଓୱେସି କହିଛନ୍ତ।ଏହାର ଜବାବ ଦେଇ ରିଜିଜୁ କହିଛନ୍ତି, ବିରୋଧୀ ଭୋଟ୍ ବ୍ୟାଙ୍କ ପାଇଁ ଏହି ସଂଶୋଧନକୁ ବିରୋଧ କରୁଛନ୍ତି। ୱାକଫର ଭିତ୍ତିଭୂମି ଠିକ୍ ନଥିଲା, ୱାକଫ ବୋର୍ଡ ବର୍ତ୍ତମାନ ମାଫିଆ।ଙ୍କ ଅଧୀନରେ ରହିଛି। ତେଣୁ ଏଥିରେ ସଂଶୋଧନ ଅଣାଯିବା ନିହାତି ଆବଶ୍ୟକ। ଏହା କୌଣସି ଧାର୍ମିକ ଅନୁଷ୍ଠାନର ସ୍ୱାଧୀନତାରେ ହସ୍ତକ୍ଷେପ କରିବ ନାହିଁ, ବରଂ ଅଧିକାର ଦେବ। ସେ କହିଛନ୍ତି ଯେ, ଅନେକ ସାଂସଦ ତାଙ୍କୁ ବ୍ୟକ୍ତିଗତ ଭାବେ ଏହି ସଂଶୋଧନକୁ ସମର୍ଥନ କରୁଥିବା ଜଣାଇଛନ୍ତି। କିନ୍ତୁ ଦଳ ଏହାକୁ ବିରୋଧ କରୁଥିବାରୁ ସେମାନେ ସମର୍ଥନ ଜଣାଇ ପାରୁନାହାନ୍ତି। କିନ୍ତୁ ସେ ସାଂସଦମାନଙ୍କ ନାମ କହିପାରିବେ ନାହିଁ ବୋଲି ରିଜିଜୁ କହିଛନ୍ତି।

ପ୍ରକାଶ ଥାଉକି, ୱାକଫ ସଂଶୋଧନ ବିଲ୍ ମାଧ୍ୟମରେ ପୁରୁଣା ନିୟମରେ ଥିବା ପ୍ରାୟ ୪୦ଟି ପରିବର୍ତ୍ତନ ପାଇଁ ଦାବି ଉପସ୍ଥାପିତ ହୋଇଛି। ୧୯୯୫ ଏବଂ ୨୦୧୩ର ୱାକଫ୍ ନିୟମରେ ସଂଶୋଧନ କରାଯିବ। ଏହି ବିଲରେ ୧୯୯୫ର ୱାକଫ ଆ।କ୍ଟର ନାମକୁ ପରିବର୍ତ୍ତନ କରାଯାଇ ୟୁନିଫାଏଡ୍ ୱାକଫ ପରିଚାଳନା, ସଶକ୍ତିକରଣ, ଦକ୍ଷତା ଏବଂ ବିକାଶ ଆଇନ ୧୯୯୫ ରଖାଯିବ।ଏହି ବିଲରେ ଦର୍ଶାଯାଇଛି ଯେ ୧୯୯୫ ଏବଂ ୨୦୧୩ ର ଆଇନ ସତ୍ତ୍ୱେ ରାଜ୍ୟ ୱାକଫ ବୋର୍ଡର କାର୍ଯ୍ୟରେ କୌଣସି ବିଶେଷ ଉନ୍ନତି ପରିଲକ୍ଷିତ ହୋଇ ନାହିଁ ଏବଂ ୱାକଫ ସମ୍ପତ୍ତି ପରିଚାଳନାରେ ସ୍ୱଚ୍ଛତାର ଅଭାବ ରହିଛି। ତେଣୁ ସଂଶୋଧନ ମାଧ୍ୟମରେ ଏସବୁର ସୁଧାର ଆ।ଣିବାକୁ କେନ୍ଦ୍ର ସରକାର ଏହି ବିଲ୍ ଉପସ୍ଥାପନ କରିଛନ୍ତି।

# ବାଂଲାଦେଶରୁ ଅନୁପ୍ରବେଶ ଭୟ

## ସମୁଦ୍ର ଉପରେ ତୀକ୍ଷ୍ଣ ନଜର

ଭୁବନେଶ୍ୱର,୮।୮(ମହାଭାରତ): ଅଶାନ୍ତ ବାଂଲାଦେଶରୁ ଅନୁପ୍ରବେଶକାରୀ ସମୁଦ୍ର ପଥରେ ଓଡ଼ିଶାରେ ପ୍ରବେଶ କରିବାର ସମ୍ଭାବନା ରହିଛି। ତେଣୁ ଆଗୁଆ ସତର୍କ ହୋଇଛି ଓଡ଼ିଶା ସରକାର। ଅନୁପ୍ରବେଶକୁ ରୋକିବା ପାଇଁ ସମୁଦ୍ର କୂଳିଆ ଥାନା ଗୁଡ଼ିକୁ ସତର୍କ କରାଯାଇଛି। ଏଥିସହ ସମୁଦ୍ରରେ ଘନଘନ ପାଟ୍ରୋଲିଂ କରାଯାଉଛି ବୋଲି ପୁଲିସ୍ ଡିଜି ଅରୁଣ କୁମାର ଷଡଙ୍ଗୀ କହିଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ଡିଜିପି ଅରୁଣ କୁମାର ଷଡଙ୍ଗୀ କହିଛନ୍ତି, ବଂଲାଦେଶରେ ରାଜନୈତିକ ଅସ୍ଥିରତା ଦେଖାଦେଇଛି। ତେଣୁ ସେଠାରୁ ଅନୁପ୍ରବେଶକାରୀ ଓଡ଼ିଶା ଆସିବାର ସମ୍ଭାବନା ରହିଛି। ସେଥିପାଇଁ ରାଜ୍ୟର ସବୁ ସମୁଦ୍ର କୂଳିଆ। ଜିଲ୍ଲାରେ ଥିବା ୧୮ ଥାନାକୁ ସତର୍କ କରାଯାଇଛି।ତେବେ ବିଶେଷକରି ସମୁଦ୍ର ପଥରେ ବାଂଲାଦେଶରୁ ପାଖ ପଡୁଥିବା ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ଥିବା ୯ଟି ସାମୁଦ୍ରିକ ଥାନାକୁ ସତର୍କ



ରଖାଯାଇଛି। ପୁରୀରେ ମଧ୍ୟ ପୁଲିସ୍ ସଜାଗ ଅଛନ୍ତି ଅଛନ୍ତି ବୋଲି ଡିଜିପି ଷଡଙ୍ଗୀ କହିଛନ୍ତି।

ସେ ଆ।ହୁରି କହିଛନ୍ତି, ସମୁଦ୍ର କୂଳିଆ ଥାନାକୁ ଅଧିକ ଲୋକ ବଳ ଦିଆ।ଯାଇଛି। ନିୟମ ଅନୁସାରେ ସମୁଦ୍ରରେ ୫ ନଟିକାଲ୍ ମାଇଲ ପର୍ଯ୍ୟନ୍ତ ପାଟ୍ରୋଲିଂ କରାଯିବ। ପାଟ୍ରୋଲିଂ ପାଇଁ ସବୁ ସାମୁଦ୍ରିକ ଥାନା ପାଖରେ ବୋଟ୍ ରହିଛି।ଗୋଟିଏ ଅଧେ ଥାନାରେ ବୋଟ୍ ଥାଇନପାରେ। ତେବେ ସେହି ଅଞ୍ଚଳରେ ପାଖ ଥାନା ପୁଲିସ୍ ପାଟ୍ରୋଲିଂ କରିବ। ଏହାଛଡ଼ା ତଟବର୍ତ୍ତୀ ଅଞ୍ଚଳରେ ରହୁଥିବା ମତ୍ସ୍ୟଜୀବୀ ଓ ଗୁଇନ୍ଦାକୁ ସକ୍ରିୟ କରାଯାଇଛି। ଯଦି କୌଣସି ବୁଟ୍ ଆସୁଛି, ତାହାହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି। ତା'ସହ କୋଷ୍ଟଗାର୍ଡ ଓ ନାଭାଲ୍ ମଧ୍ୟ ପାଟ୍ରୋଲିଂ କରୁଛି। ବର୍ତ୍ତମାନ ପୁଲିସ ସଜାଗ ରହିଛି। ଗୋଷ୍ଠୀଗତ ଗଣ୍ଡଗୋଳ ଯେପରି ନଘଟିବ, ସେଥିପ୍ରତି ମଧ୍ୟ ପୁଲିସ୍ ବିଶେଷ ଧ୍ୟାନ ଦିଆ।ଯାଇଛି ବୋଲି ପୁଲିସ୍ ଡିଜି ଅରୁଣ କୁମାର ଷଡଙ୍ଗୀ କହିଛନ୍ତି।

ସୂଚନାରୁ ପ୍ରକାଶ, ଓଡ଼ିଶାର ସମୁଦ୍ର କୂଳିଆ ଜିଲ୍ଲା ଗୁଡ଼ିକରେ ବହୁ ବାଂଲାଦେଶୀ ଘରଦ୍ୱାର କରି ରହି ଆ।ସୁଛନ୍ତି। ସେମାନଙ୍କ ବଂଶଧରମାନେ ଏବେ ମଧ୍ୟ ବାଂଲାଦେଶରେ ରହୁଛନ୍ତି। ବର୍ତ୍ତମାନ ବାଂଲାଦେଶରେ ଅଶାନ୍ତର ବାତାବରଣ ଖେଳି ଯାଇଥିବାରୁ ସେମାନେ ସମୁଦ୍ର ପଥରେ ଓଡ଼ିଶା ଆସୁଥିବା ଚର୍ଚ୍ଚା ହେଉଛି। ଏଥିସହ ସେମାନଙ୍କ ସହିତ କିଛି ଆ।ତଙ୍କବାଦୀ ମଧ୍ୟ ଆସୁଥିବା ଆଲୋଚନା ହେଉଛି। ଏପରି ଅନୁପ୍ରବେଶକୁ ରୋକିବା ପାଇଁ ସମୁଦ୍ରକୂଳରେ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି।

## ନଭେମ୍ବରରୁ ସାରା ରାଜ୍ୟ ଗସ୍ତ କରିବେ ନବୀନ

ଭୁବନେଶ୍ୱର,୮।୮(ମହାଭାରତ): ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ବିଜୁ ଜନତା ଦଳର ରାଜ୍ୟସ୍ତରୀୟ ସମନ୍ୱୟ କମିଟିର ସଦସ୍ୟମାନେ ଆଜି ସନ୍ଧ୍ୟାରେ ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ଦଳୀୟ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସଭାପତି ଶ୍ରୀ ପଟ୍ଟନାୟକ କହିଥିଲେଯେ ଓଡ଼ିଶାବାସୀ ବିଜୁ ଜନତା ଦଳକୁ ୨୪ ବର୍ଷଧରି ନିରନ୍ତର ଭାବରେ ଆର୍ଶୀବାଦ ଦେଇଆସିଛନ୍ତି ସେଥିପାଇଁ ଆମେ ସମସ୍ତେ ଓଡ଼ିଶାବାସୀଙ୍କ ନକଟରେ ଋଣୀ । ଆଗକୁ କଠିନ ପରିଶ୍ରମ କରି ଲୋକଙ୍କ ସେବା ଜାରି ରଖିବା ପାଇଁ ଶ୍ରୀ ପଟ୍ଟନାୟକ ପରମର୍ଶ ଦେଇଥିଲେ । ଦଳର କର୍ମୀ ଓ ତୃଣମୁଳ ସ୍ତରର ନେତାମାନଙ୍କୁ ଭେଟିବା ପାଇଁ ସଭାପତି ନବୀନ ପଟ୍ଟନାୟକ ଆଗାମୀ ନଭେମ୍ବର ମାସରୁ ସାରା ରାଜ୍ୟ ଗସ୍ତ କରିବେବୋଲି ସୁଚନା ଦେଇଥିଲେ। ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ସାଙ୍ଗଠନିକ ପୁନର୍ଗଠନ ପାଇଁ ସଭାପତିଙ୍କୁ ପ୍ରସ୍ତାବ ଦେଇଥିଲେ।

## ଖୋଲିବନି ନୂଆ ମଦ ଦୋକାନ

ଭୁବନେଶ୍ୱର,୮।୮(ମହାଭାରତ): ରାଜ୍ୟରେ ଆଉ ଖୋଲିବନି ନୂଆ। ମଦ ଦୋକାନ। ଏଥିସହ ଚୋରା ମଦ କାରବାର ବି ସମ୍ପୂର୍ଣ୍ଣ ବନ୍ଦ ହେବ। ଏଥିପାଇଁ ଅବକାରୀ ନୀତିରେ ଆମୁଳଚୁଳ ପରିବର୍ତ୍ତନ କରାଯିବା ସହ ତାହାକୁ ଆହୁରି କଡ଼ାକଡ଼ି କରାଯିବ। ଆ।ଜି ଏପରି ମନ୍ତବ୍ୟ ଦେଇଛନ୍ତି ଆ।ଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।



ଆ।ଜି ଗଣମାଧ୍ୟମ ସହ ଆ।ଲୋଚନା ବେଳେ ଆ।ଇନ୍ ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଆ।ଉ ନୂଆ। ମଦ ଦୋକାନ ଖୋଲିବନି। ଯେଉଁ ମଦନୀତି ଥିଲା ତାହାକୁ ସାବଲୀଳ କରାଯିବ। ବର୍ତ୍ତମାନ ପ୍ରଚଳିତ ମଦ ନୀତିରେ ଥିବା ସମସ୍ୟାକୁ ସୁଚାରୁ ରୂପେ ସମାଧାନ କରାଯିବା ଦିଗରେ ପ୍ରଚେଷ୍ଟା କରାଯାଉଛି।ଏଥିସହ ସେ କହିଛନ୍ତି, ଏହି ନିୟମ ଅନ୍ତରୀଣ ଭାବେ ୭ ମାସ ପାଇଁ ଲାଗୁ କରାଯାଉଛି। ଆ।ସନ୍ତା ବର୍ଷରେ ଯେତେବେଳେ ସମ୍ପୂର୍ଣ୍ଣ ଭାବେ ଅବକାରୀ ନୀତି ପ୍ରଣୟନ କରାଯିବ ସେଥିରେ ଆ।ମୁଳଚୁଳ ପରିବର୍ତ୍ତନ କରାଯିବ।ରାଜ୍ୟରେ ଚୋରା ମଦ କାରବାର ସବୁବେଳେ ମୁଣ୍ଡ ବିନ୍ଧାର କାରଣ ପାଲଟୁଛି।ତେଣୁ ଚୋରାମଦ ବିକ୍ରି ବନ୍ଦ କରିବା ଆ।ମ ସମ୍ମୁଖରେ ଏକ ଚ୍ୟାଲେଞ୍ଜ ବୋଲି କହିଛନ୍ତି ମନ୍ତ୍ରୀ। ତେଣୁ ଆ।ସନ୍ତା ବର୍ଷ ଲାଗୁ ହେବାକୁ ଥିବା ଅବକାରୀ ନିୟମରେ ଅବକାରୀ ନୀତିକୁ ଆ।ହୁରି କଡ଼ାକଡ଼ି କରାଯିବ। ନୂଆ ମଦ ନୀତିରେ ଓଡ଼ିଶାରେ ଚୋରା ମଦ ସଂପୂର୍ଣ୍ଣ ବନ୍ଦ ହେବ। ରାଜ୍ୟରେ ଯେପରି ଆ।ଉ ଚୋରା ମଦ ନ ହୋଇ ପାରିବ ସେ ଦିଗରେ ତୀକ୍ଷଣ ଦୃଷ୍ଟି ଦିଆଯିବା ସହ କଡ଼ା ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ମାଣ୍ଡିଆ ରସାବଳି



**ଆବଶ୍ୟକ ସାମଗ୍ରୀ:** ରାବିଡି ପାଇଁ ନିଅନ୍ତୁ ଗୋଟିଏ ଲିଟର କ୍ଷୀର, ମାଣ୍ଡିଆ ୩ ଚାମଚ, ସୁଜି ଗୋଟେ ଚାମଚ, ଚିନି ଗୋଟେ ଚାମଚ, ତିନୋଟି ଗୁଜୁରାତ

**ପ୍ରସ୍ତୁତି ପ୍ରଣାଳୀ:** ମାଣ୍ଡିଆ, ସୁଜି, ଚିନିକୁ ପକାଇ ମିଶାନ୍ତୁ । ଏବେ ଏଥିରେ ପାଣି ଦେଇ ଗୋଳାନ୍ତୁ । ଏବେ ସେଥିରେ ଗୁଜୁରାତି ୩ଟି ଗୁଣ୍ଡ କରି ପକାଇ ଦିଅନ୍ତୁ । ଏବେ ଏଥିରେ ଟିକେ ଲୁଣ ପକାଇ ମିଶାନ୍ତୁ ।

ଗ୍ୟାସରେ ଗୋଟେ ପ୍ୟାନ ବସାନ୍ତୁ । ଏବେ ଏଥିରେ ଦୁଇ ଚାମଚ ତେଲ ପକାଇବେ । ତେଲ ଗରମ ହୋଇଗଲେ ଏଥିରେ ମାଣ୍ଡିଆକୁ ଛୋଟ ଛୋଟ ପିଠା ଭଳି ପ୍ୟାନରେ ପକାଇବେ । ତେଲ ଗରମ ହୋଇଗଲେ ଏଥିରେ ମାଣ୍ଡିଆକୁ ଗୋଟେ ପ୍ଲେଟ ଉପରେ କାଢି ଦିଅନ୍ତୁ। ଏହା ଉପରେ ରାବିଡିକୁ ଢାଳି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ମାଣ୍ଡିଆ ରସାବଳି ।

## ····· ପରଦା ଖବର ·····

# ସରିଲା ନିର୍ବନ୍ଧ, ଖୁବଶୀଘ୍ର ବିବାହ କରିବେ ନାଗା ଚୈତନ୍ୟ

ଦକ୍ଷିଣ ଭାରତୀୟ ଅଭିନେତ୍ରୀ ସାମନ୍ଥା ରୁଥପ୍ରଭୁଙ୍କ ପୂର୍ବତନ ସ୍ୱାମୀ ତଥା ଅଭିନେତା ନାଗା ଚୈତନ୍ୟଙ୍କର ଅଭିନେତ୍ରୀ ଶୋଭିତା ଧୁଳିପାଲାଙ୍କ ସହ ଗୁରୁବାର ନିର୍ବନ୍ଧ ହୋଇଛି। ସୂଚନା ମୁତାବକ, ହାଇଦରାବାଦର ଜୁବଲୀ ହିଲ୍ସସ୍ଥିତ ନାଗା ଚୈତନ୍ୟଙ୍କ ପିତା ନାଗାର୍ଜୁନଙ୍କ ଘରେ ଏକ ଘରୋଇ ସମାରୋହରେ ଦୁହିଁଙ୍କ ନିର୍ବନ୍ଧ ଶେଷ ହୋଇଛି। ନାଗାର୍ଜୁନ ନିଜେ ସାମାଜିକ ଗଣମାଧ୍ୟମରେ ଉଭୟଙ୍କ ନିର୍ବନ୍ଧ ଫଟୋ ଶେୟାର କରି ସେମାନଙ୍କୁ ଆଶୀର୍ବାଦ ଦେଇଛନ୍ତି।ସେ ଏକ୍ସରେ ଲେଖିଛନ୍ତି, ''ପୁଅ ନାଗା ଚୈତନ୍ୟର ଶୋଭିତା ଧୁଳିପାଲାଙ୍କ ସହ ନିର୍ବନ୍ଧ



ବିଷୟରେ ଘୋଷଣା କରି ମୁଁ ବହୁତ ଖୁସି। ସକାଳ ୯.୪୨ରେ ଦୁହିଁଙ୍କ ନିର୍ବନ୍ଧ ହୋଇଛି। ଆମେ ଶୋଭିତାଙ୍କୁ ପରିବାରକୁ ସ୍ୱାଗତ କରୁଛୁ। ଉଭୟଙ୍କୁ ବହୁତ ଶୁଭେଚ୍ଛା।''ସାମ୍ୟାଙ୍କ ସହ ଛାଡପତ୍ର ପରେ ପରେ ହିଁ ନାଗା ଚେତନ୍ୟଙ୍କ ନାଁ ଶୋଭିତାଙ୍କ ସହ ଯୋଡ଼ି ହୋଇଥିଲା। ଉଭୟଙ୍କୁ ଅନ୍ତର୍ଜାତୀୟ ଭ୍ରମଣରେ ଅନେକ ଥର ଏକାଠି ସମୟ ବିତାଉଥିବା ଦେଖିବାକୁ ମିଳିଛି। ଏହା ବ୍ୟତୀତ ଦୁହେଁ ଅନେକ ସ୍ଥାନରେ ଏକାଠି ନଜର ଆସିଛନ୍ତି। ଏହାପରଠାରୁ ଉଭୟଙ୍କ ପ୍ରେମ ସମ୍ପର୍କ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଆଜି ନିର୍ବନ୍ଧ ଶେଷ ହୋଇଥିବାବେଳେ ଖୁବଶୀଘ୍ର ଉଭୟଙ୍କ ବିବାହ ତାରିଖ ଘୋଷଣା କରାଯିବ।ସୂଚନାଯୋଗ୍ୟ, ସାମ୍ୟା ଓ ନାଗା ଚୈତନ୍ୟ ୨୦୧୭ ମସିହା ଅକ୍ଟୋବର ୬ ତାରିଖରେ ଗୋଆରେ ପ୍ରଥମେ ହିନ୍ଦୁ ରୀତି ନୀତି ଏବଂ ଅକ୍ଟୋବର ୭ରେ ଖ୍ରୀଷ୍ଟିୟାନ ପରମ୍ପରାରେ ବିବାହ କରିଥିଲେ। ୨୦୨୧ ମସିହା ଅକ୍ଟୋବର ୬ରେ ଦୁହିଁଙ୍କର ବିବାହକୁ ୪ ବର୍ଷ ପୂରଣ ହେବାକୁ ଥିବାବେଳେ ଏହା ପୂର୍ବରୁ ଉଭୟଙ୍କ ଛାଡ଼ପତ୍ର ହୋଇଥିଲା।



# ହନୁମାନଙ୍କ ପୂଜାର୍ଚ୍ଚନା ସମୟ



ପ୍ରଭୁ ଶ୍ରୀରାମଙ୍କ ଭକ୍ତ ହନୁମାନ ନିଜ ଭକ୍ତମାନଙ୍କ ଦୁଃଖ ଦୁର୍ଦ୍ଦଶା ସହି ପାରନ୍ତି ନାହିଁ। କାରଣ ହନୁମାନ ଖୁବ୍ ଦୟାଳୁ ବୋଲି ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି। ନିଷ୍ଠାର ସହ ହନୁମାନଙ୍କ ପୂଜା କଲେ ସେ ପ୍ରସନ୍ନ ହୋଇଥାନ୍ତି। ତେବେ ଆସନ୍ତୁ ଜାଣିବା କେଉଁ ସମୟରେ ହନୁମାନଙ୍କ ପୂଜାର୍ଚ୍ଚନା କରାଯାଏ। ଶାସ୍ତ୍ର ବର୍ଣ୍ଣନା ଅନୁସାରେ ପ୍ରଭୁ ହନୁମାନ ଦିନସାରା ଭଗବାନ ଶ୍ରୀରାମଙ୍କ ସେବାରେ ଲାଗିଥାନ୍ତି। ତେଣୁ ରାତି କିମ୍ବା ସଂଧ୍ୟାରେ ପ୍ରଭୁ ଶ୍ରୀରାମ ବିଶ୍ରାମ ନେବା ସମୟରେ ହନୁମାନ ତାଙ୍କ ସେବା କରି ନ ଥାନ୍ତି। ଏହି ସମୟରେ ସେ ନିଜ ଭକ୍ତଙ୍କର ଡ଼ାକ ସହଜରେ ଶୁଣି ଥାଆନ୍ତି। ତେଣୁ ସଂଧ୍ୟା ଅଥବା ରାତିରେ ଶ୍ରଦ୍ଧାର ସହ ହନୁମାନଙ୍କ ପୂଜାର୍ଚ୍ଚନା କଲେ ଭକ୍ତ ସମସ୍ତ ମନବାଞ୍ଛିତ ଫଳ ପ୍ରାପ୍ତି ହୋଇଥାଏ। ଶାନ୍ତ ପରିବେଶରେ ଏକାଗ୍ରତାର ସହ ସଂଧ୍ୟାରେ ପ୍ରଭୁଙ୍କୁ ପୂଜା କଲେ ଆଶୀର୍ବାଦ ମିଳିବା ସହ ଜୀବନରେ ଥିବା ବାଧାବିଘ୍ନ ଦୂର ହୋଇଥାଏ। ହନୁମାନଙ୍କ ପୂଜାର୍ଚ୍ଚନା ସହ ହନୁମାନ ଚାଳିଶା ପାଠ କଲେ ହନୁମାନ ପ୍ରସନ୍ନ ହୋଇଥାନ୍ତି ଓ ଶ୍ରଦ୍ଧାଳୁକୁ ମନବାଞ୍ଛିତ ଫଳ ପ୍ରାପ୍ତି ହୋଇଥାଏ।

# ଧଳା ଜୋତା ସଫା କରିବାର ସହଜ ଉପାୟ

ଧଳା ଜୋତା କିଣିବା ସମୟରେ ସାଧାରଣତଃ ସମସ୍ତେ ଟିକେ ଦ୍ୱନ୍ଦ୍ୱରେ ରହନ୍ତି । ଶୀଘ୍ର ମଇଳା ହୋଇଯାଉଥିବାରୁ ଓ ଦାଗ ଲାଗି ଯାଉଥିବାରୁ ଅଧିକାଂଶ ଲୋକେ ଇଚ୍ଛା ଥିଲେ ବି ଏହାକୁ କିଣିବା ପାଇଁ ପସନ୍ଦ କରିନଥାନ୍ତି ।

ଅନ୍ୟପକ୍ଷରେ ସ୍କୁଲଗୁଡିକରେ ବିଶେଷ ଭାବେ ଧଳା ଜୋତା ଉପରେ ଗୁରୁତ୍ୱ ଦିଆଯାଏ । ତେବେ ଛୋଟ ପିଲା ଏହାକୁ ଶୀଘ୍ର ମଇଳା କରି ଦେଇଥାନ୍ତି । ହେଲେ ଏହାକୁ ନେଇ ବ୍ୟସ୍ତ ହୁଅନ୍ତୁ ନାହିଁ । ଏହାକୁ ବେଶ ସହଜରେ ସଫା କରି ହେବ । ତା'ହେଲେ ଆସନ୍ତୁ ଜାଣିବା ସେସବୁ ସହଜ ଉପାୟଗୁଡିକ ସମ୍ପର୍କରେ.....



ଗୋଟିଏ ପାତ୍ରରେ ଗରମ ପାଣି ନେଇ ସେଥିରେ ବେକିଂ ସୋଡା ଓ ହ୍ୱାଇଟ୍ ଭିନେଗାର ପକାନ୍ତୁ । ଏହାକୁ ଭଲ ଭାବେ ମିଶାନ୍ତୁ । ଏହାପରେ ଜୋତାକୁ ସେଥିରେ ଭିଜାନ୍ତୁ। କିଛି ସମୟ ପରେ ଜୋତାରୁ ଲେସଗୁଡିକୁ ବାହାର କରିନିଅନ୍ତୁ ଓ ତା'ପରେ ବ୍ରଶରେ ଧୀରେ ଧୀରେ ଜୋତାକୁ ସଫା କରନ୍ତୁ । ଦେଖିବେ ଜୋତା ପୂର୍ବ ପରି ସଫା ହୋଇଯିବ ।

ଆପଣ ବ୍ୟବହାର କରୁଥିବା ସ୍କ୍ରବ କିମ୍ବା ପେଷ୍ଟରେ ମଧ୍ୟ ଧଳା ଜୋତାକୁ ସଫା କରିପାରିବେ ।

ବେବି ପାଉଡରରେ ମଧ୍ୟ ଏହାକୁ ସଫା କରିପାରିବେ । ଫେସିଆଲ ସମୟରେ ବ୍ୟବହୃତ ହେଉଥିବା କଷ୍ଟେନର ଓ ବ୍ଲିଚରେ ମଧ୍ୟ ଧଳା ଜୋତାକୁ ସଫା କରିପାରିବେ । କିନ୍ତୁ ଅନେକ ସମୟରେ ବ୍ଲିଚର ବ୍ୟବହାର ଯୋଗୁ ଧଳା ଜୋତା ହଳଦିଆ ହୋଇଯିବାର ଦେଖାଯାଏ ।

ଜଡ଼ା ତେଲ ଓ ସୋରିଷ ତେଲ : ପ୍ରଥମେ ଜଡ଼ା ଓ ସୋରିଷ ତେଲକୁ ମିଶାଇ ଗରମ କରନ୍ତୁ। କିଛି ସମୟ ପରେ ଏହି ମିଶ୍ରଣକୁ ୧୦ ମିନିଟ୍ ପର୍ଯ୍ୟନ୍ତ କେଶରେ ମାଲିସ୍ କରନ୍ତୁ। ୩୦ ମିନିଟ୍ ପରେ ସାମ୍ପୁରେ କେଶକୁ ଧୋଇ ଦିଅନ୍ତୁ। ଏହି ପ୍ରକ୍ରିୟାକୁ ସପ୍ତାହରେ ୨ରୁ ୩ ଥର କରନ୍ତୁ। ଧଳା କେଶରୁ ମୁକ୍ତି ପାଇଁ ଆପଣ ଏହି ମିଶ୍ରଣକୁ ବ୍ୟବହାର କରିପାରିବେ। ଏଥିରେ ଓମେଗା ୬ଫ୍ୟାଟି ଏସିଡ୍ ରହିଥାଏ। ଯାହା ଧଳା କେଶରୁ ମୁକ୍ତି କରିବାରେ ସାହାଯ୍ୟ କରିଥାଏ।

# ବୈଦିକ ସଂସ୍କୃତିରେ ଶିବ ତତ୍ତ୍ୱ

ବୈଦିକ ସଂସ୍କୃତିରେ ଶିବଙ୍କୁ ମଙ୍ଗଳମୟ ସଚ୍ଚିଦାନନ୍ଦ ପରଂବ୍ରହ୍ମ ରୂପେ ଅଭିହିତ କରାଯାଇଥାଏ। ବାସ୍ତବରେ ବୈଦିକ ସାହିତ୍ୟର ଶୈବ ଉପାସନାର ଧାରା ଏଯାବତ ପ୍ରଚଳିତ ରହିଆସିଛି। ଐତିହାସିକମାନେ ଖ୍ରୀ:ପୂ: ୩୦୦୦ରେ ସିନ୍ଧୁ ସଭ୍ୟତାର ବିକାଶ ସମୟରେ ପଶୁପତି ଉପାସନା ପ୍ରଚଳିତ ଥିବା ବିଷୟରେ ମତ ଦେଇଛନ୍ତି। କୂର୍ମ ପୁରାଣ ଓ ବାୟୁ ପୁରାଣ ମତରେ କଳିଯୁଗରେ ନର୍ମଦା ନଦୀ କୂଳରେ କରବଣ ଗ୍ରାମରେ ଶିବ ଏକ ଅଗ୍ନିହୋତ୍ରୀ ବ୍ରାହ୍ମଣ ରୂପରେ ଜନ୍ମ ଗ୍ରହଣ କରିଥିଲେ। ପାତଞ୍ଜଳିଙ୍କ ଯୋଗସୂତ୍ରରେ ଶିବ ଭାଗବତ ମାନଙ୍କ ସମ୍ପର୍କରେ ବର୍ଣ୍ଣନା ରହିଛି। ମେଘାସ୍ଥିନିସ୍‌ଙ୍କ ଐତିହାସିକ ବିବରଣୀରେ ମଧ ଶିବ ଉପାସନା ସମ୍ପର୍କରେ ଉଲ୍ଲେଖ ରହିଛି। କୁଶାଣମାନଙ୍କ ମୁଦ୍ରାରେ ମଧ ଏକ ପାର୍ଶ୍ୱରେ ଶିବ ତ୍ରୀଶୁଳ ଧରିଥିବା ଓ ଅନ୍ୟପାର୍ଶ୍ୱରେ ବୃଷଭ ଥିବାର ଦେଖାଯାଏ। ଗୁପ୍ତଯୁଗରେ ଶୈବଧର୍ମର ବିକାଶ ବିଷୟ ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ମଥୁରା ଶିଳାଲିପିରୁ ଜଣାଯାଏ। ମହାଭାରତ,ଶିବ ପୁରାଣ,ସ୍କନ୍ଦ ପୁରାଣ, କୂର୍ମ ପୁରାଣ, ମତ୍ସ୍ୟ ପୁରାଣ, ଲିଙ୍ଗ ପୁରାଣ ଓ ବିଷ୍ଣୁ ପୁରାଣ ପ୍ରଭୃତିରେ ଶିବଙ୍କ ମହିମା ଓ ଦାର୍ଶନିକ ରହସ୍ୟ ବର୍ଣ୍ଣନା କରାଯାଇଛି।

ସମସ୍ତ ଦର୍ଶନ ସର୍ବପ୍ରଥମେ ଶିବଙ୍କ ମୁଖରୁ ନିଃସୃତ ହୋଇ ଗିରିଜାଙ୍କ କର୍ଣ୍ଣରେ ପ୍ରବେଶ କରିଥିବାରୁ ତନ୍ତ୍ରକୁ ଆଗମ କୁହାଯାଏ। ତନ୍ତ୍ର ମତରେ ଶିବଙ୍କୁ ସକଳ ନିଷ୍କଳ ରୂପେ ଅର୍ଚ୍ଚନା କରାଯାଏ। ସକଳ ଅର୍ଥାତ ସାକାର ରୂପେ ଶିବଙ୍କୁ ପଂଚବକ୍ତ୍ର ଭାବରେ ଧ୍ୟାନ କରାଯାଏ। ସେହି ପଂଚବକ୍ତ୍ର ହେଲେ – ସଦ୍ୟୋଜାତ, ବାମଦେବ, ଅଘୋର, ତତ୍‌ପୁରୁଷ ଓ ଈଶାନ। ନିଷ୍କଳ ରୂପରେ ସେ ନିରାକାର,ନିର୍ଗୁଣ ପରଂବ୍ରହ୍ମ ରୁପରେ ଉପାସିତ। ଅଷ୍ଟମ ଶତାବ୍ଦୀରେ ଆଦି ଶଙ୍କରାଚାର୍ଯ୍ୟ ପ୍ରମାଣିକ ଭାବରେ ସମନ୍ୱୟବାଦର ମତ ପ୍ରବର୍ତନ କରି ପଂଚାୟତନ ପୂଜାର ବ୍ୟବସ୍ଥା କରି ଶୈବ ଦର୍ଶନର ସାର୍ବଭୌମତ୍ୱ ପ୍ରତିଷ୍ଠା କରିଥିଲେ। ତେଣୁ ତାଙ୍କ ମତରେ—



"ନ ଶୈବୋ ନ ଶାକ୍ତୋ ନ ବା ବୈଷ୍ଣବୋ ବା,
ଚିଦାନନ୍ଦ ରୁପଂ ଶିବୋହଂ ଶିବୋହମ୍"।

ଉପମନ୍ୟୁ ଜଣେ ଶ୍ରେଷ୍ଠ ଶିବଭକ୍ତ ଥିଲେ। ଗୁରୁଙ୍କ ନିର୍ଦ୍ଦେଶରେ ଗାଇ ଚରାଉଥିବା ସମୟରେ ବାଛୁରୀର କ୍ଷୀର ଖାଇବାକୁ ବାରଣ ଫଳରେ ଅର୍କପତ୍ର ଖାଇ ସେ ଚକ୍ଷୁ ହରାଇଥିଲେ। ପୁନର୍ବାର ଶିବଙ୍କୁ ଧ୍ୟାନ କରିବା ପରେ ସେ ନିଜର ଚକ୍ଷୁ ଫେରି ପାଇଥିଲେ। ତାଙ୍କ ରଚିତ ଶିବସ୍ତୁତି ଏକ ଅଦ୍ୱିତୀୟ ରଚନା। ଋଷି ମାର୍କଣ୍ଡେୟ ଶିବତତ୍ତ୍ୱର ସମ୍ପୂର୍ଣ୍ଣ ଜ୍ଞାନ ବଳରେ ଓ ତ୍ର୍ୟମ୍ବକ ମନ୍ତ୍ର ଜପକରି ଚିରଞ୍ଜିବୀ ହୋଇଥିଲେ। ଈଶାନ ସଂହିତାରେ ଯଥାର୍ଥରେ ଶିବରାତ୍ରି ବ୍ରତ ସଂପର୍କରେ କୁହାଯାଇଛି- ଶିବରାତ୍ରି ବ୍ରତଂ ପୁଣ୍ୟଂ ସର୍ବପାପ ପ୍ରଣାଶନମ୍। ଆଚାଣ୍ଡାଳ ମନୁଷ୍ୟାଣାଂ ଭୁକ୍ତି, ମୁକ୍ତି ପ୍ରଦାୟକମ୍। ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀରେ ଶିବରାତ୍ରି ପାଳନ କରାଯାଏ। ଏହି ବ୍ରତ ପାଳନ ମୂଳରେ ଏକ ଲୋକକଥା ବହୁଳ ପ୍ରଚଳିତ। ଥରେ ବାରାଣସୀରେ ସୁସ୍ୱର ନାମକ ଗୋଟିଏ ଶିକାରୀ ଏକ ହରିଣ ଶୀକାର କରି ଜଙ୍ଗଲ ମଧ୍ୟରେ ଘରକୁ ଫେରୁଥିବା ସମୟରେ ରାତ୍ରିର ଆଗମନ ଯୋଗୁଁ ସେ ଆଉ ଅଗ୍ରସର ନ ହୋଇ ରାତ୍ର ଯାପନ ପାଇଁ ଗୋଟିଏ ବୃକ୍ଷ ଉପରେ ରହି ରାତ୍ର ଯାପନ କରିଥିଲା। କ୍ଷୁଧା ଓ ଆତ୍ମୀୟଙ୍କ ଚିନ୍ତାରୁ ଦୁଃଖ ସହିତ ତାର ଲୋତକରୁ ଅଶ୍ରୁ ନିର୍ଗତ ହୋଇ ତଳେ ପଡୁଥିଲା। ଅଲକ୍ଷରେ ସେ ବୃକ୍ଷର ପତ୍ରକୁ ଛିଣ୍ଡାଇ ପକାଉଥିଲା। ଯେଉଁ ବୃକ୍ଷ ଉପରେ ସେ ଆଶ୍ରୟ ନେଇଥିଲା ସେ ବୃକ୍ଷଟି ଥିଲା ବେଲ ବୃକ୍ଷ। ଅଲକ୍ଷରେ ବେଲପତ୍ର ଛିଣ୍ଡାଇ ତଳକୁ ପକାଉଥିଲା ମାତ୍ର ତଳେ ଶିବଲିଙ୍ଗଟିଏ ଥିଲା। ତେଣୁ ସେ ଶିକାରୀ ମୃତ୍ୟୁ ପରେ ଅଲକ୍ଷରେ କରିଥିବା ଶିବ ପୂଜାର ପ୍ରଭାବରେ ଶିବଲୋକ ପ୍ରାପ୍ତ ହୋଇଥିଲା। ବାସ୍ତବିକ ଶିବରାତ୍ରିର ମହିମା ଅବର୍ଣ୍ଣନୀୟ। ଚତୁର୍ଦ୍ଦଶୀର ଚାରି ପ୍ରହରରେ ଭକ୍ତମାନେ ଦୁଗ୍ଧ, ଦଧି, ଘୃତ ଓ ମହୁରେ ଶିବଲିଙ୍ଗଙ୍କୁ ଅଭିଷେକ କରି ନାନାବିଧ ପୁଷ୍ପ, ଧୂପ ଓ ନୈବିଦ୍ୟ ସମର୍ପଣ କରନ୍ତି ଏବଂ ରାତ୍ର ଉଜାଗର ରହି ମହାଦୀପ ଦର୍ଶନ କରି କୃତାର୍ଥ ହୁଅନ୍ତି ଓ ନିଜ ଆତ୍ମାରେ ଜ୍ଞାନ ଓ ସତ୍ୟର ଜ୍ୟୋତିକୁ ପ୍ରଜ୍ୱଳିତ କରି ଅଖଣ୍ଡ ଶିବ ଚେତନା ଲାଭ କରିଥାନ୍ତି।

# ଧଳା କେଶରୁ ରକ୍ଷା ପାଇବାର ଘରୋଇ ଉପାୟ

ବ୍ୟସ୍ତ ବହୁଳ ଜୀବନ ମଧ୍ୟରେ ସମସ୍ତେ ସୁନ୍ଦର ଓ ଯବାନ୍ ଦେଖାଯିବାକୁ ଚାହାନ୍ତି। କିନ୍ତୁ ବୟସ, ପ୍ରଦୂଷଣ ଓ ବିଜି ଲାଇଫ୍ ଯୋଗୁ କେଶଗୁଡ଼ିକ ବୟସ ହେବା ପୂର୍ବରୁ ଧଳା ପଡ଼ିଯାଇଥାଏ। ଆଜିକାଲି ଯୁବପୀଢିଙ୍କ ମଧ୍ୟରେ କେଶ ଧଳା ହେବା ଏକ ଗମ୍ଭୀର ସମସ୍ୟା ସୃଷ୍ଟି କରିଛି।



ଅନେକ ମହିଳା ଅଛନ୍ତି, ଯାହାଙ୍କ କେଶ ବୟସ ପୂର୍ବରୁ ଧଳା ପଡ଼ିଯାଇଥାଏ। ଯାହାଫଳରେ କି ଅନେକ ମହିଳା ଧଳା କେଶକୁ ଲୁଚାଇବା ପାଇଁ ବିଭିନ୍ନ କେମିକାଲ୍ ଯୁକ୍ତ ରଙ୍ଗକୁ ବ୍ୟବହାର କରିଥାନ୍ତି। ଏପରି କରିବା ଦ୍ୱାରା କିଛି ଦିନ କେଶଗୁଡ଼ିକ ଧଳା ରହେ କିନ୍ତୁ ଅନ୍ୟାନ୍ୟ ସମସ୍ୟାର ଆଶଙ୍କା ବଢିଯାଇଥାଏ। ଏହି କାରଣରୁ, ଆଜି ଆମେ ଆପଣଙ୍କ ପାଇଁ କିଛି ସହଜ ଘରୋଇ ଟିପ୍ସ କହିବୁ, ଯାହା ଆପଣଙ୍କ କେଶକୁ ଧଳା ହେବାରୁ ରକ୍ଷା କରିବ:

ଅଁଳା : ପ୍ରଥମେ ଆପଣ ତିନିରୁ ଚାରୋଟି ଅଁଳା ନିଅନ୍ତୁ। ଗୋଟେ କପ୍ ନଡ଼ିଆ ତେଲ। ପ୍ରଥମେ ଅଁଳାକୁ ଭଲ ଭାବରେ ଧୋଇ ଛୋଟ ଛୋଟ ଖଣ୍ଡ କରି କାଟି ଦିଅନ୍ତୁ। ପରେ ଏକ ପ୍ୟାନରେ ନଡିଆ ତେଲ ପକାଇ ସେଥିରେ ଅଁଳା ଖଣ୍ଡକୁ ପକାଇ ଭଲ ଭାବରେ ଫୁଟାନ୍ତୁ। ୧୦ ମିନିଟ୍ ଫୁଟାଇବା ପରେ ଏହି ମିଶ୍ରଣକୁ ଏକ ପାତ୍ରରେ ରଖିଦିଅନ୍ତୁ। ପରେ ଏହି ମିଶ୍ରଣକୁ ଆପଣଙ୍କ କେଶରେ ମାଲିସ୍ କରନ୍ତୁ। ଏକରୁ ଦୁଇ ଘଣ୍ଟା ପରେ ସାମ୍ପୁରେ କେଶକୁ ଧୋଇ ଦିଅନ୍ତୁ। ଏହି ପ୍ରକ୍ରିୟାକୁ ସପ୍ତାହରେ ୨ ରୁ ୪ ଥର କରନ୍ତୁ। ଅଁଳା କେଶ ପାଇଁ ଏକ ଟନିକ୍ ଭାବରେ କାମ କରିଥାଏ। ଏଥିରେ ଭିଟାମିନ୍ 'ସି' ରହିଥାଏ। ଏହା କେଶରେ ଆଣ୍ଟିଅକ୍ସିଡାଣ୍ଟ ଏଜେଣ୍ଟ ଭାବରେ କାମ କରିବା ସହିତ କେଶର ଅନେକ ଲାଭ ହୋଇଥାଏ। କେଶକୁ ଘନ କରିବା ସହିତ ମଜଭୁତ ମଧ୍ୟ କରିଥାଏ। ଧଳା ହେବାରୁ ରକ୍ଷା ମଧ୍ୟ କରିଥାଏ।

ଭୃଙ୍ଗରାଜ ପତ୍ର : ନଡ଼ିଆ ତେଲରେ ଭୃଙ୍ଗରାଜ ପତ୍ରକୁ ମିଶାଇ ଭଲ ଭାବରେ ଫୁଟାନ୍ତୁ। ପରେ ତେଲକୁ ଛାଣି ଦେଇ କିଛି ସମୟ ଥଣ୍ଡା କରିଦିଅନ୍ତ। ଏହି ମିଶ୍ରଣକୁ କେଶରେ ମାଲିସ୍ କରନ୍ତୁ। କେଶରେ ଦୁଇରୁ ତିନି ଘଣ୍ଟା ପର୍ଯ୍ୟନ୍ତ ରଖି ସାମ୍ପୁରେ କେଶକୁ ଧୋଇ ଦିଅନ୍ତୁ। ଏହି ପ୍ରକ୍ରିୟାକୁ ସପ୍ତାହରେ ଦୁଇଥର କରନ୍ତୁ। ଆପଣ ଏହାକୁ ଧଳା କେଶର ଚିକିତ୍ସା ଭାବରେ ବ୍ୟବହାର କରିପାରିବେ। ଭୃଙ୍ଗରାଜ ପତ୍ର କେଶରେ ମେଲାନିନ ପିଗମେଣ୍ଟେସନ ବଢିବାରେ ସାହାଯ୍ୟ କରିଥାଏ।

ମହାଭାରତ
# ନଗରନକ୍ସା
ମହାନଗରର ନିଜ ଭାଷା



# ୧୩ ରୁ ରାଜ୍ୟବ୍ୟାପୀ ହରଘର ତ୍ରିରଙ୍ଗା ଅଭିଯାନ





**ଭୁବନେଶ୍ୱର,୮।୮ (ମହାଭାରତ):** ଆଜାଦୀକା ଅମୃତ ମହୋତ୍ସବ ଅଧିନରେ ହରଘର ତିରଙ୍ଗା ଅଭିଯାନ ରାଜ୍ୟ ବ୍ୟାପି ଅନୁଷ୍ଠିତ ହେବ। ଆଗାମୀ ଅଗଷ୍ଟ ୧୫ ତାରିଖରେ ଦେଶ ସ୍ୱାଧୀନତାର ୭୭ ବର୍ଷ ପାଳନ ଅବସରରେ ଏହି ଅଭିଯାନ ଅଗଷ୍ଟ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ରାଜ୍ୟ ବ୍ୟାପି ଅନୁଷ୍ଠିତ ହେବ। ପ୍ରତ୍ୟେକ ଘରେ ଘରେ ଜାତୀୟ ପତାକା ତ୍ରିରଙ୍ଗା ଉଡାଇ ଭାରତର ସ୍ୱାଧୀନତା ଉତ୍ସବ ପାଳିବାକୁ ଉତ୍ସାହିତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଏ ସଂପର୍କରେ ଭାରତ ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ତରଫରୁ ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରେରିତ ପତ୍ର ଆଧାରରେ ଅନ୍ୟ ରାଜ୍ୟ ଭଳି ଆମ ରାଜ୍ୟରେ ହରଘର ତିରଙ୍ଗା ଅଭିଯାନ ଅନୁଷ୍ଠିତ ହେବ। ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ, ସୂଚନା ଓ ଲୋକସଂପର୍କ ବିଭାଗ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା, ମିଶନ ଶକ୍ତି, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା,ପଂଚାୟତି ରାଜ ଓ ପାନୀୟ ଜଳ ବିଭାଗ ଆଦିର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ଏହି ପରିପ୍ରେକ୍ଷୀରେ ରାଜ୍ୟସ୍ତରରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ସଂଧ୍ୟାରେ ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ବୈଠକରେ ଆଲୋଚନା ଅନୁସାରେ ହରଘର ତିରଙ୍ଗା କାର୍ଯ୍ୟକ୍ରମ ପ୍ରତି ଜିଲ୍ଲା, ବ୍ଲକ ସମେତ ପଂଚାୟତ ସ୍ତରରେ ମଧ ଅନୁଷ୍ଠିତ ହେବ। ଗ୍ରାମପଂଚାୟତସ୍ତର କାର୍ଯ୍ୟକ୍ରମରେ ପଂଚାୟତିରାଜ ପ୍ରତିନିଧି, ସ୍ୱୟଂସହାୟକ ଗୋଷ୍ଠୀ, ଜିଲ୍ଲାଜଳ ଓ ପରିମଳ କମିଟିଙ୍କ ସହ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେବେ। ଏଥି ପାଇଁ ପ୍ରସ୍ତୁତି ନିମନ୍ତେ ନିର୍ଦ୍ଦେଶ ନାମା ରାଜ୍ୟ ପଂଚାୟତିରାଜ ଓ ପାନୀୟଜଳ ବିଭାଗ ତରଫରୁ କାର୍ଯ୍ୟାନୁଷ୍ଠାନ ପାଇଁ ସମସ୍ତ ଜିଲ୍ଲାଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରେରଣ କରାଯାଇ ନିର୍ଦ୍ଦେଶ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ ଜାତୀୟପତାକା ସହ ସେଲଫି www.harghartringa.comରେ ଅପଲୋଡ କରିବାକୁ ଅନୁରୋଧ କରାଯାଇଛି। ୨୦୨୨ରେ ଅନୁଷ୍ଠିତ ହରଘର ତିରଙ୍ଗା ଅଭିଯାନରେ ଦେଶର ୨୩ କୋଟି ଜନତା ସାମିଲ ହେବା ସହ ୭ କୋଟି ଜନତା ସେଲଫି ଉଠାଇ ପୋର୍ଟାଲରେ ଅପଲୋଡ କରିଥିଲେ। ଅଗଷ୍ଟ ୨୦୨୩ରେ ୧୦କୋଟିରୁ ଉର୍ଦ୍ଧ୍ୱ ଜନସାଧାରଣ ସେଲଫି ୱେବସାଇଟରେ ପୋଷ୍ଟକରିଥିଲେ।

ଚଳିତ ବର୍ଷ ହରଘର ତିରଙ୍ଗା ବ୍ୟାନରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବାକୁ ରାଜ୍ୟସରକାରଙ୍କ ତରଫରୁ ପଦକ୍ଷେପ ନିଆଯିବ । ଏହିପରିପ୍ରେକ୍ଷୀରେ ତ୍ରିରଙ୍ଗା ଶପଥ ଓଡିଆ ଭାଷାରେ ନିଆଯିବ। ସ୍ଥାନୀୟ ନେତୃବୃନ୍ଦ, ବିଦ୍ୟାଳୟ, ମହାବିଦ୍ୟାଳୟ, ବିଭିନ୍ନ ଅନୁଷ୍ଠାନ ଓ ଜନସାଧାରଣ ଜାତୀୟ ପତାକା ସହ ତ୍ରିରଙ୍ଗା ଯାତ୍ରାରେ ସାମିଲ ହେବେ। ରାଜ୍ୟସ୍ତରରେ, ସହରାଞ୍ଚଳରେ, ଜିଲ୍ଲା, ବ୍ଲକ୍ ଓପଂଚାୟତି ସ୍ତରରେ ତ୍ରିରଙ୍ଗାଯାତ୍ରା ଅନୁଷ୍ଠିତ ହେବ। ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ସଙ୍ଗୀତ ସମାରୋହ ଅନୁଷ୍ଠିତ ହେବ। ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସେମାନଙ୍କ ପରିବାରଙ୍କୁ ଏଥିରେ ସାମିଲ କରାଯିବ। ରାଜ୍ୟସ୍ତରରେ ଏବଂ ଜିଲ୍ଲା ସ୍ତରୀୟ ଉତ୍ସବର ତ୍ରିରଙ୍ଗା କାନଭାସ ରଖାଯିବ, ଯେଉଥିରେ ଜନସାଧାରଣ ହରଘର ତିରଙ୍ଗା ଏବଂ ଜୟହିନ୍ଦ ଲେଖି ଅଭିଯାନରେ ସାମିଲ ହେବେ। ଜାତୀୟ ପତାକାର ସାଇଜ ୨:୩ ଅନୁପାତ ହେବା ସହ ଏହା କପଡାରେ ତିଆରି ହୋଇଥିବ। ମିଶନ ଶକ୍ତି ବିଭାଗ ତରଫରୁ ସ୍ୱୟଂ ସହାୟକ ଗୋଷ୍ଠୀ ସହଯୋଗରେ ଜାତୀୟ ପତାକା ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ମୋହନ ସୁନ୍ଦର ଦେବଗୋସ୍ୱାମୀ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ କରି ସର୍ବସାନ୍ତ ହୋଇଥିଲେ

**ଭୁବନେଶ୍ୱର,୮।୮ (ମହାଭାରତ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତା ବିବାହ'ର ନିର୍ମାତା ମୋହନ ସୁନ୍ଦର ଦେବଗୋସ୍ୱାମୀଙ୍କର ୧୩୩ ତମ ଜୟନ୍ତୀ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ଉତ୍କଳ ସଂଗୀତ ମହାବିଦ୍ୟାଳୟ ପରିସରସ୍ଥ ପ୍ରତିମୂର୍ତ୍ତିସ୍ଥଳୀରେ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ନିମାକାନ୍ତ ରାଉତରାୟ, ଗାନ୍ଧୀବାଦୀ ବିଜୟ କୁମାର ତ୍ରିପାଠୀ, ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ସତ୍ୟବ୍ରତ ଜେନା, ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ/ଅଧ୍ୟାପିକା ମଣ୍ଡଳୀଙ୍କ ସମେତ ବହୁ ବର୍ଗର ବ୍ୟକ୍ତିବିଶେଷ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ନିଜ ବକ୍ତବ୍ୟରେ ମୋହନ ସୁନ୍ଦର ଦେବଗୋସ୍ୱାମୀଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ । ଓଡ଼ିଶୀ ସଂଗୀତ, ଓଡ଼ିଶୀ ନୃତ୍ୟ, ଗୋଟିପୁଅ ନୃତ୍ୟର ବିକାଶ ପାଇଁ କାର୍ଯ୍ୟକରି ବିଦ୍ୟାର୍ଥୀମାନଙ୍କୁ ଶିକ୍ଷାଦାନ କରୁଥିଲେ । ତାଙ୍କ ରାସ ଦଳରେ ଗୁରୁ କେଳୁଚରଣ ମହାପାତ୍ରଙ୍କ ଭଳି ପ୍ରତିଭା ପ୍ରାଥମିକ ଜୀବନରେ ନୃତ୍ୟ ସାଧନା କରି ପରବର୍ତ୍ତୀ ଅବସ୍ଥାରେ ନିଜକୁ ସୁପ୍ରତିଷ୍ଠିତ କରିପାରିଥିଲେ । ଭାରତର ପ୍ରଥମ ଚଳଚ୍ଚିତ୍ର ହରିଶ୍ଚନ୍ଦ ନିର୍ମାଣ ପରେ ସେ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ ପାଇଁ ମନବଳାଇ ସୀତା ବିବାହ ଚଳଚ୍ଚିତ୍ରର ପ୍ରଯୋଜକ, ନିର୍ଦ୍ଦେଶକ ଓ ଅଭିନେତା ଭାବରେ କାର୍ଯ୍ୟ କରିଥିଲେ । ଏହି ଚଳଚ୍ଚିତ୍ର ନିର୍ମାଣ ପାଇଁ ସେ ତାଙ୍କ ସମସ୍ତ ସଞ୍ଚିତ ଅର୍ଥକୁ ବ୍ୟୟ କରିବା ସହିତ ଋଣ କରି ଏପରିକି ନିଜ ଭୂସମ୍ପତ୍ତି ବିକ୍ରୟ କରି ସର୍ବସ୍ୱାନ୍ତ ହୋଇଯାଇଥିଲେ । ଓଡ଼ିଶାର କଳା, ସଂସ୍କୃତିର ବିକାଶ ପାଇଁ ତାଙ୍କ ଅବଦାନ ଅବିସ୍ମରଣୀୟ ବୋଲି ବକ୍ତାମାନେ ସ୍ମୃତିଚାରଣ କରିଥିଲେ । ପରିଶେଷରେ ଓଡ଼ିଶା ରାଜ୍ୟ ଅଭିଲେଖାଗାରର ଅଧିକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ଗାଡି ପାର୍କିଂରୁ ଡବଲ ମର୍ଡର ଘଟଣା

## ଗଠନ ହେଲା ସ୍ପେଶାଲ୍ ସ୍କ୍ୱାର୍ଡ : ୪ ଅଟକ

**ଭୁବନେଶ୍ୱର,୮।୮ (ମହାଭାରତ):** ଗାଡି ପାର୍କିଂରୁ ଡବଲ ମର୍ଡର। ଭୁବନେଶ୍ୱର ଏୟାରଫିଲଡ୍ ଥାନା ଅନ୍ତର୍ଗତ କଣ୍ଟିଲୋ ଗାଁ ନିକଟସ୍ଥ କଲ୍ୟାଣ ପ୍ଲାଜା ଆନେକ୍ସ ଆପାର୍ଟମେଣ୍ଟ ଗେଟ ନିକଟରେ ଏହି ଘଟଣା ଘଟିଛି। ମୃତକ ଦୁଇଜଣ ହେଉଛନ୍ତି ରଶ୍ମି ରଞ୍ଜନ ସେଠୀ ଓ ସମ୍ବିତ ରାଉତ। ରଶ୍ମିଙ୍କ ଘର କୁହା ଗାଁରେ ହୋଇଥିବା ବେଳେ ବବଲୁଙ୍କ ଘର କେନ୍ଦ୍ରାପଡା ବୋଲି ଜଣାପଡିଛି। ପୂର୍ବ ଶତ୍ରୁତା ଓ ପାର୍କିଂ ନେଇ ବିବାଦରୁ ଏହି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଛି।

ରଶ୍ମି ରଞ୍ଜନ ଓ ସମ୍ବିତ ସ୍ଥାନୀୟ ଅଞ୍ଚଳର ଏକ କୋଠାଘରେ ରହୁଥିଲେ। ଉଭୟଙ୍କର ଚିକେନ ଦୋକାନ ରହିଛି। ସେହିପରି ହତ୍ୟାକାରୀ ଦୁଇଜଣ ହେଲେ ଗଣେଶ ମଲ୍ଲିକ ଓ ପପୁ ମଲ୍ଲିକ ବୋଲି ପ୍ରାଥମିକ ସୂଚନାରୁ ଜଣାପଡିଛି। ତେବେ ଏହି ହତ୍ୟାକାରୀଙ୍କୁ ଖୋଜୁଛି ପୋଲିସ। ଏନେଇ ସ୍ୱତନ୍ତ୍ର ଟିମ ଗଠନ କରି ରେଡ କରିଛି ଏୟାରଫିଲଡ୍ ଥାନା ପୋଲିସ। ଗତକାଲି ବିଳମ୍ବିତ ରାତିରେ ଗଣେଷ ମଲ୍ଲିକ ଓ ତା ସହଯୋଗୀଙ୍କ ସହ ଦୁଇ ସାଙ୍ଗଙ୍କ ଗାଡି ପାର୍କିଂ ନେଇ ବିବାଦ ହୋଇଥିଲା। କାମ ସାରି ଦୋକାନ ବନ୍ଦ କରି ଘରକୁ ଫେରୁଥିବା ବେଳେ ଗଣେଷ ଓ ତା ସହଯୋଗୀ ଉଭୟଙ୍କୁ ଋପଡରେ ହାଣି ହତ୍ୟା କରିଥିବା ଜଣାପଡିଛି। ହତ୍ୟାପରେ ଗଣେଷ ଓ ସହଯୋଗୀ ପ୍ରଦୀପ ମଲ୍ଲିକ ଫେରାର ହୋଇଛନ୍ତି। ଗଣେଷଙ୍କ ପତ୍ନୀ ଏବଂ ଅନ୍ୟ ୪ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସର ସ୍ପେଶାଲ୍ ସ୍କ୍ୱାର୍ଡର ଚଢାଉ ଜାରି ରହିଛି।

## ମୁଖ୍ୟମନ୍ତ୍ରୀଙ୍କ ସହ ଓବିସି ମୋର୍ଚ୍ଚାର ପ୍ରତିନିଧିଦଳଙ୍କ ଆଲୋଚନା



**ଭୁବନେଶ୍ୱର,୮।୮ (ମହାଭାରତ):** କେନ୍ଦ୍ରରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ବିଜେପି ସରକାର ପଛୁଆ ବର୍ଗମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ କଲ୍ୟାଣମୂଳକ ଯୋଜନାଗୁଡିକର ଉପଯୁକ୍ତ କାର୍ଯ୍ୟାନ୍ୱୟନ କରୁଥିବାବେଳେ ରାଜ୍ୟରେ ବିଗତ ବିଜେଡି ସରକାରର ଆନ୍ତରିକତାର ଅଭାବ କାରଣରୁ ପଛୁଆବର୍ଗର ବ୍ୟକ୍ତିବିଶେଷ ଏ ସମସ୍ତ ସୁବିଧାରୁ ବଂଚିତ ହୋଇଛନ୍ତି। କେନ୍ଦ୍ର ସରକାର ଏବଂ ଅନ୍ୟାନ୍ୟ ରାଜ୍ୟ ସରକାରମାନେ ଶିକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ନାମଲେଖା ପାଇଁ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରୁଛନ୍ତି। ମାତ୍ର ଓଡିଶାରେ ହଜାର ହଜାର ଓବିସି ଓ ଏସଇବିସି ବର୍ଗ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷାରୁ ବଂଚିତ ହେଉଛନ୍ତି । ସେହିପରି ନିଯୁକ୍ତି କ୍ଷେତ୍ରରେ ପଛୁଆ ବର୍ଗର ଲୋକମାନଙ୍କୁ ୧୧.୨୫ ପ୍ରତିଶତ ସଂରକ୍ଷଣ ଦେବାରେ ପ୍ରତାରଣା କରିଛି ବିଜେଡି ସରକାର । ପଂଚାୟତ ଓ ପୌର ନିର୍ବାଚନରେ ପଛୁଆବର୍ଗ ପ୍ରାର୍ଥୀମାନଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣକୁ ବିଜେଡି ସରକାର ୨୦୨୨ ମସିହାଠାରୁ ବନ୍ଦ କରିଦେଇଛନ୍ତି। ଦେଶର ସବୁ ରାଜ୍ୟରେ ଓବିସି ଫାଇନାନ୍ସ ଡେଭେଲପମେଂଟ କର୍ପୋରେସନ ମାଧ୍ୟମରେ ପଛୁଆ ବର୍ଗର ଯୁବକଯୁବତୀମାନଙ୍କୁ ଆତ୍ମନିଯୁକ୍ତି ପାଇଁ ଋଣ ତଥା ଦକ୍ଷତା ପ୍ରଶିକ୍ଷଣ ପ୍ରଦାନ କରିବାର ପ୍ରାବଧାନ କେନ୍ଦ୍ର ସରକାର କରିଛନ୍ତି । କିନ୍ତୁ, ଓଡିଶାରେ ଏହି ଋଣ ଅର୍ଥକୁ ଦଳୀୟ ଭିତିରେ ଆବଂଟନ କରି ୨୦୦୮ ମସିହାଠାରୁ ସଂପୂର୍ଣ୍ଣ ଅଚଳ କରିଦିଆଯାଇଛି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଏହି ନିଗମର ପୁନରୁଦ୍ଧାର କରାଗଲେ ଓଡିଶାର ଲକ୍ଷ ଲକ୍ଷ ଯୁବକ ଯୁବତୀ ଆତ୍ମନିର୍ଭର ହୋଇପାରନ୍ତେ । ବିଜେଡି ସରକାର ଦ୍ୱାରା ପଛୁଆ ବର୍ଗ ସର୍ଭେର ଏକ ପ୍ରହସନ ଚଲାଇ ଓବିସି ବର୍ଗକୁ ଛଳନା କରାଯାଇଛି । ରାଜ୍ୟର ଏକ ସ୍ୱତନ୍ତ୍ର ବିଭାଗ ଖୋଲାଗଲେ, ୫୪ ପ୍ରତିଶତ ପଛୁଆ ବର୍ଗ ଲୋକମାନେ ବିଶେଷ ଉପକୃତ ହୋଇପାରନ୍ତେ ବୋଲି ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ କହିଛନ୍ତି । ଏହି ପରିପ୍ରେକ୍ଷୀରେ ରାଜ୍ୟ ଓବିସି ମୋର୍ଚ୍ଚାର ଏକ ପ୍ରତିନିଧି ଦଳ ଆଜି ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ କରି ଉପରୋକ୍ତ ପ୍ରସଙ୍ଗଗୁଡ଼ିକୁ ଅଗ୍ରାଧିକାର ଭିତିରେ ବିଚାର କରିବା ପାଇଁ ନିବେଦନ କରାଯାଇଛି ବୋଲି ଶ୍ରୀ ବିଶ୍ୱାଳ ସୁଚନା ଦେଇଛନ୍ତି । ଏହି ପ୍ରତିନିଧି ଦଳରେ ପୂର୍ବତନ ବିଧାୟକ ତଥା ରାଜ୍ୟ ଉପସଭାପତି ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ମୋର୍ଚ୍ଚାର ରାଜ୍ୟ ଉପସଭାପତି ତଥା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ସୁକାନ୍ତ ବିଶ୍ୱାଳ, ରାଜ୍ୟ ସାଧାରଣ ସଂପାଦକ ଜ୍ଞାନେନ୍ଦ୍ର ସ୍ୱାଇଁ, ସିଦ୍ଧାର୍ଥ ପତି, ସନ୍ତୋଷ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଗ୍ରାମାଞ୍ଚଳରେ ଦୁର୍ଘଟଣା ହ୍ରାସ ଉପରେ ପ୍ରାଧାନ୍ୟ



**ଭୁବନେଶ୍ୱର,୮।୮ (ମହାଭାରତ):** ରାଜ୍ୟରେ ଦୁର୍ଘଟଣା ଓ ତଦଜନିତ ମୃତ୍ୟୁସଂଖ୍ୟା ହ୍ରାସକୁ ପ୍ରାଧାନ୍ୟ ଦେଇଛି ବାଣିଜ୍ୟ ଓ ପରିବହନ ବିଭାଗ । ବିଶେଷକରି ଗ୍ରାମାଞ୍ଚଳ ଓ ଅଧିକ ଦୁର୍ଘଟଣାପ୍ରବଣ ଜିଲ୍ଲା ଉପରେ ବିଶେଷ ଧ୍ୟାନ ଦିଆଯିବ । ଏ ସଂକ୍ରାନ୍ତରେ ଆଗକୁ ପଦକ୍ଷେପ ନେବା ଲକ୍ଷ୍ୟରେ ଆଇଆଇଟି ମାଡ୍ରାସର ପ୍ରତିନିଧିଙ୍କ ସହ ଖାରବେଳ ଭବନରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଓ ପରିବହନ କମିସନର ଅମିତାଭ ଠାକୁର ଆଲୋଚନା କରିଛନ୍ତି । ଆଇଆଇଟି ମାଡ୍ରାସ ପକ୍ଷରୁ ସେଣ୍ଟର ଅଫ ଏକସିଲେନ୍ସ ଫର ରୋଡ୍ ସେଫଟିର ମୁଖ୍ୟ ଡ. ଭେଙ୍କଟେଶ ବାଲାସୁବ୍ରମଣ୍ୟମ ବିସ୍ତୃତ ଭାବେ ତାଙ୍କର ମତାମତ ଉପସ୍ଥାପିତ କରିଥିଲେ।

ଆଧୁନିକ ଜ୍ଞାନକୌଶଳ ଓ ସୁବ୍ୟବସ୍ଥିତ ଢଙ୍ଗରେ ସଡ଼କ ସୁରକ୍ଷା କାଯରୟକୁ କିଭଳି ପରିଚାଳନା କରାଯିବ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ଦୁର୍ଘଟଣା କାହିଁକି ଘଟୁଛି, କିପରି ଏହାକୁ କମ କରାଯାଇପାରିବ, ଦୁର୍ଘଟଣାଗ୍ରସ୍ତଙ୍କ ଜୀବନ କିଭଳି ରକ୍ଷା କରାଯାଇପାରିବ ସେ ଦିଗରେ ଆଲୋଚନା ହୋଇଥିଲା । ସଡ଼କ ବ୍ୟବହାର କାରୀଙ୍କୁ ସଚେତନ କରିବା ଉପରେ ଓଡ଼ିଶା ଗୁରୁତ୍ୱ ଦେଉଛି । ଏ ଦିଗରେ ନିଆଯିବାକୁ ଥିବା ସମସ୍ତ ପଦକ୍ଷପର ପ୍ରଭାବ ଓ ସମୟସୀମା ଉପରେ ପ୍ରମୁଖ ଶାସନ ସଚିବ ଗୁରୁତ୍ୱ ଦେଇଥିଲେ।

ଦୁର୍ଘଟଣା ତଥ୍ୟରୁ ସମାଧାନର ସୂତ୍ର ବାହାର କରାଯିବ । ପୂର୍ବରୁ ରାଜ୍ୟ ସଫଳତାର ସହ ଏ ଦିଗରେ କାର୍ଯ୍ୟ କରୁଛି । ତେବେ ଏଥିରେ ଅଧିକ ସଫଳତା ହାସଲ ଦିଗରେ ଜାତୀୟ ଅନ୍ତର୍ଜାତୀୟ ସ୍ତରର ବିଶେଷଜ୍ଞ ଓ ସଂସ୍ଥାମାନଙ୍କ ସହଯୋଗ ନିଆଯିବ।

ଆଇଆଇଟି ମାଡ୍ରାସ ଏ କ୍ଷେତ୍ରରେ ଜାତୀୟ ସ୍ତରରେ ହେଉ କିମ୍ବା ବିଭିନ୍ନ ରାଜ୍ୟ ସହ ସହଭାଗୀ ହୋଇ କାର୍ଯ୍ୟ କରୁଛି । ତଥ୍ୟ ସଂଗ୍ରହ ପାଇଁ ଆଧୁନିକ ପଦ୍ଧତି ବ୍ୟବହାର, ଏହାର ବିଶ୍ଳେଷଣ ଓ ସମାଧାନ କ୍ଷେତ୍ରରେ ସୁନାମ ରହିଛି । କେମିତି ସଡ଼କ ସୁରକ୍ଷାକୁ ନେଇ ଓଡିଶାର ଗ୍ରାମାଞ୍ଚଳରେ ସଫଳତାର ସହ କାର୍ଯ୍ୟ କରିହେବ ସେ ଦିଗରେ ସେମାନେ ଯୋଜନା ପ୍ରସ୍ତୁତ କରିବେ। ଖଣି ଅଞ୍ଚଳ ମୁଖ୍ୟ ଫୋକସରେ ରହିବ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ପରିବହନ କମିସନର ଲାଲମୋହନ ସେଠୀ, ଯୁଗ୍ମ ପରିବହନ କମିସନର ପ୍ରଦୀପ କୁମାର ମହାନ୍ତି ଓ ବିକାଶ ଚୌଧୁରୀ, ବିଭାଗର ଯୁଗ୍ମ ନିର୍ଦ୍ଦେଶକ ତପନ କୁମାର ମିଶ୍ର, ସ୍ୱତନ୍ତ୍ର ଅଧିକାରୀ ଭ୍ରମରବର ମହାପାତ୍ର ଓ ସେଣ୍ଟର ଅଫ ଏକସିଲେନ୍ସ ଫର ରୋଡ୍ ସେଫଟିର ପ୍ରତିନିଧି ଅତୁଲ ସିଂହ ପ୍ରମୁଖ ଆଲୋଚନାରେ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ।

## ସତ୍ୟଜିତର ଗୁମର ଖୋଲିବାକୁ ରାଜ୍ୟ ବାହାରକୁ ଯିବ ପୋଲିସ

**ଭୁବନେଶ୍ୱର,୮।୮ (ମହାଭାରତ):** ଯେତେ ଖୋଲୁଛି ସେତେ ବାହାରୁଛି ୯୯ ରାଣୀଙ୍କ ମନର ରାଜା ରସିକନାଗର ସତ୍ୟଜିତର ଗୁମର କ୍ଷ ଅଧିକ ଗୁମର ବାହାର କରିବା ପାଇଁ ରାଜ୍ୟ ବାହାରକୁ ଯିବ କମିଶନରେଟ୍ ପୋଲିସ । ଏନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ଡିସିପି ପ୍ରତୀକ ସିଂ।ସତ୍ୟଜିତ୍ ସମ୍ପର୍କ ରଖିଥିବା ବାହାର ରାଜ୍ୟର ମହିଳାଙ୍କୁ ଭେଟିବ ଟିମ୍ । ପୀଡ଼ିତାଙ୍କ ସହ ଆଲୋଚନା କରି ଅଭିଯୋଗ ଗ୍ରହଣ କରିବ କମିଶନରେଟ ପୋଲିସ। ପୋଲିସର କହିବା ଅନୁସାରେ କଲିକତା ଓ ରାୟପୁରରେ ଏକାଧିକ ଡିଭୋର୍ସିଙ୍କ ସହ ସମ୍ପର୍କ ରଖିଥିଲା ସତ୍ୟଜିତ। ସତ୍ୟଜିତ୍ ଗିରଫ ପରେ ତା ଆକାଉଣ୍ଟରୁ ଟଙ୍କା ଉଠାଇଛନ୍ତି ଜଣେ ମହିଳା। ତେବେ ରସିକ ସତ୍ୟଜିତକୁ ପୁଣି ଥରେ ରିମାଣ୍ଡରେ ଆଣି ପଚରାଉଚରା କରିବା ପାଇଁ ଆବେଦନ କରିଛି ପୋଲିସ।

ସୂଚନା ଅନୁସାରେ, ଦୁଇ ଦିନିଆ। ରିମାଣ୍ଡରେ ନେଇ ରସିକ ସତ୍ୟଜିତର ଅନେକ ରହସ୍ୟ ଖୋଲିଛି କମିଶନରେଟ ପୋଲିସ। ପୂର୍ବରୁ ୪୯ ଜଣ ମହିଳାଙ୍କ ସହ ଲିଙ୍କ ଥିବା ନେଇ କୁହାଯାଉଥିବା ବେଳେ ଏବେ ପ୍ରକୃତ ସତ ବାହାରିଛି। ୪୯ ନୁହେଁ ବରଂ ୯୯ ମହିଳାଙ୍କ ସହ ଥିଲା ସତ୍ୟଜିତର ସମ୍ପର୍କ। ରିମାଣ୍ଡରେ ନେଇ ପଚରା ଉଚରା ସମୟରେ ଫେକ୍ ପୋଲିସ ଆଇଡି ସହ ପାସପୋର୍ଟ ଜବତ କରିଛି ପୋଲିସ। ଅଭିଯୁକ୍ତ ସତ୍ୟଜିତର ମୋବାଇଲ ଯାଞ୍ଚ ପରେ ଏକାଧିକ ମହିଳାଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ଥିବା ଜଣାପଡିଛି। ଏଥିସହିତ ଅଭିଯୁକ୍ତ ଅନେକ ମହିଳାଙ୍କ ଭିଡ଼ିଓ ସୁଟ କରି ଯେଉଁ ପେନଡ୍ରାଇଭରେ ରଖିଥିଲା ତାହାକୁ ମଧ୍ୟ ଜବତ କରିଛି ପୋଲିସ।

## ହର ଘର ତ୍ରିରଙ୍ଗା ଅଭିଯାନ ପ୍ରସ୍ତୁତିର ସମୀକ୍ଷା

**ଭୁବନେଶ୍ୱର,୮।୮ (ମହାଭାରତ):** ଆସନ୍ତା ୭୭ତମ ସ୍ୱାଧୀନତା ଦିବସକୁ ଦୃଷ୍ଟିରେ ରଖି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ରାଜ୍ୟବ୍ୟାପୀ ପୌର ସଂସ୍ଥାଗୁଡିକର ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଭିଡିଓ କନଫରେନ୍ସିଂ ଜରିଆରେ ଅନୁଷ୍ଠିତ ଏହି ବୈଠକରେ ଡିଏମ୍ଏ ଦେବାଶିଷ ସିଂହ ଓ ଅତିରିକ୍ତ ସଚିବ ରବୀନ୍ଦ୍ରକୁମାର ସାହୁଙ୍କ ସମେତ ୫ଟି ମହାନଗର ନିଗମ ସମେତ ସମସ୍ତ ପୌରସଂସ୍ଥାର କମିସନର ଓ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଉପସ୍ଥିତ ଥିଲେ। ସମୀକ୍ଷା ସମୟରେ ଶ୍ରୀମତୀ ପାଢ଼ୀ ଦେଶଭକ୍ତି ଓ ଏକତାର ଭାବନା ନେଇ ସ୍ୱାଧୀନତା ଦିବସ ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ହର ଘର ତ୍ରିରଙ୍ଗା ଅଭିଯାନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ସେ ସମସ୍ତ ପୌରସଂସ୍ଥାମାନଙ୍କୁ ଅନୁରୋଧ କରିଥିଲେ ଏବଂ ପ୍ରତ୍ୟେକ ପରିବାରକୁ ଗର୍ବର ସହ ଜାତୀୟ ପତାକା ଉତୋଳନ କରିବାକୁ ଉତ୍ସାହିତ କରିଥିଲେ। ଦେଶବ୍ୟାପୀ ଉତ୍ସବର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥିବା ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ନାଗରିକମାନଙ୍କ ମଧ୍ୟରେ ନିଜର ଭାବନା ଏବଂ ଜାତୀୟ ଗର୍ବର ଭାବନା ସୃଷ୍ଟି କରିବା। ଦେଶର ସାମୂହିକ ଭାବନାକୁ ପ୍ରତିଫଳିତ କରି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଉପଯୁକ୍ତ ସମନ୍ୱୟ ଏବଂ ଯୋଜନା ର ଆବଶ୍ୟକତା



ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଅଗଷ୍ଟ ୧୫ ତାରିଖରେ ରାଜ୍ୟର କୋଣ ଅନୁକୋଣ ଯେପରି ସ୍ୱାଧୀନତାର ଭାବନା ସହ ମିଳେ ଏବଂ ଚଳିତ ବର୍ଷ ସ୍ୱାଧୀନତା ଦିବସ ଉତ୍ସବକୁ ସମସ୍ତ ନାଗରିକଙ୍କ ପାଇଁ ସ୍ମରଣୀୟ ଏବଂ ଏକଜୁଟ ଅନୁଭୂତି ରେ ପରିଣତ କରିବା ପାଇଁ ସମସ୍ତ ପୌରସଂସ୍ଥାମାନଙ୍କୁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଶ୍ରୀମତୀ ପାଢ଼ୀ ଅନୁରୋଧ କରିଥିଲେ।

## ଡ୍ରାଇଭର ମହାସଂଘ ପକ୍ଷରୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର,୮।୮ (ମହାଭାରତ):** ପ୍ରତିଟି ଯାନ ଚାଳକ ମୋ ପରିବାରର ସଦସ୍ୟ। ସେମାନଙ୍କ ସୁଖ ସୁବିଧା ପ୍ରତି ମୁଁ ସବୁ ମତେ ଗୁରୁତ୍ୱ ରଖିଛି। ଡ୍ରାଇଭର ମହାସଂଘର ଦାବି ନେଇ ସରକାର ସହୃଦୟତାର ସହ ବିଚାର କରିବେ ବୋଲି ବାଣିଜ୍ୟ ଓ ପତିବହନ ମନ୍ତ୍ରୀ ଶ୍ରୀ ବିଭୁତି ଭୂଷଣ ଜେନା ପ୍ରକାଶ କରିଛନ୍ତି। ଭୁବନେଶ୍ୱର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଅନୁଷ୍ଠିତ ଆୟୋଜିତ କାର୍ଯ୍ୟକ୍ରମରେ ମହାସଂଘ ପକ୍ଷରୁ ମନ୍ତ୍ରୀ ଶ୍ରୀ ଜେନାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିରେ ରାଜ୍ୟର ଡ୍ରାଇଭର ସଂଘଗୁଡିକର କାର୍ଯ୍ୟକର୍ତା ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପରିବହନ କମିଶନର ଅମିତାଭ ଠାକୁର ଉପସ୍ଥିତ ରହି ମନ୍ତ୍ରୀ ଓ ସମସ୍ତଙ୍କୁ ସ୍ୱାଗତ ଜଣାଇ ଥିଲେ। ଏହି ଅବସରରେ ଡ୍ରାଇଭର ମହାସଂଘ ପକ୍ଷରୁ ବିଭିନ୍ନ ଦାବି ବାବଦରେ ମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ଏ ସମ୍ପର୍କରେ ମତାମତ ରଖି ମନ୍ତ୍ରୀ ଶ୍ରୀ ଜେନା କହିଥିଲେ ଯେ ସରକାର ଡ୍ରାଇଭର ମାନଙ୍କ ଦାବି ପ୍ରତି ସଚେତନ ଅଛନ୍ତି। ଓଡିଶା ମୋଟର ପରିବହନ ଚାଳକ ଓ ଶ୍ରମିକ କଲ୍ୟାଣ ବୋର୍ଡକୁ ପ୍ରଭାବୀ କରିବା ଲାଗି ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଉଛି ୟ ଆଗକୁ ଏହି ବୋର୍ଡରେ ସକ୍ରିୟ ସଦସ୍ୟମାନଙ୍କୁ ସାମିଲ କରାଯାଇ ବୋର୍ଡକୁ ପୁନର୍ଗଠିତ




କରାଯିବ ବୋଲି ମନ୍ତ୍ରୀ କହିଥିଲେ। ଏହା ସହ ସଡ଼କ ସୁରକ୍ଷା ଦିଗରେ ସରକାର ନେଉଥିବା ପଦକ୍ଷେପ ଗୁଡିକ ସମ୍ପର୍କରେ ମନ୍ତ୍ରୀ ସୂଚନା ଦେଇଥିଲେ। ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଡ୍ରାଇଭରମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଦର୍ଶାଇ ମନ୍ତ୍ରୀ କହିଲେ ଯେ ଦୁର୍ଘଟଣା ହ୍ରାସ, ସଡ଼କ ସୁରକ୍ଷା ନିୟମାବଳୀ ଅନୁପାଳନ, ସଚେତନତା ନେଇ ମହାସଂଘ ସବୁ ଡ୍ରାଇଭରଙ୍କୁ ଅଧିକ ଭାବରେ ପ୍ରେରିତ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ।

# ବାରମ୍ବାର ଟ୍ରେନ ଦୁର୍ଘଟଣା

ଓଡ଼ିଶାର ବାଲେଶ୍ୱର ଜିଲ୍ଲା ବାହାନଗା ବଜାର ଷ୍ଟେସନ ନିକଟରେ ସବୁଠାରୁ ବଡ ଟ୍ରେନ ଦୁର୍ଘଟଣା ଥିଲା। ସେଠାରେ କରମଣ୍ଡଳ ଏକ୍ସପ୍ରେସ ଏକ ମାଲବାହୀ ଟ୍ରେନ ସହ ଧକ୍କା ଖାଇବା ସହ ଲାଇନଚ୍ୟୁତ ହୋଇଥିଲା। ପରେ ଅନ୍ୟ ଏକ ଦ୍ରୁତଗାମୀ ଟ୍ରେନ ମଧ୍ୟ ଆସି ଏହାକୁ ଧକ୍କା ଦେଇଥିଲା। ଫଳରେ ପ୍ରାୟ ୩ ଶହ ବ୍ୟକ୍ତି ପ୍ରାଣ ହରାଇଥିଲେ ଏବଂ ଅନେକ ଆହତ ହୋଇଥିଲେ। ମୃତକଙ୍କ ମଧ୍ୟରୁ ଅନେକଙ୍କୁ ଏ ଯାବତ ଚିହ୍ନଟ କରାଯାଇପାରିଲା ନାହିଁ। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲକୁ ନେଇ ଯାଇଥିଲେ। ଶହ ଶହ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଫଳରେ ଅନେକ ଜୀବନ ବଂଚିଯାଇଥିଲା। ଦୁର୍ଘଟଣାର ତଦନ୍ତ ପରେ ଏହା ମନୁଷ୍ୟକୃତ ତ୍ରୁଟି ବା ଦାୟିତ୍ୱହୀନତା ପାଇଁ ଘଟିଲା ବୋଲି କୁହାଗଲା। କିନ୍ତୁ ଦୁର୍ଘଟଣା ପରେ ଏହାକୁ କେତେକ ଅନ୍ତର୍ଘାତୀ କାର୍ଯ୍ୟ ବୋଲି ସନ୍ଦେହ କରିଥିଲେ। ଏହା ସବୁଦିନ ପାଇଁ ଅନ୍ଧାରରେ ରହିଗଲା। ଗୁରୁବାର ଉତ୍ତରପ୍ରଦେଶର ଗୋଣ୍ଡା ଜିଲ୍ଲାରେ ଚଣ୍ଡିଗଡ଼-ଦିବ୍ରୁଗଡ଼ ଏକ୍ସପ୍ରେସ ଲାଇନଚ୍ୟୁତ ହୋଇଛି। ଏଥିରେ ଯଦିଓ ଅଧିକ ବ୍ୟକ୍ତି ମୃତାହତ ହୋଇ ନାହାଁନ୍ତି, କିନ୍ତୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏହି ରୁଟରେ ଟ୍ରେନ ସେବା ଗୁରୁତର ପ୍ରଭାବିତ ହୋଇଛି। ଦୁର୍ଘଟଣାଗ୍ରସ୍ତ ଟ୍ରେନର ଲୋକୋ ପାଇଲଟ କହିଛନ୍ତି ଯେ, ଦୁର୍ଘଟଣାର ଠିକ ପୂର୍ବରୁ ସେ ଟ୍ରେନ ଲାଇନରେ ଏକ ବଡ଼ ବିସ୍ଫୋରଣ ଶବ୍ଦ ଶୁଣିଥିଲେ। ତେଣୁ ଏହା ଏକ ଅନ୍ତର୍ଘାତୀ କାର୍ଯ୍ୟ ବୋଲି ଅନେକ ସନ୍ଦେହ କରୁଛନ୍ତି। ଏଥିରେ ବିସ୍ମିତ ହେବାର କିଛି ନାହିଁ। ପଞ୍ଜାବଠାରୁ ଆରମ୍ଭ କରି ଉତ୍ତରପ୍ରଦେଶ, ବିହାର, ଆସାମ ପର୍ଯ୍ୟନ୍ତ ବିଭିନ୍ନ ରାଜ୍ୟରେ ଅନେକ ଦେଶବିରୋଧୀ ଲୁଚି ରହିଛନ୍ତି। କିଏ ଖଲିସ୍ତାନ ସମର୍ଥକ ତ କିଏ ପାକିସ୍ତାନ ସମର୍ଥକ। କିଏ ପୁଣି ବାଂଲାଦେଶରୁ ଅନୁପ୍ରବେଶ କରି ଏଠାରେ ଭାରତ ବିରୋଧୀ ଷଡ଼ଯନ୍ତ୍ର ରଚନା କରୁଛନ୍ତି। ସେମାନେ କେବଳ ଭାରତ ବିରୋଧୀ ନୁହଁନ୍ତି, ଏମାନେ ହେଉଛନ୍ତି ମୋଦି ବିରୋଧୀ। କେନ୍ଦ୍ରରେ କ୍ଷମତାସୀନ ନରେନ୍ଦ୍ର ମୋଦି ସରକାରକୁ ବଦନାମ କରିବା ଏବଂ କ୍ଷମତାଚ୍ୟୁତ କରିବା ହେଉଛି ଏମାନଙ୍କର ଲକ୍ଷ୍ୟ। କୋଭିଡ ମହାମାରୀ ବେଳେ ଏମାନେ ଦେଶରେ ମହାମାରୀ ସଂକ୍ରମଣ ବୃଦ୍ଧିରେ ମୁଖ୍ୟ ଭୂମିକା ନେଇଥିଲେ। ଏମାନଙ୍କ ମଧ୍ୟରେ ଅନେକ ମୌଳବାଦୀ ଅଛନ୍ତି। ଅନେକ ଅଲକାଏଦା ଏବଂ ଆଇଏସଆଇ ଭଳି କୁଖ୍ୟାତ ଆତଙ୍କୀ ସଙ୍ଗଠନ ସହ ସମ୍ପୃକ୍ତ ଅଛନ୍ତି। ଏହିମାନେ ହିଁ ସିଏଏ ବିରୋଧୀ ଆନ୍ଦୋଳନକୁ ଉସୁକାଇଥିଲେ ଏବଂ ହିଂସାର ବାତାବରଣ ସୃଷ୍ଟି କରିଥିଲେ। ଆସାମରେ ଏଭଳି ଅନେକ ମୌଳବାଦୀ ସଙ୍ଗଠନ ସକ୍ରିୟ ଅଛନ୍ତି। ଉତ୍ତରପ୍ରଦେଶରେ ଯୋଗୀ ଆଦିତ୍ୟନାଥଙ୍କ ବିରୋଧରେ ମଧ୍ୟ ଏମାନେ ଷଡ଼ଯନ୍ତ୍ର କରୁଛନ୍ତି। ଗତ ଲୋକସଭା ନିର୍ବାଚନରେ ଉତ୍ତରପ୍ରଦେଶରେ ବିଜେପିକୁ ହରାଇବା ଲାଗି ଏମାନେ ସଂଘବଦ୍ଧ ଉଦ୍ୟମ କରି ସଫଳ ହୋଇଛନ୍ତି। ତେଣୁ ଗୋଣ୍ଡା ଜିଲ୍ଲାରେ ହୋଇଥିବା ଟ୍ରେନ ଦୁର୍ଘଟଣା ପଛରେ ଦେଶବିରୋଧୀ ଶକ୍ତିଙ୍କ ଷଡ଼ଯନ୍ତ୍ର ରହିଥିବା ସନ୍ଦେହ ଆଦୌ ଅମୂଳକ ନୁହେଁ। ବରଂ ଏହାର ସତ୍ୟତା ଅଛି ବୋଲି ଗ୍ୟାରେଣ୍ଟି ଦିଆଯାଇପାରିବ। ପ୍ରଥମେ ଯେତେବେଳେ ବନ୍ଦେ ଭାରତ ଏକ୍ସପ୍ରେସ ଚାଲିଲା, ସେତେବେଳେ ଦେଶର ଅନେକ ସ୍ଥାନରେ ଏହା ଉପରେ ଟେକା ପଥର ମାଡ଼ ହେଲା। ଗୋଟିଏ ସ୍ଥାନରେ ବନ୍ଦେ ଭାରତ ଏକ୍ସପ୍ରେସକୁ ଲାଇନଚ୍ୟୁତ କରିବା ଲାଗି ବିଧିବଦ୍ଧ ଯୋଜନା ହୋଇଥିଲା। ସୌଭାଗ୍ୟକୁ ଅଳ୍ପକେ ଏକ ବଡ଼ ଦୁର୍ଘଟଣାକୁ ଅଳ୍ପକେ ଲଢ଼ାଇ ଦିଆଯାଇପାରିଲା। ନଚେତ ଶହ ଶହ ଟ୍ରେନ ଯାତ୍ରୀ ପ୍ରାଣ ହରାଇଥାଆନ୍ତେ। ତେଣୁ ଏହାକୁ ହାଲୁକା ଭାବେ ନନେଇ ଏହାର ତଦନ୍ତ ଏବଂ କଠୋର କାର୍ଯ୍ୟାନୁଷ୍ଠାନ ହେବା ଉଚିତ। ଏହା ସହିତ ଟ୍ରେନ ଦୁର୍ଘଟଣାକୁ ଏଡ଼ାଇବା ନିମନ୍ତେ ଆହୁରି ପଦକ୍ଷେପର ଆବଶ୍ୟକତା ରହିଛି।

# ସୁପର ଫୁଡର ପୁଷ୍ଟିଶସ୍ୟ

**॥ ବିପିନ ବିହାରୀ ରାଉତ ॥**

> “ ମିଲେଟକୁ କ୍ରୀଡ଼ା ସହିତ ଯୋଡ଼ିବା ଏବଂ ସମସ୍ତ କ୍ରୀଡ଼ା ଛାତ୍ରାବାସରେ ମିଲେଟକୁ ସାମିଲ କରିବା, ମିଲେଟ ଖାଦ୍ୟ ସଂସ୍କୃତିର ତଥ୍ୟ ରଖିବା ଓ ଏହାର ପ୍ରଚାର ପ୍ରସାରରେ ଅଧିକ ଗୁରୁତ୍ୱ ଦିଆଯିବା ଲାଗି ନିଷ୍ପତ୍ତି ହୋଇଛି। ତେବେ ମିଲେଟ କ୍ଷେତ୍ରରେ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦେବାରେ ଏହି ସମ୍ମିଳନୀ ସହାୟକ ହେବା।

ଓଡ଼ିଶାରେ ଉତ୍ପାଦିତ ମାଣ୍ଡିଆ ସଂପ୍ରତି ବିଶ୍ୱ ଦରବାରରେ ପହଞ୍ଚି ଏହାର ଆଦୃତି ଓ ଲୋକପ୍ରିୟତାକୁ ବଢ଼ାଇଛି। ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚିବ ଓଡ଼ିଶା ମିଲେଟ। ଏହାକୁ ଦୃଷ୍ଟିରେ ରଖି ଆଜି ଓ ଆସନ୍ତକାଲି ଦୁଇଦିନ ତିନିଶହରୁ ଅଧିକ ବିଦେଶୀ ପ୍ରତିନିଧିଙ୍କୁ ନେଇ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ବା ମିଲେଟ ସମ୍ମିଳନୀ ଆୟୋଜନ ହେଉଛି। ଯେଉଁଥିରେ ୧୮ଟି ଫୁଡଷ୍ଟଲ, ୭୨ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଷ୍ଟଲ ଓ ୧୩ଟି ଷ୍ଟଲରେ ଚାଷରେ ବ୍ୟବହାର କରୁଥିବା ବିଭିନ୍ନ ମେସିନ ପ୍ରଦର୍ଶିତ କରାଯିବାର କାର୍ଯ୍ୟକ୍ରମ ରହିଛି। କେବଳ ସେତିକି ନୁହେଁ ଆଗାମୀ ଦଶ ବର୍ଷକୁ ଦୃଷ୍ଟିରେ ରଖି ମାଣ୍ଡିଆ ଚାଷକୁ ଏକ ଲୋକପ୍ରିୟ ଓ ବିଧିବଦ୍ଧ ଭାବେ ଏକ ରୋଡ଼ମ୍ୟାପ ପ୍ରସ୍ତୁତ କରାଯାଇ ବୈଜ୍ଞାନିକ ପ୍ରଣାଳୀରେ ଉତ୍ପାଦନ ବୃଦ୍ଧି ସହ ଅନ୍ୟ ରାଜ୍ୟ ଓ ଦେଶଗୁଡ଼ିକରୁ ମାଣ୍ଡିଆ ଚାଷର ଶ୍ରେଷ୍ଠ ଉପାୟ ବିଷୟରେ ଜାଣିବା, ହୋଟେଲ ଓ ରେଷ୍ଟୁରାଣ୍ଟରେ ମିଲେଟ ଖାଦ୍ୟର ବିଭିନ୍ନ ପ୍ରସ୍ତୁତିକୁ ପ୍ରୋତ୍ସାହନ, ସର୍ବୋପରି ମାଣ୍ଡିଆକୁ କିଭଳି ଉତ୍ତମ ବ୍ରାଣ୍ଡିଂ ଓ ପ୍ୟାକେଜିଂ କରି ମୂଲ୍ୟଯୁକ୍ତ କରାଯାଇପାରିବ ସେ ନେଇ ସବିଶେଷ ଆଲୋଚନାର କାର୍ଯ୍ୟକ୍ରମ ରହିଛି।

ସର୍ବମୋଟ ୩୨ କର୍ମଶାଳାରେ ୧୯୮ ଜଣ ଖ୍ୟାତିସମ୍ପନ୍ନ ପ୍ୟାନେଲିଷ୍ଟ ଏଥିରେ ସକ୍ରିୟ ଅଂଶ ଗ୍ରହଣ କରି କାର୍ଯ୍ୟକ୍ରମକୁ ଆଗେଇ ନେବା ସହ ମିଲେଟର ଜୟଯାତ୍ରାରେ ମାଆ ମାନଙ୍କ ଦକ୍ଷତା ଓ ସେମାନଙ୍କର ସଶକ୍ତିକରଣର ବ୍ୟାପକ ସୁବିଧା ସୁଯୋଗ ସମ୍ପର୍କରେ ଆଲୋକପାତ ହେବ। ସେହିପରି ମିଳିତ ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ, ଇଣ୍ଟରନ୍ୟାସନାଲ ଫଣ୍ଡ ଫର ଏଗ୍ରିକଲଚରାଲ ଡେଭଲପମେଣ୍ଟ, ଦକ୍ଷିଣପୂର୍ବ ଏସିଆ ଓ ମଧ୍ୟପ୍ରାଚ୍ୟ ଦେଶର କୃଷି ପରାମର୍ଶଦାତା, ଆଫ୍ରିକୀୟ ଦେଶ ସହ ୟୁରୋପୀୟ ଦେଶର କୃଷି ପରାମର୍ଶଦାତାଙ୍କ ସମେତ ବିଭିନ୍ନ ଦୂତାବାସର ପ୍ରତିନିଧି ଓ ବିଭିନ୍ନ ରାଜ୍ୟର କୃଷି ସଚିବମାନେ ଯୋଗଦାନ କରି ଏଥିରେ ସାମିଲ ହେବେ।

ଚଳିତ ନଭେମ୍ବରରେ ଅନ୍ତର୍ଜାତୀୟ ମିଲେଟ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ମିଲେଟର ବହୁଳ ବ୍ୟବହାର, ମିଲେଟ ଚାଷର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ବିଭିନ୍ନ ସହଭାଗୀ ସଂସ୍ଥାର ସହଯୋଗରେ ଆଗାମୀ ନଭେମ୍ବର ୯ ଓ ୧୦ ତାରିଖ ଦୁଇ ଦିନ ଧରି ଏହି ସମ୍ମିଳନୀ ଅନୁଷ୍ଠିତ ହେବ। ୨୦୨୨ ମସିହାରୁ ନଭେମ୍ବର ୧୦ ତାରିଖକୁ ୨୦୨୨କୁ ମାଣ୍ଡିଆ ଦିବସ ଭାବେ ଘୋଷଣା କରିଥିଲେ। ଅମଳ ପରବର୍ତ୍ତୀ ଏବଂ ପ୍ରାଥମିକ ପ୍ରକ୍ରିୟାକରଣ ଉଦ୍ୟୋଗକୁ ପ୍ରୋତ୍ସାହନ, ବାଜରାଭିତ୍ତିକ ଫସଲ ପ୍ରଣାଳୀର ଉତ୍ପାଦକତାର ଉନ୍ନତି, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ମୂଲ୍ୟଯୁକ୍ତ ଉଦ୍ୟୋଗକୁ ପ୍ରୋତ୍ସାହନ ଦେବା ଏହି ସମ୍ମିଳନୀର ଲକ୍ଷ୍ୟ ରହିଛି। ସାଧାରଣ ବଣ୍ଟନ ବ୍ୟବସ୍ଥା, ଆଇସିଡିଏସ, ମଧ୍ୟାହ୍ନ ଭୋଜନ, ଛାତ୍ରାବାସ ଇତ୍ୟାଦିରେ ମିଲେଟ ଖାଦ୍ୟର ବ୍ୟବହାରକୁ ଅନ୍ତର୍ଭୁକ୍ତ କରିବା ପାଇଁ ପଦକ୍ଷେପ ସହ ବାଜରାଭିତ୍ତିକ ଉତ୍ପାଦର ବଜାର ଓ ରପ୍ତାନିକୁ ସୁଗମ କରିବାକୁ ଗୁରୁତ୍ୱ ସମ୍ପର୍କରେ ପ୍ରସ୍ତୁତି ବୈଠକରେ ଗୁରୁତ୍ୱ ଦିଆଯାଇଛି।

ମିଲେଟକୁ କ୍ରୀଡ଼ା ସହିତ ଯୋଡ଼ିବା ଏବଂ ସମସ୍ତ କ୍ରୀଡ଼ା ଛାତ୍ରାବାସରେ ମିଲେଟକୁ ସାମିଲ କରିବା, ମିଲେଟ ଖାଦ୍ୟ ସଂସ୍କୃତିର ତଥ୍ୟ ରଖିବା ଓ ଏହାର ପ୍ରଚାର ପ୍ରସାରରେ ଅଧିକ ଗୁରୁତ୍ୱ ଦିଆଯିବା ଲାଗି ନିଷ୍ପତ୍ତି ହୋଇଛି। ତେବେ ମିଲେଟ କ୍ଷେତ୍ରରେ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦେବାରେ ଏହି ସମ୍ମିଳନୀ ସହାୟକ ହେବା। ସେହିଭଳି କୃଷି ଏବଂ ମିଶନ ଶକ୍ତି ତଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଉତ୍ପାଦନଗୁଡ଼ିକର ଉତ୍ତମ ବଜାର ସୁବିଧା ସମ୍ପର୍କରେ ସମ୍ମିଳନୀରେ ଗୁରୁତ୍ୱ ଦିଆଯିବାର କାର୍ଯ୍ୟକ୍ରମ ରହିଛି। ମିଲେଟଭିତ୍ତିକ ଉତ୍ପାଦର ମୂଲ୍ୟଯୁକ୍ତ ବ୍ୟବହାର ସହ ପ୍ରମୁଖ ସହର ଏବଂ ଜିଲ୍ଲା ସଦର ମହକୁମାରେ ମିଲେଟ ଶକ୍ତି କାଫେ/ଆଉଟଲେଟ ଖୋଲାଯାଇଛି। ବ୍ଲକ ସହର ଭିତରେ ଥିବା ମିଲେଟ ଟିଫିନ ସେଣ୍ଟରରେ ଜଳଖିଆ ଦିଆଯାଉଛି। ଏହାର ବ୍ୟାପକତା ଉପରେ ଗୁରୁତ୍ୱ ଏବଂ ଓଡ଼ିଶା ମିଲେଟ ମିଶନର ସଫଳତା ସମ୍ପର୍କରେ ସମ୍ମିଳନୀରେ ସବିଶେଷ ଆଲୋଚନା ହେବ।

ମିଲେଟ ଫସଲ ଉତ୍ପାଦନରେ ତୀବ୍ର ବୃଦ୍ଧି ଏବଂ କୃଷକମାନଙ୍କ ପାଇଁ ଉତ୍ତମ ଆୟର ସୁଯୋଗରେ ଓଡ଼ିଶା ରେକର୍ଡ଼ କରିଛି। ୨୦୧୭ରେ ଓଡ଼ିଶା ମିଲେଟ ମିଶନ ଆରମ୍ଭ ହେବା ପରେ ରାଜ୍ୟରେ ବହୁ ସଂଖ୍ୟକ କୃଷକ ମିଲେଟ ଉତ୍ପାଦନ ଆଡ଼କୁ ମନ ବଳାଇଛନ୍ତି। ମିଲେଟ ଉତ୍ପାଦନ କମି କମି ଆସୁଥିବା ବେଳେ ଏହାର ଉପକାରିତାକୁ ଦୃଷ୍ଟିରେ ରଖି ଓଡ଼ିଶା ମିଲେଟ ମିଶନ କୃଷକମାନଙ୍କୁ ପୁଣି ମିଲେଟ ଚାଷ ପ୍ରତି ଆକର୍ଷିତ କରିପାରିଛି। ଓଡ଼ିଶାରେ ବର୍ଷସାରା ଉଷ୍ଣ ବାତାବରଣ ରହିଥାଏ। ତେଣୁ ଏହି ଜଳବାୟୁରେ ଚାଷକାର୍ଯ୍ୟ କଷ୍ଟସାଧ। ମାତ୍ର ମିଲେଟ ଚାଷ ପାଇଁ ସ୍ୱଳ୍ପ ଜଳର ଆବଶ୍ୟକତା ପଡୁଥିବାରୁ ଓଡ଼ିଶାର ବାତାବରଣ ଉପଯୋଗୀ। ଏହାର ଉତ୍ପାଦନ ବଢ଼ାଇବା ସହ ରାଜ୍ୟର ପ୍ରତି ଘରେ ମିଲେଟକୁ ପହଞ୍ଚାଇବା ପାଇଁ ମିଲେଟ ମିଶନ ଜରିଆରେ ରାଜ୍ୟ ସରକାର ଚେଷ୍ଟା ଜାରି ରଖିଛନ୍ତି। ଓଡ଼ିଶା ମିଲେଟ ମିଶନ ରାଜ୍ୟରେ ମିଲେଟ ଉତ୍ପାଦନକୁ ପ୍ରୋତ୍ସାହନ ଦେଇଛି, ଫଳରେ ଓଡ଼ିଶାରେ ଏଥର ଆଖିଦୃଶିଆ ରାଶି ଉତ୍ପାଦନ ବୃଦ୍ଧି ପାଇଛି। ୨୦୧୬-୧୭ ମସିହାରେ ମାତ୍ର ୪୦ ହଜାର କ୍ୱିଣ୍ଟାଲ ମିଲେଟସ ଉତ୍ପାଦନ ହୋଇଥିବାବେଳେ ୨୦୨୧-୨୦୨୨ରେ ଏହା ୭ଲକ୍ଷ କ୍ୱିଣ୍ଟାଲକୁ ବୃଦ୍ଧି ପାଇଛି।

୨୦୨୨ ଜୁଲାଇ ସୁଦ୍ଧା ଓଡ଼ିଶା ମିଲେଟ ମିଶନରେ କୃଷକ ମାନଙ୍କ ସଂଖ୍ୟା ୮ ହଜାରରୁ ୧.୫ ଲକ୍ଷରୁ ଅଧିକ ବୃଦ୍ଧି ପାଇଛି। ମିଲେଟ ଚାଷରୁ ସଫଳତା ପାଇଥିବା ଅନୁଗୁଳ ଜିଲ୍ଲାର ଜଣେ କୃଷକ କହିଛନ୍ତି, ଚାଷ ପାଇଁ ଆଗରୁ ଆମକୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। କିନ୍ତୁ ମିଲେଟ ଚାଷ କରିବା ଭାରି ସହଜ। ମିଲେଟ ଚାଷ କରିବା ଫଳରେ ବଜାରର ମହଙ୍ଗା ମାଡ଼ରେ ମଧ ଉନ୍ନତ ଜୀବନଶୈଳୀ ଏବଂ ସ୍ୱାସ୍ଥ୍ୟ ବିକଳ୍ପ ପ୍ରଦାନ କରିବାକୁ ସକ୍ଷମ ହୋଇପାରିଛି। ଓଡ଼ିଶା ମିଲେଟସ ମିଶନ ନାଗରିକଙ୍କ ମଧ୍ୟରେ ଏକ ଅଦମ୍ୟ ବିଶ୍ୱାସ ସୃଷ୍ଟି କରିଛି। ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ଦ୍ୱାରା ଆମ ରାଜ୍ୟରେ ମିଲେଟସ ସମ୍ଭାବନାକୁ ପ୍ରଦର୍ଶନ କରିବା ପାଇଁ ଉନ୍ନତ ରଣନୀତି ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରହିଛି। ଚାଷ ସମୟରେ ଅଧିକ ରସାୟନିକ ସାରା ପ୍ରୟୋଗ କରାଯିବା ଦ୍ୱାରା ପରବର୍ତ୍ତୀ ପର୍ଯ୍ୟାୟରେ ବହୁତ ଅସୁବିଧା ଦେଖାଯାଇଥାଏ। ମିଲେଟ ମିଶନ ଜରିଆରେ ଓଡ଼ିଶା ସରକାର ଏ ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଛନ୍ତି। ଏହାସହ ମିଲେଟ ଚାଷକୁ କିଭଳି ଆହୁରି ଉନ୍ନତମାନର କରାଯାଇପାରିବ, ତାହାର ଉପାୟ ମଧ ଚାଷୀଙ୍କୁ ଶିଖାଇଛନ୍ତି। ଓଡ଼ିଶା ମିଲେଟସ ମିଶନ ପକ୍ଷରୁ କୃଷକମାନଙ୍କ ପାଇଁ ସିଧାସଳଖ ବ୍ୟାଙ୍କ ଟ୍ରାନ୍ସଫର ଓ ବିଭିନ୍ନ ପୋର୍ଟାଲ କାର୍ଯ୍ୟକାରୀ କରାଯାଉଛି। ଏହି ପଦକ୍ଷେପ ଦ୍ୱାରା ରାଗି ପରି କିଛି ଫସଲ ଅମଳ ସ୍ୱଳ୍ପ ସମୟ ମଧ୍ୟରେ ଯଥେଷ୍ଟ ବୃଦ୍ଧି ପାଇଥିବା ଦେଖାଯାଇଛି। ରାଜ୍ୟ ସରକାରଙ୍କ ବାରମ୍ବାର ପଦକ୍ଷେପ ଜରିଆରେ କୃଷକମାନେ ସେମାନଙ୍କର ପାରମ୍ପରିକ ଫସଲକୁ ଗ୍ରହଣ କରିବା ସହ ସେମାନଙ୍କ ପରିଶ୍ରମର ଉଚିତ ମୂଲ୍ୟ ପାଇବାରେ ସକ୍ଷମ ହୋଇପାରୁଛନ୍ତି। ଓଡ଼ିଶା ମିଲେଟସ ମିଶନ ଏହାର ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ସହ ମିଲେଟସର ଗ୍ରହଣଶୀଳତାକୁ ଅଧିକ ସୁଗମ ଏବଂ ନମନୀୟ କରିବା ପାଇଁ ଉତ୍ତମ ରଣନୀତି ଏବଂ ବୈଜ୍ଞାନିକ କୌଶଳକୁ ସୁନିଶ୍ଚିତ କରୁଛି। ଦିନ ଥିଲା ଓଡ଼ିଶାରେ ମିଲେଟକୁ କେହି ଜାଣୁନଥିଲେ କିମ୍ବା ଏହାର ଆଦର ନଥିଲା। କିନ୍ତୁ ଓଡ଼ିଶାରେ ଏବେ ମିଲେଟ ସୁନା ଫଳ ପାଲଟିଛି।

ଗତ ଜି-୨୦ ଶିଖର ସମ୍ମିଳନୀରେ ଓଡ଼ିଶାର ମିଲେଟ ଖାଦ୍ୟ ଆନ୍ତର୍ଜାତିକ ମହଲକୁ ସୁପରିଚିତ କରିଛି। ମାଣ୍ଡିଆ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପାଦେୟ ଏବଂ ଏହା ବିନା ଜଳସେଚନ ଓ ବିନା କୀଟାଣୁ ନାଶକ ବା ରାସାୟନିକ ସାର ପ୍ରୟୋଗରେ ଧାନ ଓ ଗହମ ଠାରୁ କମ ଖର୍ଚ୍ଚରେ ଚାଷ କରାଯାଇ ପାରିବ। ଭବିଷ୍ୟତରେ ଆମ ସ୍ୱାସ୍ଥ୍ୟ ଓ ପୁଷ୍ଟିଜନିତ ସମସ୍ୟାର ସମାଧାନ ପାଇଁ ଏହା ହେବ ସେଗୁଡ଼ିକର ଉପାଦେୟ ବିକଳ୍ପ। ଏହା ଓଡ଼ିଶାର କୃଷି ଓ ଚାଷୀଭାଇ ତଥା ମହିଳା ସ୍ୱୟଂ ସହାୟକ ସଂଗଠନ ପାଇଁ ସେମାନଙ୍କର ବୃତ୍ତିଗତ କର୍ମକ୍ଷେତ୍ର ପାଇଁ ବଡ଼ ଆର୍ଥିକ ଅବଲମ୍ବନର ଉତ୍ସ। ଦିନକୁ ଦିନ ଏହାର ଗ୍ରହଣୀୟତା ଓ ଚାହିଦା ବଢୁଥିବାବେଳେ ଲୋକମାନଙ୍କ ମଧ୍ୟରେ ମଧ ଆଗ୍ରହ ବଢୁଛି। ଲୋକମାନଙ୍କ ଭିତରେ ଦିନକୁ ଦିନ ଏହାର ଆଗ୍ରହ ଯେଉଁପରି ବଢୁଛି ଓ ମାଣ୍ଡିଆ ବିଭିନ୍ନ ପ୍ରସ୍ତୁତିର ଖାଦ୍ୟ ପସରା ବଜାରରେ ଉପଲବ୍ଧ ହେଉଛି ଏଥିରୁ ମାଣ୍ଡିଆର ଲୋକପ୍ରିୟତା ପ୍ରମାଣିତ ହେଉଛି। ମିଲେଟ ଏବେ ଓଡ଼ିଶାରେ କୃଷକମାନଙ୍କ ପାଇଁ ଏବଂ ସ୍ୱୟଂ ସହାୟକ ସଙ୍ଗଠନ ପାଇଁ ଅତ୍ୟନ୍ତ ଲାଭଦାୟକ କ୍ଷେତ୍ର ପାଲଟିଛି ଏବଂ ଲୋକମାନଙ୍କର ପ୍ରବୃତ୍ତ ଲାଭ ହେଉଛି।

ଉପନିର୍ଦ୍ଦେଶକ, ଓରମାସ, ଭୁବନେଶ୍ୱର, ଦୂରଭାଷ : ୯୪୩୭୬୬୬୪୫୩,

# ନିଶ୍ୱାସରେ ବିଷ : ଘାତକ ପବନ

**॥ ନାରାୟଣ ଚନ୍ଦ୍ର ବିଶ୍ୱାଳ ॥**

ଆପଣ କେବେ ଶୀତୁଆ ସକାଳୁ ପଦ ଭ୍ରମଣରେ ଯାଉଛନ୍ତି କି? ଥଣ୍ଡା ତ ପଡ଼ିଲାଣି କିନ୍ତୁ ପବନରେ ଆପଣ ବିଷାକ୍ତ ଧୂଳିକଣା ବା କାକର ଭିଜା ଧୂଆଁର ଆଚ୍ଛାଦାନ ଆପଣଙ୍କୁ ଅସ୍ତବ୍ୟସ୍ତ କରୁଛି କି? ଏହାର ଉତ୍ତର ଆପଣ ନିଜେ ବୁଝି ପାରୁଥିବେ। ଗତ ଦୀପାବଳୀରେ ସୁପ୍ରିମକୋର୍ଟଙ୍କ ଅର୍ଡ଼ରକୁ ଦେଖି ସରକାରୀ ନିର୍ଦ୍ଦେଶ ଥିଲା ରାତି ଦଶଟା ଭିତରେ ବାଣଫୁଟା ସରିବ ହେଲେ ଗଳି କନ୍ଦିରୁ ଜାତୀୟ ରାଜପଥ, ନିଜଘର ଛାତ ଉପରୁ ଆଉ ନଈକୂଳ ବା ବିଚ ଯିଏ ଯେଉଁଠି ପାଇଲା ଭେଳିକି ଭଳି ବାଣ ଫୁଟାଇଲା। ପ୍ରଶାସନ ସବୁ ଦେଖିଲା କିନ୍ତୁ ଚୁପ ରହିଲା। ଏବେ ଚାରିଆଡ଼କୁ ଟିକେ ନିଜେ ଦେଖନ୍ତୁ ଆପଣଙ୍କ ଚର୍ତୁପାର୍ଶ୍ୱରେ ବାରୁଦିଆ ଗନ୍ଧ। ଆପଣଙ୍କ ଶ୍ୱାସ ପ୍ରଶ୍ୱାସକୁ ଅଣନିଶ୍ୱାସୀ କରିବା ସହ ଆଖି, ନାକ ପୋଡ଼ି ଯିବା ଭଳି ଅନୁଭୂତ ହେଉଛି।

କାଶ, ଛିଙ୍କ ତ ଆରମ୍ଭ ହୋଇଗଲାଣି। ଦୀପାବଳି ବାଣଫୁଟାର ଏହା ହେଉଛି ପରବର୍ତ୍ତୀ ପ୍ରତିକ୍ରିୟା। ଅଚାନକ ଓଡ଼ିଶାର ଅନେକ ସହରାଞ୍ଚଳ ବିଶେଷକରି ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ହୁ ହୁ ହୋଇ ବାୟୁ ପ୍ରଦୂଷଣର ଯେଉଁପରି ଉଦବେଗଜନକ ସ୍ତର ବଢ଼ିଛି ତାହା ଅତ୍ୟନ୍ତ ବିପଜ୍ଜନକ। ସବୁ କଟକଣା, ସଚେତନତା ଓ ବାଣ ସତ୍ତ୍ୱେ ର୍ନିଧୁମ ବାଣଫୁଟାର ବିଷମ ପରିଣତିର ବିଷଫଳ ଆମେ ଏବେ ଭୋଗୁଛୁ ଓ ପରବର୍ତ୍ତୀ ସମୟରେ ଏହା ଆହୁରି ବିପଜ୍ଜନକ ମଧ ହୋଇପାରେ।

ଭୁବନେଶ୍ୱରରେ ହାରାହାରି ଏୟାର କ୍ୱାଲିଟ ଇଣ୍ଡେକ୍ସ ୪୦୦ ପାଖାପାଖିରେ ପହଞ୍ଚି ଗଲାଣି। ସେହିପରି କଟକର ବାୟୁମଣ୍ଡଳର ଗୁଣାତ୍ମକ ସୂଚକ ୨୩୮ରେ ମଧ ପହଞ୍ଚିଛି। ଦେଶର ଜନଗହଳିପୂର୍ଣ୍ଣ ସହରରେ ଗଛ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଉଥିବାବେଳେ କଂକ୍ରିଟ ଜଙ୍ଗଲର ପରିମାଣ ବଢ଼ିବାରେ ଲାଗିଛି। ବାୟୁର ଏକ୍ୟୁଆଇ ମାତ୍ରା ୫୦ରୁ ୧୦୦ ମଧ୍ୟରେ ରହିଲେ ତାହା ସତର୍କ ସୂଚନା ଦେଇଥାଏ ଓ ୧୦୦ରୁ ୧୫୦ ମଧ୍ୟରେ ରହିଲେ ଏହା ଅସ୍ୱାସ୍ଥ୍ୟକର ଭାବେ ପରିଗଣିତ ହୋଇଥାଏ।

ସଂପ୍ରତି ସମ୍ବେଦନଶୀଳ ବର୍ଗ କୁହାଯାଉଥିବା ଶିଶୁ, ବୃଦ୍ଧବୃଦ୍ଧା, ରୋଗୀ ବିଶେଷକରି ଶ୍ୱାସରୋଗୀଙ୍କ ପାଇଁ ଏହି ବାୟୁ ପ୍ରଦୂଷଣ ଅତ୍ୟନ୍ତ ବିପଜ୍ଜନକ। ଉଚ୍ଚଶବ୍ଦ ସୃଷ୍ଟି କରୁଥିବା ବାଣ ଫୁଟାଇବା ଉପରେ ସୁପ୍ରିମକୋର୍ଟଙ୍କ କଟକଣାକୁ ଦୃଷ୍ଟିରେ ରଖି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ନିଷେଦ୍ଧାଦେଶ ଜାରି କରିଥିଲେ। ଡାକ୍ତରଖାନା, ଶିକ୍ଷାନୁଷ୍ଠାନ, ନ୍ୟାୟାଳୟ, ଧାର୍ମିକ ଅନୁଷ୍ଠାନର ଶହେ ମିଟର ପରିସୀମା ମଧ୍ୟରେ ବାଣ ନଫୁଟାଇବା, ଖୋଲା ସ୍ଥାନରେ ସବୁଜ ବାଣ ଫୁଟାଇବା, କେମିକାଲ ବାଣ ଉତ୍ପାଦନ ଓ ବିକ୍ରି ନକରିବା, ୧୨୫ ଡେସିବିଲ ସ୍ତରରୁ ଅଧିକ ଶବ୍ଦ ସୃଷ୍ଟି କରୁଥିବା ବାଣ ପ୍ରସ୍ତୁତି, ବିକ୍ରି ଓ ବ୍ୟବହାର ସଂପୂର୍ଣ୍ଣ ନିଷେଧ ହୋଇଥିଲା।

କେବଳ ସେତିକି ନୁହେଁ ଏହି ନିୟମ ଉଲ୍ଲଂଘନ ହେଲେ ଓଡ଼ିଶା ଆତସବାଜୀ ଓ ଡାକବାଜୀ ଯନ୍ତ୍ର ପ୍ରବିଧାନ ଆଇନ ୧୯୫୮ ଓ ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ଆଇନ ୨୦୦୦ ଅନୁଯାୟୀ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି। ହେଲେ ବିନା ଭୟରେ ଲୋକେ ପ୍ରଦୂଷଣ ସୃଷ୍ଟିକାରୀ ବାଣ ଫୁଟାଇଲେ ଓ ସଚେତନ କଟକଣା ସତ୍ତ୍ୱେ ଲୋକମାନଙ୍କ ଭିତରେ ସାମାନ୍ୟ ସଚେତନତା ଜାଗ୍ରତ ହେଲାନାହିଁ। ଏହାର ପରିଣତି ସ୍ୱରୂପ ବାୟୁମଣ୍ଡଳରେ ବିଷାକ୍ତ କଣିକା ଭର୍ତ୍ତି ହୋଇଯାଇଥିବାବେଳେ ଧୂଳି ଓ ଧୂଆଁ ମିଶା ପବନ ଏବେ ବି ବୋହୁଛି। ବିଷାକ୍ତ ପରିବେଶ ପାଇଁ ଲୋକମାନେ ଶ୍ୱାସକ୍ରିୟା ସମ୍ପାଦନ କରିବାରେ ସମସ୍ୟା ଭୋଗୁଛନ୍ତି ତେବେ ଏସବୁ ସତ୍ତ୍ୱେ ଲୋକମାନଙ୍କ ଭିତରେ ସଚେତନତା ନ ବଢ଼ିବା ଏକ ଆଶ୍ଚର୍ଯ୍ୟର ପ୍ରସଙ୍ଗ। ସତେ ଯେପରି ପରିବେଶକୁ ବିଷାକ୍ତ କରିବା ପାଇଁ ଆମ ପରି ସଚେତନ ନାଗରିକମାନେ ନିଜକୁ ପ୍ରସ୍ତୁତ କରିଛନ୍ତି।

ବାଣ ପ୍ରସ୍ତୁତିରେ କେତେ ବିଷାକ୍ତ ଓ ଭୟାନକ ଜୈବ ପଦାର୍ଥ ତଥା କ୍ଷତିକାରକ ପ୍ରସ୍ତୁତି ପଦାର୍ଥ ରହିଛି ତାହା ଯେ କେହି ଜାଣିଲେ ଆଶ୍ଚର୍ଯ୍ୟ ଚକିତ ହେବ। ବାଣ ତିଆରିରେ କପର, କ୍ୟାଡମିୟମ, ଜିଙ୍କ, ଲିଡ, ମାଗ୍ନେସିୟମ, ସୋଡିୟମ ଆଦି ରାସାୟନିକ ବ୍ୟବହାର ହେଉଛି। ବାଣ ପୋଡାରୁ ବାହାରୁଛି ବିଷାକ୍ତ ଅଙ୍ଗାରକାମ୍ଳ ଯାହାକି କାର୍ବନ ଡାଇଅକ୍ସାଇଡ଼, ସଲଫର ଡାଇଅକ୍ସାଇଡ଼, ନାଇଟ୍ରୋଜେନ ଡାଇଅକ୍ସାଇଡ଼, କାର୍ବନ ମନୋକ୍ସାଇଡ଼, ହାଇଡ୍ରୋ କାର୍ବନ, ଚାରକୋଲ ବାଷ୍ପ। ଆକାଶରୁ ରଙ୍ଗୀନ କରିବା ପାଇଁ ବାଣରେ ବ୍ୟବହୃତ ରାସାୟନିକ ପଦାର୍ଥରୁ ନିର୍ଗତ ଗ୍ୟାସ କ୍ୟାନସର ଭଳି ଭୟଙ୍କର ରୋଗକୁ ବଢ଼ାଇଥାଏ। ଏସବୁ ବାଷ୍ପ ଧୂଳିକଣା ସହ ମିଶି ବାୟୁମଣ୍ଡଳରେ ଏକ ଅସୁସ୍ଥକର ବାତାବରଣ ସୃଷ୍ଟି କରିଥାଏ। ଅଙ୍ଗାରକାମ୍ଳ ପରିମାଣ ବାୟୁମଣ୍ଡଳରେ ବଢ଼ିଲେ ମୁଣ୍ଡବ୍ୟଥା ସହ ଧଇଁସଇଁ, ମାନ୍ଦା ଲାଗିପାରେ। ବେଳେ ବେଳେ ଶରୀରରେ ଆକସ୍ମିକ ପୀଡ଼ା ଅନୁଭବ ହୁଏ। ଅଚାନକ ରକ୍ତଚାପ ବଢ଼ିଯାଏ।

ରକ୍ତଚାପର ଏହି ଆକସ୍ମିକ ବଢ଼ିଯିବା ମାତ୍ରା ଜଣକୁ ଅସ୍ୱାଭାବିକ ଓ ଏକ ପ୍ରକାର ବିଚଳିତ କରିପକାଏ। କେତେକ କ୍ଷେତ୍ରରେ କୋମା, ଆସଫିକ୍ସିଆ, କନଭୁଲସନ ହାତ, ଗୋଡ଼, ଆଙ୍ଗୁଠି ଯେମିତି ନିର୍ଦ୍ଦିଷ୍ଟ ଅବସ୍ଥାରେ ଅଟକିଯାଏ ଆକ୍ରାନ୍ତ କରିପାରେ। କାର୍ବନ ମନୋକ୍ସାଇଡ ଗ୍ୟାସ ଉଭୟ ମଣିଷ, ପଶୁପକ୍ଷୀଙ୍କୁ ପ୍ରଭାବିତ କରେ। ଏହା ରକ୍ତରେ ଅମ୍ଳଜାନ ପ୍ରବାହର କ୍ଷମତାକୁ କମାଇଦିଏ। ଶରୀରର ବିଭିନ୍ନ କୋଷ, ହୃଦୟ, ମସ୍ତିଷ୍କ ସମେତ ବିଭିନ୍ନ ଅଙ୍ଗକୁ ଅମ୍ଳଜାନ ପ୍ରବାହ କମିଯାଏ। ଏଥିରେ ହୃଦ ରୋଗୀଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ। ସଲଫର ଡାଇଅକ୍ସାଇଡ ଗ୍ୟାସ ପୁରା ଶ୍ୱାସକ୍ରିୟାକୁ ପ୍ରଭାବିତ କରିଥାଏ। ବିଶେଷକରି ଫୁସଫୁସକୁ ଆକ୍ରାନ୍ତ ହୁଏ। ଅଚାନକ କାଶ ବଢ଼ିପାରେ। ଛାତିରେ ଯନ୍ତଣା ହୁଏ। ଆଜମା ଓ ଶ୍ୱାସଜନିତ ବିଭିନ୍ନ ରୋଗରେ ଆକ୍ରାନ୍ତଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ। ପ୍ରଦୂଷଣକୁ ରୋକିବା ପାଇଁ କେବଳ ଆଇନକାନୁନ ତିଆରି କରିବା ବା କେତେକ ଉପର ଠାଉରିଆ ପଦକ୍ଷେପ ନେବା କି ଆଭିମୁଖ୍ୟ ଆପଣାଇବା ଯଥେଷ୍ଟ ନୁହେଁ। ବରଂ ପ୍ରଦୂଷଣର ମୁକାବିଲାକୁ ଦେଶର ଯୋଜନା ପ୍ରକ୍ରିୟାରେ ସାମିଲ କରିବା ଉଚିତ।

# “ନିମୋନିଆକୁ ରୋକିବା ପାଇଁ ସଂଗ୍ରାମକୁ ଚମ୍ପିଆନ କରିବା’

**॥ ଜ୍ୟୋତିରଞ୍ଜନ ଚମ୍ପତିରାୟ ॥**

ଶୀତର ପ୍ରକୋପ ବଢ଼ିଲାଣି। ପାର୍ବଣ ଭିତରେ ବିଶେଷକରି ପିଲାମାନେ ଆଗ୍ରହ ରଖୁଥିବା ବାଣଫୁଟା ପରିବେଶକୁ ଦିନକୁ ଦିନ ଉଦବେଗଜନକ ଭାବେ ପ୍ରଦୂଷିତ କରୁଛି। ନୂଆଦିଲ୍ଲୀରେ ଯେଉଁ ଭାବେ ପ୍ରଦୂଷଣର ଉତ୍କଟତା ଆମେମାନେ ଦେଖୁଛୁ ଏହା ସମସ୍ତଙ୍କ ପାଇଁ ଏକ ବିରାଟ ବନ ଆହ୍ୱାନ। ଶିଶୁ ସ୍ୱାସ୍ଥ୍ୟକ୍ଷେତ୍ରରେ ପ୍ରଦୂଷଣ ସେମାନଙ୍କ ଯନ୍ତ୍ରଣାକୁ ଆହୁରି ଦ୍ୱିଗୁଣିତ କରିଦେଇଥାଏ। ନିମୋନିଆର ଆଲୋଚନା କରୁଥିବାବେଳେ ଏହାସହ ପ୍ରଦୂଷଣର କେଉଁପରି ଭାବରେ ସମ୍ପର୍କ ରହିଛି ତାହା ଜାଣିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ନିମୋନିଆ ଏପରି ଏକ ଶ୍ୱାସ ସମ୍ପର୍କିତ ରୋଗ ଏହା ପିଲାମାନଙ୍କ ଶ୍ୱାସପ୍ରଶ୍ୱାସକୁ ଜଟିଳ କରି ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ କେତେକ କ୍ଷେତ୍ରରେ ଗୁରୁତର ମ୍ନ କରିଦେଇଥାଏ। ଏବେ ଶୀତ ବଢ଼ିବା ସହ ଦିନକୁ ଦିନ ପ୍ରଦୂଷଣ ଓ ଏଥିରେ ଧୂଳିକଣା, କାକର ଓ ଧୂଆଁ ମିଶି ଯାଉଥିବାରୁ ଏହା ପିଲାମାନଙ୍କ ପାଇଁ ବିଶେଷକରି ନବଜାତକଙ୍କ କ୍ଷେତ୍ରରେ ଅତ୍ୟନ୍ତ ଜଟିଳ ପରିସ୍ଥିତି ସୃଷ୍ଟି କରିଦିଏ। ସମ୍ପ୍ରତି ନିମୋନିଆ ରୋଗ ବା ଫୁସଫୁସ୍ ପ୍ରଦାହ ଭୟଙ୍କର ଭାବରେ ଶିଶୁମାନଙ୍କ ପାଇଁ ବିପଦଜନକ ହୋଇପଡ଼ିଲାଣି । ଦେଖାଯାଉଛି ଆବଶ୍ୟକତା ଠାରୁ କମ୍ ଓଜନର ଶିଶୁଟି ନିମୋନିଆରେ ଆକ୍ରାନ୍ତ ହୋଇପଡୁଛି । ତେବେ ନିମୋନିଆର ମୁଖ୍ୟ କାରଣ ହେଉଛି ପୁଷ୍ଟିହୀନତା, କମ୍ ପରିମାଣର ସ୍ତନ୍ୟପାନ, ଭିଟାମିନ୍-ଏର ଅଭାବ, ବାୟୁପ୍ରଦୂଶଣ, ଗହଳି ସ୍ଥାନ ସର୍ବୋପରି ଧୂମପାନ ବା କୌଣସି ନିଶାଦ୍ରବ୍ୟ ସେବନର ସାମାନ୍ୟ ସଂସ୍ପର୍ଶ ପିଲାଟି ପାଇଁ ଘାତକ ହୋଇପାରେ । ସେହିପରି ପରିବାରର ଅନ୍ୟକୌଣସି ପିଲାର ନିମୋନିଆ ହୋଇଥିଲେ ଏହା ପରିବାରର ଅନ୍ୟ ପିଲାମାନଙ୍କୁ ନିମୋନିଆର କାରଣ ହୋଇଥାଏ । ଶ୍ୱାସନଳୀ ସଂକ୍ରମଣକୁ ତର୍ଜମା କଲେ ନିମୋନିଆଟି ତିନି ପ୍ରକାରର । ପ୍ରଥମଟି ହେଉଛି ବ୍ରୋଙ୍କୋ ନିମୋନିଆ, ଦ୍ୱିତୀୟଟି ହେଉଛି ଲୋବାର ନିମୋନିଆ ଏବଂ ତୃତୀୟଟି ହେଉଛି ଇଣ୍ଟରସ୍ଟିସିଆଲ ନିମୋନିଆ । ସ୍ୱଭାବିକ ଭାବରେ ନିମୋନିଆକୁ ଧରିବା ବଡ଼ କଷ୍ଟକର କାର୍ଯ୍ୟ । ପ୍ରାରମ୍ଭରେ ଶିଶୁଟି ସାମାନ୍ୟ କାଶ ବା ଛିଙ୍କ ପରେ ପରେ ଜ୍ୱରର ତାପମାତ୍ରା ବୃଦ୍ଧି ହେଲେ ଏହା ନିମୋନିଆର ଲକ୍ଷଣ । ମନେରଖନ୍ତୁ ନିମୋନିଆ ହେବାମାତ୍ରେ ଶିଶୁଟିର ଶ୍ୱାସକ୍ରିୟା ବାଧାପ୍ରାପ୍ତ ହୋଇଥାଏ । ଏହି ସମୟରେ ପିଲାଟି ଜୋର୍‌ରେ ନିଶ୍ୱାସ ନେଇଥାଏ । ଏ କ୍ଷେତ୍ରରେ କାଳବିଳମ୍ବ ନକରି ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ଲୋଡ଼ନ୍ତୁ । ବେଳେ ବେଳେ କିଛି କ୍ଷେତ୍ରରେ ଦେଖାଯାଏ ଏହି ସମୟରେ ପିଲାଟିର ପେଟରେ ଯନ୍ତ୍ରଣା ହୋଇଥାଏ, ବାତମାରିଲା ପରି ଛଟପଟ ହୁଏ ଏବଂ କିଛି କ୍ଷେତ୍ରରେ ପିଲାଟିର ଶରୀର ନୀଳ ମ୍ନ ପଡ଼ିଆସେ । ଚିକିତ୍ସାଶାସ୍ତ୍ର ଅନୁଯାୟୀ ପିଲାଟିର ଫୁସ୍‌ଫୁସ୍ ସଂକ୍ରମଣ ହେଲାମାତ୍ରେ ସ୍ୱଭାବିକ ଭାବରେ ଫୁସ୍‌ଫୁସ୍ ନିଜର କାର୍ଯ୍ୟଶୈଳୀର ଧାରାରେ ବାଧାପ୍ରାପ୍ତ ହୋଇଥାଏ । ପରବର୍ତ୍ତୀ ସମୟରେ ଏହା କଠିନ ହୋଇଯାଇ ଭୂତାଣୁ ବା ଜୀବାଣୁମାନଙ୍କ ଦ୍ୱାରା ସଂକ୍ରମିତ ହୋଇପଡ଼େ । ସମ୍ପ୍ରତି ଦେଖାଯାଉଛି ନିମୋକୋକ୍ସ, ହିମୋଫିଲ୍ସ, କ୍ଲେବସିଲା, ଇ.କୋଲି ଇତ୍ୟାଦି ଶିଶୁର ବୟସ ଅନୁସାରେ ନିମୋନିଆର କାରଣ ସାଜିଥାଆନ୍ତି । ସମ୍ପ୍ରତି ଚିକିତ୍ସା ବିଜ୍ଞାନ ଯଥେଷ୍ଟ ଅଗ୍ରଗତି କରିଥିବାରୁ ରାଜ୍ୟସରକାର ଶିଶୁ ବିଭାଗ ପ୍ରତି ଯତ୍ନବାନ ହୋଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବାରୁ ପିଲାମାନଙ୍କ ପାଇଁ ଆଉ ନିମୋନିଆ ଗୁରୁତର ହୋଇ ରହିନାହିଁ । ପ୍ରାଥମିକ ଭାବରେ ନିମୋନିଆକୁ ଶ୍ୱାସହାରା ମାତ୍ରାରେ ଅର୍ଥାତ୍ ପିଲାଟିର ମିନିଟ୍ ପ୍ରତି ନିଃଶ୍ୱାସ ପ୍ରଶ୍ୱାସ ନିରୂପିତ କରି ଏହାର ଚିକିତ୍ସା ଆରମ୍ଭ କରାଯାଇପାରେ । ଏହାକୁ ଚିହ୍ନଟ କରିବା ପାଇଁ ସ୍ଟେଟିକ୍ ସ୍କ୍ରିନ, ଛାତି ଏକ୍ସରେ ପଦ୍ଧତି ମ୍ନ କେତେକ କ୍ଷେତ୍ରରେ ଗ୍ରହଣ କରାଯାଇଥାଏ । ତେବେ ପାକସ୍ଥଳୀ ଶୋଷଣରେ ଫୁସଫୁସରେ ଅଧିକ ଶ୍ୱେତରକ୍ତ କଣିକା ଥିବାର ପରୀକ୍ଷାରୁ ଜଣାପଡ଼ିଲେ ଶିଶୁଟି ନିଶ୍ଚିତ ଭାବରେ ନିମୋନିଆରେ ଆକ୍ରାନ୍ତ ବୋଲି ଜଣାପଡ଼ିଥାଏ । ଶିଶୁଟିର ଶ୍ୱାସକ୍ରିୟାକୁ ସାଧାରଣ ଅବସ୍ଥାକୁ ଫେରାଇ ଆଣିବା ପାଇଁ ପିଲାଟିକୁ ଦରକାର ପଡ଼ିଲେ ତୁରନ୍ତ ଅକ୍ସିଜେନ ଦିଆଯାଇଥାଏ । ଏହି ସମୟରେ ପିଲାଟିକୁ ସ୍ୱତନ୍ତ୍ର ଭାବରେ ଏକ ଉପଯୁକ୍ତ ପରିବେଶରେ ରଖାଯାଇଥାଏ । ପିଲାଟିକୁ ପାଟିବାଟେ କୌଣସି ଖାଦ୍ୟ ନଦିଆଯାଇ ସାଲାଇନ୍ ମ୍ନରେ ଖାଦ୍ୟ ପ୍ରଦାନ କରାଯାଇଥାଏ । ସମ୍ପ୍ରତି ପିଲାମାନଙ୍କ ପାଇଁ ସୂଚିତ ହେଉଥିବା ଟୀକାକରଣ ସୂଚୀ ଅନୁଯାୟୀ ପିଲାଙ୍କ ନିର୍ଦ୍ଧିଷ୍ଟ ବୟସ ଅନୁପାତରେ ଟୀକା ପ୍ରଦାନ କରାଗଲେ ଏହା ନିମୋନିଆ ପାଇଁ ନିଶ୍ଚିତ ଭାବରେ ପ୍ରତିବନ୍ଧକ ହୋଇପାରିବ । ଘର ପରିବେଶକୁ ସର୍ବ ପ୍ରଥମେ ଦୃଷ୍ଟି ଦିଅନ୍ତୁ କାରଣ ପିଲାମାନଙ୍କ କେବଳ ନିମୋନିଆ କ୍ଷେତ୍ରରେ ନୁହେଁ ସେମାନଙ୍କର ଅନ୍ୟାନ୍ୟ ରୋଗ ପାଇଁ ଘରର ଧୂଳି, ଧୂଆଁ ଓ ଏକ ପ୍ରକାର ଦୂଷିତ ପରିବେଶ ସେମାନଙ୍କର ସ୍ୱାସ୍ଥ୍ୟ ସମସ୍ୟାକୁ ଜଟିଳ କରିଦିଏ। ପିଲାମାନେ ରହୁଥିବା ରୁମରେ ଯେପରି ମୁକ୍ତ ପବନ ଓ ସୂର୍ଯ୍ୟାଲୋକ ପଡୁଥିବା ସେ ଦିଗକୁ ଦେଖନ୍ତୁ। ପିଲାମାନଙ୍କୁ ସୁଷମ ଖାଦ୍ୟ ଓ ସମ୍ଭବ ହେଲେ ‘ଟାପାଣି ପିଇବା ପାଇଁ ଦିଅନ୍ତୁ। ଫଳ, ସବୁଜ ପନିପରିବା, ଶାଗ ଏହାକୁ ପିଲାମାନଙ୍କ ଖାଦ୍ୟ ତାଲିକାରେ ରଖନ୍ତୁ। ତେବେ ପିଲାଙ୍କ ପାଇଁ ଏକ ଭଲ ସ୍ୱାସ୍ଥ୍ୟ ରୁଟିନଟି ତିଆରି କରନ୍ତୁ ଓ ସେମାନଙ୍କୁ ପିଲାବେଳୁ ହିଁ ଆଧ୍ୟାତ୍ମିକ ରାସ୍ତାରେ ଯିବା ପାଇଁ ରାସ୍ତା ଦେଖାନ୍ତୁ। ପିଲାମାନଙ୍କର ଯେକୌଣସି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ପାଇଁ ସରକାରୀ ବ୍ୟବସ୍ଥିତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲାସ୍ତରୀୟ ଡାକ୍ତରଖାନା, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଓ ହସ୍ପିଟାଲ କିମ୍ବା ଶିଶୁଭବନର ସହାୟତା ନିଅନ୍ତୁ। କେବଳ ନିମୋନିଆ ନୁହେଁ ଅନ୍ୟ କୌଣସି ସ୍ୱାସ୍ଥ୍ୟ ସମସ୍ୟା କ୍ଷେତ୍ରରେ ପିଲାମାନଙ୍କୁ ଗୁଣିଟୁଣି ବା ତୁଟୁକା ତୁଟୁକି ଚିକିତ୍ସାକୁ ଗୁରୁତ୍ୱ ନଦେଇ କେବଳ ସରକାରୀ ବ୍ୟବସ୍ଥିତ ସ୍ୱାସ୍ଥ୍ୟ ସେବାର ସୁଯୋଗ ନିଅନ୍ତୁ। କୌଣସି ପରିସ୍ଥିତିରେ ଅଭିଭାବକମାନେ ଭୟଭୀତ ନହୋଇ ଶିଶୁ ବିଶେଷଜ୍ଞଙ୍କ ମତ ଲୋଡ଼ିବା ବାଞ୍ଛନୀୟ ।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ‘କୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର

# ପୂର୍ତ୍ତ ବିଭାଗର କର୍ମ ଚାରିଙ୍କ ବଦଳି କେବେ ?




ଜଗପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିରେ ଥିବା। ପୂର୍ତ୍ତ ବିଭାଗ ର କର୍ମ ଚାରି ଙ୍କ ବଦଳି ଦୀର୍ଘ ବର୍ଷ ହେଲା ବଦଳି ହୋଇନଥିବା। ଦେଖିବାକୁ ମିଳିଛି ସରକାର ନିୟମ ଅନୁସାରେ ତିନି ବର୍ଷ ହେଲେ ଅନ୍ୟତ୍ର ବଦଳି ହେବା କଥା, ତାହା ବଦଳି ହଉ ନାହିଁ ଯାହା ଫଳ ରେ ବିଭାଗ ର ସ୍ୱଚ୍ଛ ତା। ଉପରେ ପ୍ରଶ୍ନ ବାଚି ସୃ ଷ୍ଟି କରିଛି। ବିଭାଗ ରେ କାର୍ଯ୍ୟରତ କର୍ମଚାରୀ ଅଞ୍ଚଳ ବସି ଅଟନ୍ତି। ଚତୁର୍ଥ ଶ୍ରେଣୀ କର୍ମଚାରୀ ଠାରୁ ଆରମ୍ଭ କରି ତୃତୀୟ ଶ୍ରେଣୀ କର୍ମ ଚାରି ପର୍ଯ୍ୟନ୍ତ କର୍ମଚାରୀ ମାନେ ଦସ ବର୍ଷ ରୁ କୋଡ଼ିଏ ବର୍ଷ ପରଯ୍ୟନ୍ତ କାର୍ଯ୍ୟରତ ଥିବ ର ଅଭି ଯୋଗ ହଉଛି । ଜିଲ୍ଲାରେ ବିକାଶ ସକାଶେ ଦିର୍ଘ୍ ଦିନ ହେଲା ରହିଥିବା କର୍ମଚାରୀ ଙ୍କୁ ବଦଳି ସକାଶେ ଦାବୀ ହଉଛି , ବିଭ ଗ ରେ ଦୁର୍ନୀତି ର ଗନ୍ତ । ଘର ପାଲଟିଥିବା ଅଭିଯୋଗ ହେବ। ସହ ବିଭାଗ ର ଦୁର୍ନୀତି ନେଇ ଖବର କାଗଜ ରେ ପ୍ରସାରଣ ହଉ ଥିବ। ଦେଖିବାକୁ ମିଳୁଛି। ନୂତନ ସରକାର ବୀଭ। ଗ ର କର୍ମଚାରୀ ଙ୍କୁ ତୁରନ୍ତ ବଦଳି କରିବା ଆବଶ୍ୟକ ତା। ରହିଛି ନିୟମ ଅନୁସାରେ ସରକାରଙ୍କର ଶ୍ୱ ଛ ତା ଉପରେ ପ୍ରଶ୍ନ ବାଚୀ ଶୃ ଷ୍ଟୀ କରିଛି ।

# ଜନ ସେବାରୁ ଦୂରରେ କାରଖାନା ଓ ବାଷ୍ପିତ ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ

**ଅନୁଗୋଳ,(ମହାଭାରତ):** ନାଲକୋ ଥାନା ନିକଟସ୍ଥ ଓଡିଶା ସରକାରଙ୍କ କାରଖାନା ଓ ବାଷ୍ପିତ ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରୁ ଦୁର୍ନୀତିର ଗନ୍ଧ ସ୍ପଷ୍ଟ ବାରି ହୋଇପଡୁଛି । ଧୂଆଁ ଓ ବାଷ୍ପ ଚାଳିତ ବୃହତ କାରଖାନା ଓ କ୍ଷୁଦ୍ର ଶିଳ୍ପ ଗୁଡିକ ବେଧଡ଼କ ବେଆଇନ ଭାବରେ ଗଢି ଉଠିବା ସହ ଅନୁଗୋଳ ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ପ୍ରଦୂଷଣ ଓ ବିଷାକ୍ତ କରି ଜନ ଜୀବନ ଅସ୍ତବ୍ୟସ୍ତ ହେବା ସହ ନିରୀହ ଜୀବଜନ୍ତୁ ମଧ୍ୟ ଏଥିରୁ ବର୍ତ୍ତି ପାରୁ ନାହାନ୍ତି । ବେଆଇନ ତଥା ଅଣ ପଞ୍ଜିକୃତ ଶିଳ୍ପ ସଂସ୍ଥା ଗୁଡିକ ନିଜର ଉତ୍ପାଦନ ଓ ଉକ୍ତ ବିଭାଗୀୟ ଅଧିକାରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜନ ସାଧାରଣଙ୍କ ଜୀବନ ସହ ମାରାତ୍ମକ ଷଡଯନ୍ତ୍ର ସ୍ୱରୂପ ମରଣାତ୍ମକ ନୀତି ଅବଲମ୍ବନ କରୁଛନ୍ତି । ବିଶେଷକରି ଅନୁଗୋଳ ଜିଲ୍ଲାରେ ଗଢି ଉଠିଥିବା ବୃହତ ଶିଳ୍ପ ସଂସ୍ଥା ଯଥା ଜିନ୍ଦଲ ଷ୍ଟିଲ ପ୍ଲାଣ୍ଟ, ନାଲକୋ ଆଲୁମିନିୟମ କାରଖାନା, ନାଲକୋ ବିଦ୍ୟୁତ ଉତ୍ପାଦନ କାରଖାନା, ଚୁଡା କଳ, ଇଟା ଭାଟି, କୋଇଲା ଖଣି ଗୁଡିକରୁ ନିର୍ଗତ କୋଇଲା ଟ୍ରକ ଯୋଗେ ଜାତୀୟ ରାଜପଥରେ ଦୈନନ୍ଦିନ ଯାତାୟାତ ସ୍ଥାନୀୟ ବାସିନ୍ଦାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ବୃଦ୍ଧି ପାଇବାରେ ମୁଖ୍ୟ କାରଣ ଅଟେ । ଏନଓସି ନଥିବା ତଥା ଅଣ ପଞ୍ଜିକୃତ ସଂସ୍ଥା ଗୁଡିକ ସଂଖ୍ୟା ବଢିବାରେ ଲାଗିଛି । ଉକ୍ତ ଶିଳ୍ପ ସଂସ୍ଥା ଦ୍ୱାରା ବାୟୁ ମଣ୍ଡଳ ପ୍ରଦୂଷିତ, ପୋଖରୀ ଗାଡ଼ିଆ, ନଦୀ, ନାଳ ଜଳ ବିଷାକ୍ତ ଓ ଦୂଷିତ ହେଉଅଛି । ଫଳରେ ଉକ୍ତ ପ୍ରଦୂଷିତ ବାୟୁ ସଂସ୍ପର୍ଶରେ ଆସି ଶହ ଶହ ବ୍ୟକ୍ତି ବିଶେଷ ମାରାତ୍ମକ ରୋଗ ଯଥା ହୃଦ ରୋଗ, କିଡ଼ିନ୍ ରୋଗ, ଶ୍ୱାସ ଜନିତ ସମସ୍ୟା, ଚର୍ମ ରୋଗ, ଚୁଟି ଝଡ଼ିବା ପରି ଅକାଳ ବିୟୋଗ ଘଟିବା କ୍ଷେତ୍ରରେ ଓଡିଶା ସରକାରଙ୍କ କାରଖାନା ଓ ବାଷ୍ପିତ ଉପ ନିର୍ଦ୍ଦେଶକଙ୍କ ଅପାରଗତା ଯୋଗୁ ହିଁ ସମ୍ଭବ ହୋଇ ପାରିଛି । ପୋଖରୀ, ନଦୀ ନାଳ ଜଳ ଦୂଷିତ ହେବା ଫଳରେ ଉକ୍ତ ଜଳକୁ ବ୍ୟବହାର କରୁଥିବା ବ୍ୟକ୍ତି ବିଶେଷ ଓ ପଶୁପକ୍ଷୀ ସମୟ କ୍ରମେ ନିପାତ ହେବାକୁ ବସିଲେଣି । ଉକ୍ତ ବିଭାଗୀୟ ଅଧିକାରୀ ମୋଟା ଅଙ୍କର




ବଟି, ଚାନ୍ଦା ନେଇ ଉକ୍ତ ଅଣ ପଞ୍ଜିକୃତ ସଂସ୍ଥା ଗୁଡିକୁ ତର୍ଜମା, ପରିବେଶ ସୁରକ୍ଷା ନେଇ କୌଣସି ପଦକ୍ଷେପ ଗ୍ରହଣ ନକରିବା, ବେଧଡ଼କ ବାୟୁ ଓ ଜଳକୁ ବିଷାକ୍ତ କରିବା ପାଇଁ ଅନୁମତି ଦେବା ଆଦି କ୍ଷେତ୍ରରେ ଜନ ଅସନ୍ତୋଷ ସୃଷ୍ଟି ହୋଇଛି । ନାମକୁ ମାତ୍ର ଓଡିଶା ସରକାରଙ୍କ କାରଖାନା ଓ ବାଷ୍ପିତ ଉପ ନିର୍ଦ୍ଦେଶକ କାର୍ଯ୍ୟାଳୟ ନାଲକୋ ଇଲାକାରେ ଅଛି ମାତ୍ର କାର୍ଯ୍ୟକାରିତା ଶୂନ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଜନ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ବାୟୁ ଓ ଜଳ ସୁରକ୍ଷା ନେଇ ବେଆଇନ ଓ ବେଧଡ଼କ ଅଣ ପଞ୍ଜିକୃତ ଶିଳ୍ପ ସଂସ୍ଥା ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜନ ଅଭିଯୋଗ ପ୍ରକାଶ ପାଇଅଛି ।

# ଘୋରେଇ ଗ୍ୟାସ ବହୁଳ ବ୍ୟବହାର ବିଭିନ୍ନ ହୋଟେଲ



**ଗଜପତି,(ମହାଭାରତ):** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିରେ ରେ ଦିନକୁ ଦିନ ଘୋରେଇ ଗ୍ୟାସ ବହୁଳ ବ୍ୟବହାର ବାଣିଜ୍ୟ ପ୍ରତିଷ୍ଠାନ ରେ ହେଉଛି କିନ୍ତୁ କାର୍ଯ୍ୟାନୁଷ୍ଠାନ ନେବାରେ ବିଭାଗ ସୁନ ବିଭାଗ ସବୁ ଜାଣି ଚୁପ୍ ବସିଛି କାହିଁକି ? ଗ୍ୟାସ ବିତରଣ କେନ୍ଦ୍ର ଓ ଗୋଦାମ ଗୁଡ଼ିକ ରେ ଓଜନ ଯାଞ୍ଚ କରାଯାଉ ନାହିଁ କି ହିତା ଦିକରି ଙ୍କୁ ଦେଲାବେଳେ ଓଜନ କରି ଦୀୟ। ଜଉ ନାହିଁ ପୁଣି ଗ୍ୟାସ ଯୋଗେଇ ଦେବ। ନରେ ଡେ ଲି ଭେ ରି ଲୋକ ଅଧିକ। ଟଙ୍କା ନିଅନ୍ତି। ବ୍ୟବ ସୈକ ସିଲଣ୍ଡର କୁ ହୋଟେଲ, ଚା ଦୋକାନ, ଟିଫିନ୍ ଦୋକାନ, ରେଷ୍ଟ୍ରେରେଣ୍ଟ, ଫାଷ୍ଟ ଫୁଡ୍ ଦୋକାନ ଗୁଡ଼ିକରେ ବହୁଳ ବେବ ହର ହେବା କଥା କିନ୍ତୁ ଘୋରେଇ ଶିଲଣ୍ଡର ବହୁଳ ବ୍ୱେ ହାର ଏମାନଙ୍କୁ ପ୍ରୋଚାହ୍ନ ଦଉଛି କିଏ ଏମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେବ କେବେ ? ରାଜ୍ୟ ସରକାର ଏହି ଭଳି ଦୁର୍ନୀତି କୁ ରୋକି ବ କେବେ କାର୍ଯ୍ୟ ଷ୍ଟ ନ ନେବ କେବେ ଦେଖିବାକୁ ବାକି ରହିଲା।

# ଜାତୀୟ ରାଜପଥର ବାଘମାରୀ ଠାରେ ରାସ୍ତା ଉପରେ ଚାଲିଛି ପାଣି

**ବେଗୁନିଆ,(ମହାଭାରତ):** ଗତକାଲି ହୋଇଥିବା ଲଗାଣ ବର୍ଷା ଯୋଗୁଁ ଖୋର୍ଦ୍ଧା ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥର ବାଘମାରୀ ଠାରେ ଆଣ୍ଠୁଏ ଉଚ୍ଚର ପାଣି ଚାଲୁଛି । ସେହିପରି ବାଘମାରୀ-କଣ୍ଟିଲୋ, ସିମୋର-ବାଙ୍କୀ ,ବେଗୁନିଆ-କୁଶପଲ୍ଲୀ-କୋଲୁହାପାଟଣା ,କଣ୍ଟାବାଡ଼-ମଲ୍ଲୀପଦର ରାସ୍ତାରେ ପାଣି ଚାଲୁଥିବା ଯୋଗୁଁ ବିଭିନ୍ନ ଗ୍ରାମ ସହିତ ଖୋର୍ଦ୍ଧା , ନୟାଗଡ଼ , କଣ୍ଟିଲୋ ଓ ବାଙ୍କୀକୁ ସଂଯୋଗ କରୁଥିବା ରାସ୍ତାରେ ଜଳ ପ୍ରବାହିତ ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ଏପରିକି ନୟାଗଡ଼ କଣ୍ଟିଲୋ ପଟରୁ ଆସୁଥିବା ଗାଡି ଗୁଡିକ ବେଗୁନିଆ ପୋଷ୍ଟ ଅଫିସ ଛକ ଠାରୁ କଲେଜ ରୋଡ ଦେଇ ପରିଛଳ ଠାରୁ ଖୋର୍ଦ୍ଧା ଭୁବନେଶ୍ୱର ଅଭିମୁଖେ ଯାଉଛନ୍ତି । ସେହିପରି ଭୁବନେଶ୍ୱରରୁ ଆସୁଥିବା ଗାଡି ଗୁଡିକ ସେହିବାଟ ଦେଇ ଆସି ବେଗୁନିଆ ଠାରୁ ଗନ୍ତବ୍ୟ ସ୍ଥଳ ଅଭିମୁଖେ ଯାତାୟାତ କରୁଛନ୍ତି। ଗତକାଲିର



୧୯୬ ମିଲିମି ବର୍ଷା ଯୋଗୁଁ ବାଘମାରୀ ବଜାରରେ ଆଣ୍ଠୁଏ ଉଚ୍ଚର ପାଣି ପ୍ରବାହିତ ହେଉଥିବା ଯୋଗୁଁ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଗାଡି ମଟର ଅଟକି ରହିଛି । ବ୍ଲକର ବିଭିନ୍ନ ରାସ୍ତାରେ ପାଣି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି । ଲୋକମାନଙ୍କର ଘରେ ପାଣି ପଶିବା ଯୋଗୁଁ ଲୋକମାନେ କଲବଲ ହେଉଛନ୍ତି ।ଧାନ ଜମିରେ ପାଣି ଜମି ରହିବା ଓ ଧାନ ତଳି କ୍ଷତିଗ୍ରସ୍ତ ହେବାର ଆଶଙ୍କା ପ୍ରକାଶ ପାଇଛି । ବିଦ୍ୟୁତ ସେବା ମଧ୍ୟ ବାଧାପ୍ରାପ୍ତ ହୋଇଛି। ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ଏବଂ ପୋଲିସ ପ୍ରଶାସନ ବାଘମାରୀ ଠାରେ ରହି ରାସ୍ତାରୁ ପାଣି କିପରି ନିଷ୍କାସନ ହୋଇ ଲୋକମାନେ ହଇରାଣ ହରକତ ନହେବେ ସେଥିପ୍ରତି ତୀକ୍ଷ୍ଣ ନଜର ରଖିବା ସହ ପ୍ରଶାସନ ସହିତ ବିଚାର ଆଲୋଚନା ଚଳାଇଛନ୍ତି ।

# ପଶୁଙ୍କ ଉଧାର ପାଇଁ ବନବିଭାଗକୁ ରେସକିୟୁ ଭେନ୍ ପ୍ରଦାନ କଲା ଆଇସିଆଇ ବ୍ୟାଙ୍କ୍

**ପାରଳାଖେମୁଣ୍ଡି,(ମହାଭାରତ):** ବିଭିନ୍ନ ସମୟରେ ପଶୁ ଙ୍କ ଉଧାର ପାଇଁ ବହୁ ଅସୁବିଧା ର ସମ୍ମୁଖୀନ ହୋଇଥାଉ ପଶୁମାନଙ୍କୁ ଉଧାର କରିବା କଷ୍ଟସାଧ ହୋଇଥାଏ । ତେଣୁ ଦୁଇ ପଦ ଆଗକୁ ଆସିଛି ପାରଳାଖେମୁଣ୍ଡି ଶାଖାର ଆସିଆଇ ବ୍ୟାଙ୍କ୍। ପଶୁଙ୍କ ଉଧାର ପାଇଁ ଗଜପତି ବନ ବିଭାଗ କୁ ପ୍ରଦାନ କଲା କ୍ୱରସ୍ୱମଙ୍କର ଝଂବଭ ଏହି ଭେନ୍ ଆଜି ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସ୍ଥିତ ଗଜପତି ବନବିଭାଗ କାର୍ଯ୍ୟାଳୟ ଠାରେ ଆଜି ବନ୍ୟଜନ୍ତୁ ପଶୁ ଙ୍କ ଉଧାର ଉଦେଶ୍ୟ ରେ ଆଇସିଆଇ ବ୍ୟାଙ୍କ୍ ପକ୍ଷରୁ ଏହି ଭେନ୍ ର ଶୁଭ ଆରମ୍ଭ ହୋଇଯାଇଛି। ଏହି ଭେନ୍ ଟି କୁ ଗଜପତି ବନଖଣ୍ଡ ଅଧିକାରୀ ସବୁଜ ପତକା ଦେଖାଇ ଶୁଭ ଆରମ୍ଭ କରିଥିଲେ ଏହି ସମୟରେ ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଶାଖାର ଆସିଆଇ ବ୍ୟାଙ୍କ୍ ମେନେଜର ବ୍ୟାଙ୍କ କର୍ମଚାରୀ ରାକେଶ କୁମାର ନାୟକ ଜୋନାଲ ହେଡ - ଫାଉଣ୍ଡେସନ । ସୁରେନ୍ଦ୍ର ପୁରୋହିତ ପ୍ରୋଜେକ୍ଟ ମ୍ୟାନେଜର । ଲକ୍ଷ୍ମୀ ନାରାୟଣ ନାୟକ ପରିଚାଳକ ବନବିଭାଗ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଗଜପତି ରୁ ବିବେକ। ନନ୍ଦ ବେହେର।



# ନାଳରେ ଭାସି ଯାଇ ଛାତ୍ରୀ ନିଖୋଜ ଘଟଣା ୨୬ ଘଣ୍ଟା ପରେ ମୃତ ଦେହ ଉଦ୍ଧାର



**ଅନୁଗୋଳ,(ମହାଭାରତ):** ଅନୁଗୋଳ ବ୍ଲକ ବସଲା ଗ୍ରାମ ପଞ୍ଚାୟତର ସୁନାଭୂଇଁ ଗ୍ରାମରେ ଆଜି ନାଳରେ ଭାସି ଯାଇ ଜଣେ ଛାତ୍ରୀ ନିଖୋଜ ହୋଇଥିଲେ ।ସୁନାଭୂଇଁ ଗ୍ରାମର ପ୍ରମୋଦ ବେହେରାଙ୍କ ଝିଅ ପ୍ରୀତି ବେହେରା (୧୮) ସବୁଦିନ ପରି ଗତ କାଲି ମଧ୍ୟ କମ୍ପ୍ୟୁଟର କ୍ଲାସ କରି ଯାଇଥିଲେ। କମ୍ପ୍ୟୁଟର କ୍ଲାସ ସାରି ଦିନ ପ୍ରାୟ ଦୁଇଟା ବେଳେ ଘରକୁ ଯାଉଥିବା ବେଳେ ଘର ପାଖରେ ଥିବା ଘୋଡ଼ାଡିଆଁ ଜୋରର ପୋଲ ଉପରେ ପାଣି ଯାଉଥିବା ବେଳେ ଗ୍ରାମର ସନ୍ତୋଷ ସାହୁ ନାମକ ଜଣେ ବ୍ୟକ୍ତିଙ୍କୁ ପୋଲ ପାର କରିବା ପାଇଁ କହିଥିଲେ। ତେଣୁ ଦୁଇ ଜଣ ପୋଲ ପାର ହେଉଥିବା ବେଳେ ଦୁଇ ଜଣ ପାଣିରେ ଭାସି ଯାଇଥିଲେ। ସନ୍ତୋଷ ସାହୁ ଜୋରରୁ କିଛି ସମୟ ପରେ ବାହାରିଥିବା ବେଳେ ପ୍ରିତି ପାଣିରେ ଭାସି ଯାଇଥିଲେ। ଖବର ପାଇ ଘଟଣା ସ୍ଥଳରେ ଅନୁଗୋଳ ଦମକଳ ବାହୀନି ପହଞ୍ଚି ଖୋଜାଖୋଜି କରିଥିବା ବେଳେ ବିଫଳ ହୋଇଥିଲେ। ତେଣୁ ଓଡ୍ରାଫ୍ ଟିମ ପହଞ୍ଚିଥିବା ବେଳେ ସନ୍ଧ୍ୟା ହେବାରୁ ଆଜି ଅଗ୍ନିଶମ ବିଭାଗ ଓ ଓଡ୍ରାଫ୍ ଟିମ ମିଳିତ ଉଦ୍ୟମରେ ଖୋଜାଖୋଜି କରିଥିଲେ। ଯାହା ଫଳରେ ପ୍ରୀତିଙ୍କ କୌଣସି ଖବର ମିଳିଲା ନାହିଁ ।ତେଣୁ ୨୬ ଘଣ୍ଟା ପରେ ତାଙ୍କର ମୃତ ଦେହ ଗ୍ରାମ ନିକଟରେ ଥିବା ଗୋଟିଏ ବୁଦା ମୂଳେ ଥିବା ଦେଖିଥିଲେ। ତେଣୁ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପାଇଁ ଭର୍ତ୍ତି କରା ଯାଇଛି।

# ଅଜଣା ଗାଡି ଧକ୍କାରେ କଲେଜ ଛାତ୍ରଙ୍କ ମୃତ୍ୟୁ

## ପରିବାର ଲୋକ ଆଣିଲେ ସାଙ୍ଘାତିକ ଅଭିଯୋଗ

**ଅନୁଗୋଳ,(ମହାଭାରତ):** ଅନୁଗୋଳ ଜିଲ୍ଲା ନାଲକୋ ଥାନା ଅନ୍ତର୍ଗତ କାଣ୍ଡସର ଠାରେ ଥିବା ଓଁ ବିଦ୍ୟା ଭାରତୀ ଆବାସିକ ମହାବିଦ୍ୟାଳୟ ର ଜଣେ ଛାତ୍ରଙ୍କ ର ଏକ ଅଜଣା ଗାଡି ଧକ୍କା ରେ ମୃତ୍ୟୁ ହୋଇଛି ।ମୃତକ ଛାତ୍ର ଜଣକ ହେଲେ ଦେବଗଡ ଜିଲ୍ଲା ଛେପିଲିପାଲି ଗ୍ରାମ ର ହରି ଚନ୍ଦ୍ର ସ୍ୱାଇଁ ଙ୍କ ପୁଅ ରୁପେଶ ସ୍ୱାଇଁ । ରୁପେଶ ଗତ ଏକ ବର୍ଷ ହେବ ଓଁ ବିଦ୍ୟା ଭାରତୀ ଆବାସିକ ମହାବିଦ୍ୟାଳୟ ରେ ରହି ପାଠ ପଢୁଥିଲେ , ଚଳିତ ବର୍ଷ ସେ ଯୁକ୍ତ ଦୁଇ ବିଜ୍ଞାନର ଦ୍ୱିତୀୟ ବର୍ଷ ରେ ପାଠ ପଢୁଥିଲେ ।ଯେହେତୁ କଲେଜ ଟି ସମ୍ପୂର୍ଣ ଆବାସିକ ଥିଲା ତେଣୁ ଏହି କଲେଜ ର ହଷ୍ଟେଲ ରେ ହିଁ ରୁପେଶ ରହି ଆସୁଥିଲେ । ଆଜି ସକାଳେ ରୁପେଶ ଙ୍କ ବାପା ହରି ଚନ୍ଦ୍ର ସ୍ୱାଇଁ ଙ୍କ ନିକଟକୁ ହଷ୍ଟେଲ ର ୱ୍ୱାର୍ଡେନ ଫୋନ କରି ଜଣାଇଥିଲେ କି ଆପଣଙ୍କ ପୁଅ ର ଏକ ଦୁର୍ଘଟଣା ହୋଇଛି , ସେ ହସିପିଟାଲ ରେ ଅଛି, ଆପଣ ଶୀଘ୍ର ଆସନ୍ତୁ । ହରିଚନ୍ଦ୍ର ଦେବଗଡ ରୁ ଅନୁଗୋଳ ହସ୍ପିଟାଲ କୁ ଆସିଲା ବେଳକୁ ଜାଣିବାକୁ ପାଇଲେ ଯେ ତାଙ୍କ ପୁଅ ର ମୃତ୍ୟୁ ହୋଇ ସାରିଛି । ତେବେ କଲେଜ କର୍ତ୍ତୃପକ୍ଷ ଙ୍କୁ ପଚାରିବାରୁ ସେ କହିଥିଲେ କି ଆପଣଙ୍କ ପୁଅ ରାତି ପ୍ରାୟ ୧.୧୫ ସମୟରେ ହଷ୍ଟେଲ ରୁ ସାର



ଙ୍କ ଗାଡି ଧରି ପଳାଇଯାଉଥିବା ବେଳେ ୫୫ ନମ୍ବର ଜାତୀୟ ରାଜପଥ ର ଟାଟା ସୋରୁମ ନିକଟରେ ଏକ ଅଜଣା ଗାଡି ଧକ୍କା ଦେଇଥିଲା ଯାହା ଫଳରେ ଆମେ ତାକୁ ସେଠାରୁ ଆଣି ହସ୍ପିଟାଲ ଭର୍ତି କରିଥିଲୁ ଓ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ତେବେ ଘଟଣା ଟିକୁ ନେଇ ପରିବାର ପକ୍ଷରୁ କଲେଜ କର୍ତ୍ତୁପକ୍ଷଙ୍କ ଅବହେଳା ଦର୍ଶାଇ ନାଲକୋ ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି , ରୁପେଶ ଙ୍କ ବାପା ଙ୍କ ଅଭିଯୋଗ କି କଲେଜ ର ଦାୟିତ୍ୱ ହୀନ ପାଇଁ ତାଙ୍କ ପୁଅ ର ମୃତ୍ୟୁ ଘଟିଛି। ରାତି ସମୟରେ ସେ କାହିଁକି ହଷ୍ଟେଲ ରୁ ବାହାରକୁ ଗଲା ଯଦି ଯିବାର ଥିଲା ତେବେ ଗାଡି କେଉଁଠୁ ପାଇଲା ଓ ଗାଡି ର ଚାବି ତାକୁ କିଏ ଦେଇଥିଲା ହଷ୍ଟେଲ ରୁ ତାଙ୍କ ପୁଅ ଗଲା ସମୟରେ ୱ୍ୱାର୍ଡେନ କଣ କରୁଥିଲେ ରୁପେଶ ଏକା ଯାଇଥିଲା କି ତାଙ୍କ ସହ ଆଉ କିଏ ଥିଲା ।ଏଭଳି ଅନେକ ଅଭିଯୋଗ କରିଛନ୍ତି । ଏ ଘଟଣାକୁ ଚପାଇ ଦେବାକୁ ବହୁ ଦଲାଲ ମଧ୍ୟ ଲାଗି ପଡିଛନ୍ତି।

# ଡାଟାଏଣ୍ଟ୍ରୀ ଅପ୍ରେଟର୍ ନାମରେ ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି ଅଭିଯୋଗ

## ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି

**କୋଟଗଡ,(ମହାଭାରତ):** ବ୍ଲକର ଏମଜିଏନ୍ଆରଜିଏସ ବିଭାଗ ଡାଟାଏଣ୍ଟ୍ରୀ ଅପ୍ରେଟର ନାମରେ ଆସିଛି ଲକ୍ଷ, ଲକ୍ଷ ଟଙ୍କାର ଘୋଟାଲା ଅଭିଯୋଗ । ଡାଟାଏଣ୍ଟ୍ରୀ ଅପ୍ରେଟର ଭାବରେ କୋଟଗଡ ବ୍ଲକରେ ନିଯୁକ୍ତି ହୋଇଥିବା ଦାନିୟାଲ ନାୟକଙ୍କ ନାମରେ ଲାଗିଛି ଦୁର୍ନୀତି ର ଛାପା । ଦାନିୟାଲ ନାୟକ ଡାଟାଏଣ୍ଟ୍ରୀ ରେ ନିଯୁକ୍ତି ସମୟରୁ ବହୁ ଦୁର୍ନୀତି ରେ ଲିପ୍ତ ଥିବା ସୂଚନା ମିଳିଛି । ୨୦୨୧-୨୨ ଓ୨୦୨୩-୨୪ ଆର୍ଥିକ ବର୍ଷରେ କୋଟଗଡ ବ୍ଲକରେ ହୋଇଛି ମହା ଦୁର୍ନୀତି। ଏହି ମହା ଘୋଟାଲାର ସୂତ୍ର ଧାରି ହେଉଛନ୍ତି ଏମଜିଏନ୍ଆରଜିଏସ୍ ଦପ୍ତର କୋଟଗଡ ବ୍ଲକର ଡାଟାଏଣ୍ଟ୍ରି ଅପ୍ରେଟର ପୋଷ୍ଟରେ ରହିଥିବା ଦାନିୟଲ ନାୟକ ।ଏହି ଡାଟାଏଣ୍ଟ୍ରୀ କମ୍ପ୍ୟୁଟର ସେକ୍ସନରେ କାଯ୍ୟ କରୁଥିବା ମହାଶୟ ଏମଜିଏନଆରଜିଏସର କାମର ବିନା ବିଲରେ ଏଣ୍ଟ୍ରି କରି, ବିନା କାମରେ ଫଲସ୍ ବିଲ୍ କରିବାର ମୁଖ୍ୟ ପୁରୋଧା ସାଜି ଲକ୍ଷ ଲକ୍ଷ ଟଙ୍କା ଭାଗ ନେଇଥିବା ସୂଚନା ମିଳିଛି ।ମେଟ୍ରିୟାଲ୍ ସାମଗ୍ରୀ ର ଫଲସ୍ ବିଲ୍ ର ଲୁଟରେ ମଧ୍ୟ ସାମିଲ ହୋଇ ଜିଆରଏସ ମାନଙ୍କ ସହ ହାତ ମିଳାଇଛନ୍ତି ଏହି ମହାଶୟ ଜଣକ। ଜବକାର୍ଡ ଧାରି ମାନଙ୍କ ଠାରୁ ପୂର୍ବରୁ ପିଓ ଲଗିନଟ୍ରି ବିଡିଓଙ୍କ ପାଶ୍ୱାର୍ଡକୁ ଅପ ବ୍ୟବହାର କରି ନିଜ ଲୋକମାନଙ୍କ ଏକାଉଣ୍ଟ ଫ୍ରିଜ୍ କରି ଲକ୍ଷ,ଲକ୍ଷ ଟଙ୍କା ହରିଲୁଟ କରିଥିବା ଅଭିଯୋଗ ହୋଇଛି ଯାହାର ତଦନ୍ତ କଲେ ସତ୍ୟାସତ୍ୟ ପଦାକୁ ଆସିବ ।ଏହି ମହାଶୟ କୋଟଗଡ ବ୍ଲକ ଦୁର୍ନୀତି ର ଗନ୍ତାଘର ପାଲଟିଥିବା ବାଟରେ ଘାଟରେ ଆଲୋଚନା ହେଉଅଛି । ଏହାର ତଦନ୍ତ ଭାର ଭିଜିଲାନ୍ସ ଏବଂ ଜିଲ୍ଲାପାଳଙ୍କ ଦ୍ୱାରା କରାଯିବାକୁ ଦାବି ହେଉଅଛି । କୋଟଗଡ ବ୍ଲକରେ ଏମଜିଏନ୍ଆରଜିଏସ୍ ବିଭାଗରେ କାର୍ଯ୍ୟରତ ଡାଟାଏଣ୍ଟ୍ରୀ ଅପରେଟର ଦାନିୟାଲ ନାୟକଙ୍କ




କାଯ୍ୟରେ ଯୋଗଦାନ କଲା ଦିନ ଠାରୁ ଆଜି ପର୍ଯ୍ୟନ୍ତ ତାଙ୍କ ସବୁ ଏକାଉଣ୍ଟ ,ସମ୍ପତ୍ତି, ସଂପର୍କୀୟ ମାନଙ୍କ ଏକାଉଣ୍ଟ, ସମ୍ପତ୍ତି ଯାଚଂ କରାଗଲେ ସବୁ କଥା ପଦାକୁ ଆସିବ। କିଛି ଦିନ ହେଲା କୋଟଗଡ ବ୍ଲକର ଏମଜିଏନ୍ଆରଜିଏସ୍ ବିଭାଗରେ କୋଟି କୋଟି ଟଙ୍କାର ମହା ଘୋଟାଲା ହୋଇଥିବା ବିଭିନ୍ନ ଖବରକାଗଜ ରେ ପ୍ରକାଶିତ ହୋଇଥିବା ବେଳେ ଏହାର ମୁଖ୍ୟ ଖଳ ନାୟକ ଡାଟାଏଣ୍ଟ୍ରୀ ଅପରେଟର ବୋଲି ଅଭିଯୋଗ ହୋଉଅଛି । ଶୁଣିବାକୁ ମିଳୁଛି ଖବର କାଗଜରେ ଖବର ପ୍ରକାଶ ପାଇବା ପରେ ଘୋଟାଲାରେ ସଂପୃକ୍ତ ଥିବା ମହାଶୟ ଜଣକ ନିଜ ଦପ୍ତରର ବଡ ବାବୁ ମାନଙ୍କୁ ସଲାସୁତରା କରିବାକୁ ଉଦ୍ୟମ ଜାରି ରଖିଛନ୍ତି ।ଦେଖିବାକୁ ବାକି ରହିଲା କେବେ ହେବ ଏହି ମହାଶୟଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ । କେବେ ଗିଳିଥିବା ସରକାରଙ୍କ କୋଟି କୋଟି ଅର୍ଥ କୁ ମହାଶୟଙ୍କ ଠାରୁ ଭିଜିଲାନ୍ସ ବିଭାଗ ବାନ୍ତି କରାଇବ । ଏହି ମହା ଘୋଟାଲାରେ ସାମିଲ୍ ଥିବା ଅନ୍ୟ ସହଯୋଗୀଙ୍କ ଉପରେ ମଧ୍ୟ କାଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନସାଧାରଣ ଦାବୀ କରିଛନ୍ତି ।

# ଠିକାଦାର୍‌ର ମନମାନି କାମଯୋଗୁଁ ଗ୍ରାମବାସୀ ଏବେ ଚିନ୍ତାରେ

**ପାଟଣାଗଡ଼,(ମହାଭାରତ):** ବଲାଙ୍ଗୀର୍ ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ୍ ବ୍ଲକ୍ ପଡ଼ିଆବାହାଲ୍ ପଞ୍ଚାୟତ୍ ସାନଉଡେନ ଗ୍ରାମରେ ୱ୍ୱାଟର୍ ଅଭର୍ ହେଡ୍ ଟେଙ୍କ୍ ଠିକାଦାରଙ୍କ ମନମାନି କାମ । ଅଭିଯୋଗ୍ କଲେ ସାନଉଡେନ ଗ୍ରାମବାସୀ, ଝିପି, ଝିପି ବର୍ଷାରେ ଗାଁ ବସ୍ତିସାରା କାଦୁଅ ରେ ସର, ସର ବହୁସମସ୍ୟାର ସମ୍ମୁଖୀନ ହେଉଛନ୍ତି ଗାଁ ବାସିନ୍ଦା, ଗାଁ ବସ୍ତି ଶେଷରେ ଚାଲିଛି ପାଣିଟାଙ୍କି କାମ ଓ ସେ କାମପାଇଁ ଯାଉଛି ବାଲିବୋଝେଇ ହାଇୱା ସିମେଣ୍ଟ, ଛଡ, ଟ୍ରାକ୍ଟର୍ ଓ ଅନ୍ୟାନ୍ୟ ଗାଡି ମାନେ । ଯାହାଫଳରେକି ବସ୍ତିରେ ହୋଇଥିବା କଂକ୍ରିଟରାସ୍ତା ମାଲବାହିଗାଡିର ଅଧିକ ଓଜନ ସହୀନପାରି ରାସ୍ତା ଭୁଶୁଡି ଯାଉଛି । ଗାଁ ଲୋକେ ଠିକାଦାର କୁ ଯେତେ କହିଲେବି ଶୁଣିବାକୁ ନାରାଜ୍ ପାଣି ଟାଙ୍କି ଠିକାଦାର୍ । ଏଠି ଆଶ୍ଚର୍ଯ୍ୟର ବିଷୟ ହେଲା ଗାଁର କଥାକୁ କାହିଁକି ଅଣଦେଖା କରୁଛି ଠିକାଦାର୍, ଓଭର୍ ହେଡ୍ ଟାଙ୍କି କାମ ଆରମ୍ଭରୁ ସ ?ଟି ହେଲାନି ନାନାଦି ସମସ୍ୟା, ଟାଙ୍କି ତିଆରିହେଉଥିବା ରାସ୍ତା ରେ ରହିଛି ନଦୀ ଲୋକେ ନଦୀକୁ ଗାଧୋଇବା ଶୌଚ କରିବାପାଇଁ ଯିବାଆସିବା କରନ୍ତି, ଓ ସେହିରାସ୍ତାରେ ଚାଲିଛି ଓଭର୍ ହେଡ୍ ଟାଙ୍କି କାମ ହ.ମ.ଭ ଦ୍ୱାରା ମାଟି ଉଠାଇ ରାସ୍ତା ରେ ପକାଇବା ଦ୍ୱାରା, ରାସ୍ତା ସାରା କାଦୁଅରେ ପରିପୂର୍ଣ୍ଣ ଗାଁ ବାସିନ୍ଦାଙ୍କ ଅସୁବିଧା କହିଲେ ନସରେ । ଗାଁର ଅଭିଯୋଗକୁ କାହିଁକି ଖାତିର୍ କରୁନାହାନ୍ତି ଠିକାଦାର୍, ବର୍ଷା ସମୟରେ କେମିତି ପ୍ରଶାସନ ତରଫରୁ କାର୍ଯ୍ୟ ନିର୍ଦ୍ଦେଶନାମା ରହିଛି । ତାହା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି, ଓ ଠିକାଦାର ବସ୍ତି ରେ ଥିବା କଂକ୍ରିଟ୍ ରାସ୍ତାରେ ବାଲିବୋଝେଇ ହାଇୱା ଚଳେଇ ରାସ୍ତା ଖରାପ କରୁଛି ତାହା ଏବେ ଗ୍ରାମବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଆମ ଖବର ପ୍ରସାରଣ ପରେ ଗ୍ରାମବାସୀଙ୍କ ଅଭିଯୋଗ ଉପରେପ୍ରଶାସନ ତରଫରୁ କେତେ ସଠିକ୍ ତଦନ୍ତ ହେଉଛି ତାହାଏବେ ଦେଖିବାକୁ ବାକିରହିଲା ।



## ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦଙ୍କ ନୟାଗଡ଼ ରେ ବଜେଟ୍ ସମୀକ୍ଷା

# ଗରିବ ମହିଳା, ଯୁବକ ଓ କୃଷକ ଙ୍କ ଉନ୍ନତିକୁ ଦୃଷ୍ଟି ଦିଆଯାଇଛି



ନୟାଗଡ଼, ( ମହାଭାରତ ) : ରାଜ୍ୟ ସରକାରଙ୍କ ମତ୍ସ୍ୟ, ପ୍ରାଣୀ ସମ୍ପଦ ଏବଂ ଅଣୁ, କ୍ଷୁଦ୍ର ମଧ୍ୟମ ଶିଳ୍ପ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ନୟାଗଡ଼ ଗସ୍ତରେ ଆସି ନିଜ ବିଭାଗ ଅଧୀନରେ ଥିବା ବିଭିନ୍ନ ପ୍ରକଳ୍ପ ଗୁଡ଼ିକ ସମ୍ପର୍କରେ ସମୀକ୍ଷା କରିଥିଲେ। ଏହା ସହ ସାମ୍ବାଦିକ ସମ୍ମିଳୀନରେ ସେ ରାଜ୍ୟ ସରକାରଙ୍କ ବଜେଟ୍କୁ ସମୀକ୍ଷା କରିବା ସହ ଗରିବ, ମହିଳା, ଯୁବକ ଓ କୃଷକଙ୍କ ଉନ୍ନତିକୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି। ନିଜ ବିଭାଗ ପ୍ରତି ରାଜ୍ୟ ବଜେଟ୍ରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ମତ ରଖି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଲେ ଯେ, କୁକୁଡ଼ା ବିକାଶ ଯୋଜନା ଅଧୀନରେ ୧୨୫ କୋଟି ଟଙ୍କା ଓ ଦୁଗ୍ଧ ବିକାଶ ପାଇଁ ୧୯୫ କୋଟି ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଅଧୀନରେ ୩୬୦ କୋଟି ଟଙ୍କା, ମତ୍ସ୍ୟଚାଷର ସମନ୍ୱିତ ବିକାଶ ଓ ପରିଚାଳନା ପାଇଁ 'ନୀଳ ବିପ୍ଳବ' ଯୋଜନା ଅଧୀନରେ ୨୨୦ କୋଟି ବ୍ୟୟବରାଦ କରାଯାଇଛି। ଦୁଗ୍ଧ ଓ ପଶୁସମ୍ପଦ ପରିଚାଳନାର ବିକାଶ ପାଇଁ 'ରାଷ୍ଟ୍ରୀୟ ପଶୁଧନ ବିକାଶ ଯୋଜନା- ଶ୍ୱେତ ବିପ୍ଳବ' ଯୋଜନା ଅଧୀନରେ ୨୨୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ୨୦୨୪-୨୫ ବର୍ଷ ପାଇଁ ପ୍ରାଣୀ ସମ୍ପଦ ସ୍ୱାସ୍ଥ୍ୟ ଓ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅଧୀନରେ ୧୭୧ କୋଟି ପ୍ରଦାନ କରାଯାଇଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଉନ୍ନୟନ ବିଭାଗ ନିମନ୍ତେ ରାଜ୍ୟ ବଜେଟରେ ମୋଟ୍ ୧୯୩୭.୬୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହା ସହ ଚାଷୀ ଓ ମହିଳା ଚାଷୀ ମାନଙ୍କ ପାଇଁ ବିଭିନ୍ନ ରିହାତି ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ପାଇଁ ବଜେଟରେ ୭୪୭.୧୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମୋହନ ସରକାରଙ୍କ ଏହି ବିଜେଟକୁ ଯୁଗାନ୍ତକାରୀ ବୋଲି ମନ୍ତ୍ରୀ ମତ ରଖିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ବିଜେପି ଜିଲ୍ଲା ସଭାପତି ତାପସ ମାର୍ଥା, ବିଜେପି ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ, ବିଜେପି ନେତା ରାଘବ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଅଟୋ ରିକ୍ସା ସହ ୩ ବାଇକ ଜବତ, ୪ ଗିରଫ




ଟିଟିଲାଗଡ଼ (ମହାଭାରତ) ତୁଷୁରା ପୋଲିସ ପେଟ୍ରୋଲିଂ କରୁଥିବା ବେଳେ ବିପୁଳ ପରିମାଣ ରେ ଗଞ୍ଜେଇ ଜବତ କରିବା ସହ ଗୋଟିଏ ଅଟୋ ରିକ୍ସା, ୩ ଟି ବାଇକ ସହ ୪ ଜଣ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କର ବଲାଙ୍ଗୀର କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ତୁଷୁରା ଥାନା ଅନ୍ତର୍ଗତ ବିରାମୁଣ୍ଡା ଗାଁ ଜନକପୁରର ରାଜେନ୍ଦ୍ର ବାଗ, ଘଣ୍ଟାପଡା ଥାନା ଅନ୍ତର୍ଗତ ଉଡେନର ବୈକୁଣ୍ଠ ନାଗ, ରିଙ୍ଗାପଡାର ସିଦ୍ଧାନ୍ତ ରଣା ଓ କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ଅନ୍ତର୍ଗତ ଅନ୍‌ଚଲର ରାଜକୁମାର ଗନ୍ତିଆ। ସୂଚନା ଅନୁସାରେ ତୁଷୁରା ପୁଲିସ ଗଞ୍ଜେଇ ଚାଲାଣ ହେଉଥା ଖବର ପାଇ ଗୁଡଭେଲା,ବିରାମୁଣ୍ଡା ରାସ୍ତା ରେ ପାଟ୍ରୋଲିଂ କରୁଥିବା ବେଳେ ଏକ ଯାତ୍ରୀ ବାହି ଅଟୋ ରିକ୍ସା ଗୁଡଭେଲା ପଟକୁ ଯାଉଥିଲା। ପୁଲିସ ସନ୍ଦେହ କରି ଉକ୍ତ ଅଟୋ ରିକ୍ସ କୁ ଯାଞ୍ଚ କରିଥିଲା । ଯାଞ୍ଚ ବେଳେ ଉକ୍ତ ଅଟୋ ରେ ବିପୁଳ ପରିମାଣରେ ପୁଲିସ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲା। ଠିକ ଏହି ସମୟରେ ୩ ଟି ବାଇକ ଦୃତ ଗତି ରେ ଆସି ଖସିଯିବାକୁ ଚେଷ୍ଟା କରୁଥିଲା। କିନ୍ତୁ ପୁଲିସ ସମସ୍ତ ଙ୍କୁ ଧରିବା ରେ ସଫଳ ହୋଇଥିଲା। ଉକ୍ତ ତିନୋଟି ବାଇକରେ ଗଞ୍ଜେଇ ଭର୍ତ୍ତି ହୋଇ ରହିଥିଲା। ସମସ୍ତଙ୍କୁ ଗିରଫ କରିବା ସହ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମୋଟ ୪୦ କେଜି ଗଞ୍ଜେଇ ଜବତ କରାଯାଇଥିବା ତୁଷୁରା ଥାନାଧିକାରୀ ଶଶୀଭୂଷଣ ମିଶ୍ର ପ୍ରକାଶ କରିଥିଲେ। ଏସଆଇ ଭାନୁପ୍ରୀୟା ମହାନ୍ତି, ଗଙ୍ଗାଧର ମଲ୍ଲିକ, ଉପେନ୍ଦ୍ର ବିଶ୍ୱାଲ, ବଲରାମ କାଲାଗୁରା,ପଞ୍ଚାନନ ମଲ୍ଲିକ ଆଦି ପେଟ୍ରୋଲିଂରେ ସାମିଲ ଥିଲେ।

## ଦେବୀ ନଦୀରେ ନିଖୋଜ ଯୁବକ ଙ୍କ ଶବ ଉଦ୍ଧାର

ଅସ୍ତରଙ୍ଗ,(ମହାଭାରତ): ମଙ୍ଗଳବାର ସନ୍ଧ୍ୟା ସମୟ ରେ ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତ ଏଡବାଂଶ ଗ୍ରାମ ର ଶରତ କୁମାର ସେନାପତି ଙ୍କ ୨୫ ବର୍ଷୀୟ ପୁଅ ଆଶୀଷ କୁମାର ସେନାପତି ନଦୀ କୂଳ କୁ ଶୌଚ ପାଇଁ ଯାଇଥିଲେ। ଆଉ ଫେରିନଥିଲେ। ଏହି ଖବର କୁ ନେଇ ଗ୍ରାମବାସୀ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ସହ କାକଟପୁର ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ, ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଖୋଜ ଯୁବକ ଙ୍କୁ ଖୋଜାଖୋଜି କରିଥିଲେ କିନ୍ତୁ ଦୀର୍ଘ ସମୟ ଖୋଜିବା ପରେ ଯୁବକ ର କୌଣସି ସନ୍ଧାନ ମିଳିନଥିଲା। କିନ୍ତୁ ଆଜି ଦିବା ୧୧ ଘଟିକା ସମୟ ରେ ଜଗତସିଂହପୁର ମରୀଚିପୁର ଧନୁବେଲାରୀ ନିକଟରେ ନଦୀ ରେ ଏକ ଅଜଣା ଯୁବକ ର ମୃତ ଶରୀର ଲାଗିଥିବାର ସୂଚନା ପାଇ ଆଶୀଷ ଙ୍କ ପରିବାର ଲୋକ ସେଠି ପହଞ୍ଚି, ମୃତ ଶରୀର ଆଶୀଷ ସେନାପତି ଙ୍କର ବୋଲି ଚିହ୍ନଟ କରିଛନ୍ତି। ଜଗତସିଂହପୁର ଜିଲ୍ଲା ବନ୍ଦର ମେରାଇନ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଘଟଣା ର ତଦନ୍ତ ଆରମ୍ଭ କରିଛି। ଏହି ବାବଦରେ ଆଶୀଷ ଙ୍କ ବଡବାପା ଙ୍କ ପୁଅ ଆଦର୍ଶ କୁମାର ସେନାପତି ଗଣମାଧ୍ୟମ କୁ ତାଙ୍କ ମତାମତ ରେ ସୂଚନା ଦେଇଛନ୍ତି ।

## ବାଇକ ଧକ୍କା ରେ ୨ ଗୁରୁତର

କରଞ୍ଜିଆ, (ମହାଭାରତ) ଠାକୁରମୁଣ୍ଡା -ଆନନ୍ଦପୁର ରାସ୍ତା ର ଘୁଲୁଘୁଲିଆ ପୋଲ ନିକଟରେ ବୁଧବାର ସନ୍ଧ୍ୟାରେ ବାଇକ ଧକ୍କା ରେ ଜଣେ ପଥଚାରୀ ସମେତ ଜଣେ ବାଇକ ଅରୋହି ଗୁରୁତର ହୋଇଛନ୍ତି। ଦୁର୍ଘଟଣା ପରେ ଦୁର୍ଘଟଣାସ୍ଥଳ ରୁ ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରା ଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଠାକୁରମୁଣ୍ଡା ରୁ ଦୀପକ ଜେନା ଓ ଗଣେଶ ଜେନା ଦୁଇ ଜଣ ଯୁବକ ଏକ ବାଇକ ଯୋଗେ କୌଣସି କାମରେ ଆନନ୍ଦପୁର ଯାଉଥିଲେ। ଘୁଲୁଘୁଲିଆ ନିକଟ ପୋଲ ପାଖରେ ଥିବା ଏକ ଢାବା ରୁ ଘୁଲୁଘୁଲିଆ ଗ୍ରାମର ରାଜୁ ସୋରେନ ଓ ତାଙ୍କର ସ୍ତ୍ରୀ ପୁଅ ଚାଲି ଚାଲି ଘରକୁ ଯାଉଥିବା ବେଳେ ଠାକୁରମୁଣ୍ଡା ପଟୁ ଯାଉଥିବା ବାଇକ ରାଜୁ ସୋରେନ କୁ ଧକ୍କା ଦେଇଥିଲା। ଦୁର୍ଘଟଣା ରେ ରାଜୁ ସୋରେନ ଙ୍କ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ମୁହଁରେ ଆଘାତ ହୋଇଛି। ସେହିପରି ବାଇକ ଅରୋହି ଦୀପକ ଜେନା ଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଛି। ଉଭୟ ଚିକିତ୍ସିତ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ହେଉଛନ୍ତି ।

## ଲିମ୍ଫାଟିକ ଫାଇଲେରିଆ ନିରାକରଣ ନିମନ୍ତେ ସାମୁହିକ ଔଷଧ ସେବନ ସମ୍ପର୍କରେ ଗଣମାଧ୍ୟମ କର୍ମଶାଳା

ଅନୁଗୋଳ (ମହାଭାରତ ): ,ଅନୁଗୋଳ ଜିଲ୍ଲାରେ ଲିମ୍ଫାଟିକ ଫାଇଲେରିଆ ନିରାକରଣ ପାଇଁ ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଅଗଷ୍ଟ ୧୦ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅନ୍ତର୍ଯ୍ୟାମୀ ମିଶ୍ର (ପରିବାର କଲ୍ୟାଣ) ଯୋଗଦେଇ କହିଥିଲେ ଯେ ଜିଲ୍ଲାରେ ଅଗଷ୍ଟ ୧୦ରୁ ଅଗଷ୍ଟ ୧୯ ତାରିଖ ପର୍ଯ୍ୟନ୍ତ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ଚାଲିବ ଓ ଏହି କାର୍ଯ୍ୟକ୍ରମ ଅଧୀନରେ ଗୋଷ୍ଠୀ ଅଂଶ ଗ୍ରହଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଲିମ୍ଫାଟିକ ଫାଇଲେରିଆ ନିରାକରଣ ଦିଗରେ ଲୋକ ପ୍ରତିନିଧି, ଗଣମାଧ୍ୟମ ପ୍ରତିବଦ୍ଧତା ସହିତ ଏକ ଆନ୍ଦୋଳନରେ ପରିଣତ କରିବେ ବୋଲି ଆଶା ପ୍ରକାଶ କରିଥିଲେ।

## ୧୦୦ କେଜି ଗଞ୍ଜେଇ ଜବତ ସହ ୨ ଗିରଫ



ଅନୁଗୋଳ ,(ମହାଭାରତ): ଆଜି ଜିଲ୍ଲା ଅବକାରୀ ବିଭାଗକୁ ବଡ଼ ସଫଳତା ମିଳିଛି। ଗୋଟିଏ ସୁଏଫ୍ଟ କାର ରୁ ଆଜି ୧୦୦ କେଜି ଗଞ୍ଜେଇ ଜବତ କରାଯାଇଛି ।ସକାଳ ୭ଟା ସମୟରେ ଅନୁଗୋଳ ସହର ପଞ୍ଚମହଲା ଠାରେ ପେଟ୍ରୋଲିଂ ଚାଲିଥିବା ସମୟରେ ଦୃତ ଗତିରେ ଆସୁଥିବା ଏକ କାର କୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଜଣାପଡ଼ିଲା ଯେ ଏଥିରେ ୩ ବସ୍ତା ଗଞ୍ଜେଇ ଯାଉଥିଲା , ଯାହାର ମୂଲ୍ୟ ୧୦ ଲକ୍ଷ୍ୟ ହେବ । ଏହି କାର ନଂ ଓଡି ୦୮ ୯୯୯୯ ରୁ ୧୦୦ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଗାଡି ରେ ଥିବା ଦୁଇ ଜଣ ଯୁବକଙ୍କୁ ମାଡ଼ି ବସିଥିଲା ସ୍କ୍ୱାଡ ।ଗିରଫ ଦୁଇ ଯୁବକ ହେଲେ କନ୍ଧମାଳର ନବୀନ ପାତ୍ର (୨୪), ଆଉ ଜଣେ ବୌଦ୍ଧରୁ ବିକୁନ ମହାକୁଣ୍ଡ ବୋଲି ଜଣାପଡିଛି। ଉକ୍ତ କାର ରେ ଥିବା ଦୁଇ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।ପ୍ରାଥମିକ ତଦନ୍ତ ରୁ ଗଞ୍ଜେଇ କନ୍ଧମାଳ ରୁ ବାହାରକୁ ଯାଉଥିବା ଜଣା ପଡ଼ିଛି ।ଜବତ ଗଞ୍ଜେଇର ବଜାର ମୂଲ୍ୟ ୧୦ ଲକ୍ଷ ଟଙ୍କା ରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି।

## ନୟାଗଡ଼ ରେ ସଚେତନତା କାର୍ଯ୍ୟକ୍ରମ

# ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ସାମାଜିକ ଯୋଜନା ଉପରେ ସଚେତନତା



ନୟାଗଡ, ( ମହାଭାରତ ) : ନୟାଗଡ ଜିଲ୍ଲା ଓ ଦୌରାଜଜ ତଥା ଅଧ୍ୟକ୍ଷ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ଶ୍ରୀ ଆନନ୍ଦ ନାରାୟଣ ମହାରଣାଙ୍କ ଅନୁମୋଦନ କ୍ରମେ, ଶ୍ରୀମତୀ ଅଞ୍ଜଳି ମଛଖଣ୍ଡ, ସଚିବ ତଥା ବରିଷ୍ଠ ବର୍ଗ ବିଚାରପତି, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନୟାଗଡ଼ ସଚେତନତା କାର୍ଯ୍ୟକ୍ରମ କରିଥିଲେ। ନୟାଗଡ଼ ମୁନିସିପାଲିଟି ସ୍ଥିତ ୱାର୍ଡ ନମ୍ବର ୧୪ ଯଜଙ୍ଗୀସାହି ଠାରେ ଅବସ୍ଥିତ ସାହି ବାସିନ୍ଦା ମାନଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ସାମାଜିକ ଯୋଜନା ବର୍ଣ୍ଣନା କରିବା ସହିତ ଅଭିଯୋଗ ଶୁଣାଣି କରିଥିଲେ। ପୌର ପରିଷଦ କାର୍ଯ୍ୟନିର୍ବାହି ଅଧିକାରୀ, ଶ୍ରୀମତୀ ସ୍ନେହଲତା ଆଚାର୍ଯ୍ୟ ଉପସ୍ଥିତ ରହିଥିଲେ। ଲେଖନପୁର ସ୍ଥିତ ସମର୍ପଣ ବୃଦ୍ଧା ଶ୍ରମ ଅନ୍ତେବାସୀ ମାନଙ୍କ ସହିତ ସମୟ ଅତିବାହିତ କରି, ସେମାନଙ୍କ ଭଲମନ୍ଦ ବୁଝିବା ସହିତ ଗୀତ ଆସରରେ ସେମାନଙ୍କୁ ବିମୁଗ୍ଧ କରିଥିଲେ । ନୂଆଗାଁ ବ୍ଲକ ବଡଗୋଠ ପଞ୍ଚାୟତରେ କେନ୍ଦ୍ର ଓ ରାଜ୍ୟ ସାମାଜିକ ଯୋଜନା ଆଲୋଚନା କରିଥିଲେ । ସରପଞ୍ଚ ଶ୍ରୀମତୀ ତିଳୋତମା ନାୟକଙ୍କ ସହାୟତାରେ ମହିଳା ମାନଙ୍କ ମତାମତ ଶୁଣିଥିଲେ। ଶେଷରେ ଚଣ୍ଡିବସ୍ତ ପଞ୍ଚାୟତ ଅନ୍ତରର୍ଗତ ହାଟଦ୍ୱାର ଠାରେ ଶ୍ରୀ ସତ୍ୟବାଦୀ ନାୟକଙ୍କ ଉପସ୍ଥିତିରେ, ଶ୍ରମିକ ସହାୟତା ଯୋଜନା ବୁଝାଇଥିଲେ। ଉପରୋକ୍ତ ୪ ଗୋଟି କାର୍ଯ୍ୟକ୍ରମରେ ବରିଷ୍ଠ ଅଧିବକ୍ତା ଶ୍ରୀ ରମେଶ ଚନ୍ଦ୍ର ମହାରଣା, ପ୍ରାଧିକରଣ ସଦସ୍ୟ ମହମ୍ମଦ ଓମାର ମାଲ୍ଲିକ, ପ୍ରାଧିକରଣ କର୍ମଚାରୀ ଶ୍ରୀ ଗଦାଧର ବିଶ୍ୱାଳ, ଶ୍ରୀ ପବନ କୁମାର ବେହେରା ଏବଂ ଶ୍ରୀ ରାଜେଶ କୁମାର ବାରିକ ସହାୟତା କରିଥିଲେ।

## ଜେଏସପି ପ୍ରତିଷ୍ଠାତା ଦିବସ: ବଡ଼ବିଲ ପେଲେଟ୍ ପ୍ଲାଣ୍ଟ, ଟେନ୍ସା ଏବଂ କାସିଆ ଆଇରନ ମାଇନ୍ସରେ ପାଳିତ




ଯୋଡା/ବଡ଼ବିଲ, (ମହାଭାରତ): ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି) ର ପ୍ରତିଷ୍ଠାତା ଦିବସ ୭ ଅଗଷ୍ଟ ୨୦୨୪ ରେ ଜେଏସପି ଗ୍ରୁପର ବଡ଼ବିଲ ପେଲେଟ୍ ପ୍ଲାଣ୍ଟ, ଟେନ୍ସା ଏବଂ କାସିଆ ଆଇରନ ମାଇନ୍ସରେ ପାଳିତ ହୋଇଯାଇଛି। ସମସ୍ତ ୟୁନିଟ୍ ମୁଖ୍ୟ, କମ୍ପାନୀର ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ପ୍ରତିଷ୍ଠାତା ଚେୟାରମ୍ୟାନ ତଥା ପ୍ରଖ୍ୟାତ ଶିଳ୍ପପତି, ଶ୍ରୀ ଓମ୍ ପ୍ରକାଶ ଜିନ୍ଦଲଙ୍କୁ ତାଙ୍କ ୯୪ ତମ ଜନ୍ମୋତ୍ସବରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଉପଲକ୍ଷେ ଦିନିକିଆ ଆଧ୍ୟାତ୍ମିକ, ସାଂସ୍କୃତିକ ଏବଂ କ୍ରୀଡା କାର୍ଯ୍ୟକ୍ରମ ମାନ ଆୟୋଜିତ ହୋଇଥିଲା । ବଡ଼ବିଲ ପେଲେଟ ପ୍ଲାଣ୍ଟରେ ଶ୍ରୀ ଓ. ପି. ଜିନ୍ଦଲଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଦିନ ଆରମ୍ଭ ହୋଇଥିଲା ପରେ ଟାଉନସିପ୍ ମନ୍ଦିରରେ ଆୟୋଜିତ ପୂଜା ଏବଂ ଯଜ୍ଞ କାର୍ଯ୍ୟକ୍ରମରେ ୟୁନିଟ୍ ମୁଖ୍ୟ ଶ୍ରୀ ପୁରୁଷୋତ୍ତମ ଏମ୍ ଡି, ମାନବ ସମ୍ବଳ ବିଭାଗ ମୁଖ୍ୟ ଶ୍ରୀ ଆଶିଷ ରଞ୍ଜନ ମହାନ୍ତି, ଅନ୍ୟ ବରିଷ୍ଠ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟ ଯୋଗ ଦେଇଥିଲେ। ୯୪ ତମ ପ୍ରତିଷ୍ଠାତା ଦିବସ କାସିଆ ଓ ଆଇରନ ମାଇନ୍ସରେ ଥିବା ଟାଉନସିପ ମାନଙ୍କରେ ମହା ସମାରୋହରେ ପାଳନ କରାଯାଇଛି । ଟାଉନସିପ ମନ୍ଦିରରେ ପୂଜା ଅର୍ଚନା ସହ ପରିପାର୍ଶ୍ୱିକ ଗ୍ରାମ ମନନଙ୍କରେ ଜନ କଲ୍ୟାଣ ମୂଳକ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଇଥିଲା ଟେନ୍ସା ଠାରେ ଶ୍ରୀ ଓ. ପି. ଜିନ୍ଦଲ ମେମୋରିଆଲ୍ ଫୁଟବଲ୍ ଟୁର୍ନାମେଣ୍ଟ ଆୟୋଜନ ହୋଇଥିଲା କାସିଆ ୟୁନିଟ୍ ମୁଖ୍ୟ ଶ୍ରୀ ପ୍ରମୋଦ କୁମାର ପାତ୍ର ଓ ଟେନ୍ସା ୟୁନିଟ୍ ମୁଖ୍ୟ ଶ୍ରୀ କମଳାକାନ୍ତ ନନ୍ଦ ଏବଂ ଆଖପାଖ ଗ୍ରାମ ପଞ୍ଚାୟତର ମାନ୍ୟଗଣ୍ୟ ବ୍ୟକ୍ତି ସମାରୋହରେ ଯୋଗ ଦେଇଥିଲେ। ଜେଏସପି ଫାଉଣ୍ଡେସନ ପକ୍ଷରୁ ମଧ୍ୟ ପରିପାର୍ଶ୍ୱିକ ଗ୍ରାମ ଓ ସ୍କୁଲ ମାନଙ୍କରେ ଗ୍ରାମବସି ଓ ପିଲାମାନଙ୍କ ପାଇଁ ବିଭିନ୍ନ ପ୍ରକାର କ୍ରୀଡା ଓ ସେବା ମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ଏ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ଶ୍ରୀ ପୁରୁଷୋତ୍ତମ ଏମ୍ ଡି ଓ ସିଏସ୍ଆର୍ ମୁଖ୍ୟ ଶ୍ରୀ ଉର୍ଜିଲ ଲାକ୍ରା ଯୋଗଦେଇଥିଲେ ।

## ପାରଳାଖେମୁଣ୍ଡି ଠାରୁ ନାମନଗଡ଼କୁ ପକ୍କା ରାସ୍ତା ସକାଶେ ଦାବୀ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଆୟୋଜିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀରେ ନାମନଗଡ଼ର ପୂର୍ବତନ ସରପଞ୍ଚ କ୍ଷତ୍ରିବରଞ୍ଚିସୋଇ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରୋକଷ୍ଟରେ ଆସି ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ରେ ଲେଖା ଅଛି ପାରଳାଖେମୁଣ୍ଡି ସଦର ମହକୁମା ଠାରୁ ଗୁମ୍ମ ନାମନଗଡ଼ ଗ୍ରାମ ପଞ୍ଚାୟତ ୧୧ କିଲୋମିଟରର ରାସ୍ତା ଅଟେ। ପକ୍କାରାସ୍ତାଟି ମରାମତି ଅଭାବରୁ ଶୋଚନୀୟ ହୋଇପଡିଛି। ଏହି ରାସ୍ତାଟି ଖାଲଖମା ହୋଇ ଯିବାରୁ ଦୁର୍ଘଟଣା ଘଟିଥିବା ର ଅଭିଯୋଗ ହେଉଛିଯଏହି ରାସ୍ତାରେ ୫ ଟି ପଞ୍ଚାୟତର ଜନ ସାଧାରଣ ଯାତାୟାତ କରୁଛନ୍ତି। ଝାମି ପଞ୍ଚାୟତ,ନାମନଗଡ଼ ପଞ୍ଚାୟତ, ଅଜୟ ଗଡ଼ ପଞ୍ଚାୟତ, ଭୁବୁନି ପଞ୍ଚାୟତ, ସେରଙ୍ଗ ପଞ୍ଚାୟତ ର ଲୋକ ଯିବା ଆସିବା କରନ୍ତି। ତେଣୁ ଏହି ରାସ୍ତା ତୁରନ୍ତ ମରାମତି କରିବା ପାଇଁ ଦାବୀ ହେଉଛି।

## ବର୍ଷାରେ ଭାଙ୍ଗିଲା ଦୁଇଟି ଘର କ୍ଷତି ଗ୍ରସ୍ତ ପରିବାରଙ୍କୁ ଭେଟିଲେ ବିଧାୟକ



ବିଷମ କଟକ(ମହାଭାରତ): ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଅନେକ ରାସ୍ତାଘାଟ ଘରଦ୍ୱାର ଧଇହଇ ଯାଇଥିବା ବେଳେ ରାୟଗଡା ଜିଲ୍ଲା ବିଷମକଟକ ବ୍ଲକ ଅନ୍ତର୍ଗତ ସାହାଡା ଗ୍ରାମ ପଞ୍ଚାୟତର ଅଜିଙ୍ଗ ପଦର ଗ୍ରାମ ର ଚନ୍ଦ୍ର ଦାସ କର୍କୋରିଆ ଓ ସାହାଡା ଗ୍ରାମର ଡମ୍ବୁରୁ ହିଆଲ୍ ଦୁଇ ପରିବାରର ଘର କାଂ ପଡ଼ି ଘର ଭାଙ୍ଗି ଯାଇଛି। ଯାହାଫଳରେ ଗୋଟିଏ ପରିବାର ପର ବାରଣ୍ଡାରେ ଥିବାବେଳେ ଆଉ ଗୋଟିଏ ପରିବାର ଭଙ୍ଗା ଦଦରା ଘରେ ଦିନ କାଟୁଛନ୍ତି ।ଉଭୟ ପରିବାର ଙ୍କ ଏହି ଦୁଃଖଦ ଖବର ଶୁଣି ବିଷମକଟକ ବିଧାୟକ ନିଳମାଧବ ହିକକା ଘଟଣାସ୍ଥଳକୁ ଯାଇ ଭେଟିବା ସହ କ୍ଷତିଗ୍ରସ୍ତ ଲୋକଙ୍କୁ ଭେଟି ଆଶ୍ୱାସନା ଦେବା ସହ ଘଟଣା ବିଷୟରେ ବିଷମକଟକ ତହସିଲ ପ୍ରଶାସନ ସହ ଆଲଚନା କରିବି ବୋଲି କହିଛନ୍ତି । ତେବେ ବଡକଥା ହେଲା ଡମ୍ବୁରୁ ହିଆଲଙ୍କ ଦୁଇପୁଅ ଦାଦନ ଖଟିବାକୁ ଯାଇଥିବା ବେଳେ ଲଗାଣବର୍ଷା ଯୋଗୁଁ ଘର ଭାଙ୍ଗି ଯାଇଥିବା ଘଟଣା ଅତ୍ୟନ୍ତ ମର୍ମାହତ ଓ ଦୁଃଖ ଦାୟକ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଏପରି ପରିସ୍ଥିତିରେ ପ୍ରଶାସନ କ୍ଷତିଗ୍ରସ୍ତ ପରିବାରଙ୍କୁ ସହାୟତା ଦେବା ନିହାତି ଜରୁରି ବୋଲି ଗ୍ରାମ ବାସୀମାନେ କୋହିଚନ୍ତି ଉଭୟ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ଅଟନ୍ତି ।

## ଲଗାଣ ବର୍ଷା ପାଇଁ ବେହାଲ ବାଣିବିରି ପାହାଡ଼

# ରାଜପଥ ଉପରକୁ ଖସୁଛି ଅତଡ଼ା, ଅସୁରକ୍ଷିତ ଯାତ୍ରୀ



ଦଶପଲ୍ଲା, ( ମହାଭାରତ ) : ହଠାତ ପାହାଡ଼ରୁ ଜାତୀୟ ରାଜପଥ ଉପରକୁ ମାଡ଼ିଆସୁଛି ବଡ଼ବଡ଼ ପଥରଖଣ୍ଡ ଓ ମାଟି ଅତଡ଼ା। ଯେକୌଣସି ସମୟରେ ବି ବଡ଼ ଧରଣର ଅଘଟଣ ଘଟିପାରେ। ଯାହାକି ଯାତ୍ରୀଙ୍କ ପାଇଁ ଏବେ ମରଣଯନ୍ତା ପାଲଟିଛି ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଦଶପଲ୍ଲା ବ୍ଲକ୍ ଅଧୀନସ୍ଥ ଜାମୁମାହି ଓ କୁଲୁରୁକୁମ୍ପା ମଧ୍ୟରେ ଥିବା ବାଣିବିରି ଘାଟିରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଜାତୀୟ ରାଜପଥ ନିର୍ମାଣ ସମୟରେ ଘାଟିରୁ ପ୍ରାୟ ୮ ଫୁଟ ମାଟି ଖୋଳାଯାଇଥିଲା। ଯାହାକି ପାହାଡ଼ର ଦୁଇ ପାର୍ଶ୍ୱ ଅତି ବିପଦ ଜନକ ଭାବେ ରହିଛି। କିଛିବର୍ଷ ତଳେ ପାହାଡ଼ରୁ ମାଟି ଓ ପଥର ଅତଡ଼ା ରାଜପଥ ଉପରକୁ ମାଡ଼ି ଆସିବା ଫଳରେ ଘଣ୍ଟାଘଣ୍ଟା ଧରି ରାଜପଥ ଅବରୋଧ ହୋଇ ରହେୟ ରାଜପଥର ଉଭୟପାର୍ଶ୍ୱରେ ଶହଶହ ସଂଖ୍ୟାରେ ଯାନବାହାନ ଅଟକି ରହିବା ସହ ନେତା ଓ ମନ୍ତ୍ରୀଙ୍କୁ ମଧ୍ୟ ନାନା ସମସ୍ୟା ଭୋଗିବାକୁ ପଡ଼ିଥିଲା। ବାରମ୍ବାର ଅଭିଯୋଗ ପରେ ନାମକୁ ମାତ୍ର ଉଭୟ ପାର୍ଶ୍ୱରେ କମ୍ ଉଚ୍ଚତାରେ ୱାଲ ନିର୍ମାଣ କରାଯାଇଥିଲା। ଯାହା ଯାତ୍ରୀଙ୍କ ପାଇଁ ସୁରକ୍ଷିତ ନୁହେଁ। ପାହାଡ଼ର ଉଭୟ ପାର୍ଶ୍ୱରେ ଏବେ ବିପଦ ଜନକ ଭାବେ ପଥରଖଣ୍ଡ ଓ ବଡ଼ବଡ଼ ଗଛ ରାସ୍ତା ଉପରକୁ ଢଳି ରହିଛି। ଏବେ ଲଗାଣ ବର୍ଷା ହେତୁ ଆଜି ଏକାଧିକ ସ୍ଥାନରୁ ପଥରଖଣ୍ଡ ଓ ମାଟି ଅତଡ଼ା ଖସି ରାଜପଥ ଉପରେ ପଡ଼ିଛି। ଆଗକୁ ମଧ୍ୟ ସ୍ଥିତି ଅଧିକ ସଙ୍ଗିନ ହେବ ବୋଲି ଜଣାପଡ଼ିଛି। ତୁରନ୍ତ ଏଦିଗରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଯାତ୍ରୀ ତଥା ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି।

# ମହାଭାରତ ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ




### ଗଣଶିକ୍ଷା ମନ୍ତ୍ରୀଙ୍କ ଘୋଷଣା ପରେ

## ତାଲା ଖୋଲିବା ଅପେକ୍ଷାରେ ୩୩ ବିଦ୍ୟାଳୟ

**ଖଣ୍ଡପଡ଼ା,(ମହାଭାରତ) :** ଦିନେ ସ୍କୁଲ ପରିସର ପିଲାଙ୍କ କୋଳାହଳରେ ଫାଟି ପଡୁଥିଲା। ଆଉ ଏବେ ଦ୍ୱିତୀୟ ମନ୍ଦିର କୁହାଯାଉଥିବା କିଛି ବିଦ୍ୟାଳୟକୁ ଦେଖିଲେ ଭୂତକୋଠିର ଭ୍ରମ ସୃଷ୍ଟି ହଉଛି। ବନ୍ଦ ହୋଇଥିବା କିଛି ବିଦ୍ୟାଳୟ ପରିସର ଏବେ ଅସାମାଜିକଙ୍କ ଆଡ଼ାସ୍ଥଳ ପାଲଟିଥିବା ବେଳେ ଘର ପାଖ ସ୍କୁଲ ଛାଡ଼ି ଏକ ରୁ ଦୁଇ କିମି ଦୂର ଅନ୍ୟ ସ୍କୁଲକୁ ପାଠ ପଢ଼ିବାକୁ ଯାଉଥିବା କ୍ଷୋଭର ସହ କୁହନ୍ତି କୁନି ଛାତ୍ରଛାତ୍ରୀ। ମିଳିଥିବା ସୂଚନା ଅନୁସାରେ, ୨୦୨୦ ମସିହାରେ ତତ୍କାଳୀନ ରାଜ୍ୟ ସରକାରଙ୍କ ଆଇନ ଅନୁସାରେ ଖଣ୍ଡପଡ଼ା ବ୍ଲକ୍ ?ରେ ୩୩ରୁ ଉର୍ଦ୍ଧ୍ୱ ବିଦ୍ୟାଳୟ ବନ୍ଦ କରି ଦେଇଥିଲେ। କିଛି ବିଦ୍ୟାଳୟକୁ ସବୁଦିନ ପାଇଁ ବନ୍ଦ କରିଦେଇଥିବା ବେଳେ ଅନ୍ୟ କିଛି କୁ ନିକଟସ୍ଥ ବିଦ୍ୟାଳୟରେ ମିଶାଇ ଦେଇଥିଲେ। ଫଳରେ ଶିକ୍ଷାର ଉନ୍ନତି ତଥା ଭିତ୍ତିଭୂମି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ତିଆରି ହୋଇଥିବା ଏହି କ୍ୟାମ୍ପସ ଗୁଡ଼ିକ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ ଭୂତକୋଠି ପାଲଟିଗଲାଣି।




ଅନ୍ୟପକ୍ଷରେ, ହଜାର ହଜାର ଟଙ୍କା ଖର୍ଚ୍ଚ ସହ ବିପଦପୂର୍ଣ୍ଣ ଅବସ୍ଥାରେ ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ଭିତ୍ତିଭୂମି ନଥିବା ଘରୋଇ ବିଦ୍ୟାଳୟରେ ପିଲା ମାନଙ୍କୁ ପଢ଼ାଉଛନ୍ତି ଅଭିଭାବକ। ଖଣ୍ଡପଡ଼ା ବ୍ଲକ୍‌ର ୧୫ ଟି ସ୍କୁଲକୁ ସଂପୂର୍ଣ୍ଣ ବନ୍ଦ କରାଯାଇଥିବା ବେଳେ ୧୮ ଟି ସ୍କୁଲକୁ ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ କରିଦିଆଯାଇଥିଲା। ଯାହା ଜିଲ୍ଲାରେ ସର୍ବାଧିକ ବୋଲି ସୂଚନା ମିଳିଛି। ସରକାର ମାଗଣାରେ ଗୋଟିଏ ପଟେ ମଧ୍ୟାହ୍ନ ଭୋଜନ ଠାରୁ ଆରମ୍ଭ କରି ମାଗଣା ପୋଷାକ, ଜୋତା, ସ୍କୁଲ୍‌ଡ୍ରେସ, ସାଇକେଲ ସହ ବିଦ୍ୟାଳୟରେ ନାମ ଲେଖାଇବାର ସୁବ୍ୟବସ୍ଥା କରୁଥିବା ବେଳେ ଅନ୍ୟପଟେ ଛାତ୍ରଛାତ୍ରୀ କମ୍ ଥିବା ଦର୍ଶାଇ ସ୍କୁଲ ବନ୍ଦ ପାଇଁ ବିଚିତ୍ର ନିଷ୍ପତ୍ତି ନେଇଥିଲେ। ସେତେବେଳେ ଘଟଣାକୁ ନେଇ ଅନେକ ଆନ୍ଦୋଳନ ସହ ମାମଲା ହାଇକୋର୍ଟରେ ମଧ୍ୟ ପହଞ୍ଚିଥିଲା। ତଥାପି ମଧ୍ୟ ସରକାର ଏ ଦିଗରେ କର୍ଣ୍ଣପାତ କରିନଥିଲେ। ତେବେ ନିକଟରେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ବିଦ୍ୟାଳୟ ଗୁଡ଼ିକୁ ପୁଣିଥରେ ଖୋଲିବା ନିମନ୍ତେ ସରକାର ପଦକ୍ଷେପ ନେବେ ବୋଲି ଘୋଷଣା କରିଛନ୍ତି। ଏଭଳି ନିଷ୍ପତ୍ତି ପରେ ବ୍ଲକ୍ ?ର ବନ୍ଦ ହୋଇପଡ଼ିଥିବା ବେଡ଼ାକି ପ୍ରାଥମିକ ବିଦ୍ୟାଳୟ, ଚୈତନ୍ୟପୁର, ଘୋଡ଼ାମାରିଦ୍ୱାର, ଖୁଣ୍ଟୁବନ୍ଧ, କୁସୁମିତରା, ସାହସପୁର, ଲୁହାରଖଣି, କୁଞ୍ଜାବେଲି, ପଥୁରିଆ, ରାମଚଣ୍ଡୀ, ବସନ୍ତପୁର, ଗୋପାଳିପଡ଼ା, ସାରେଣ୍ଡା, କୋଟପୋଖରୀ ଆଦି ୩୩ ରୁ ଉର୍ଦ୍ଧ୍ୱ ବିଦ୍ୟାଳୟ ପୁଣିଥରେ ଖୋଲିବା ନେଇ ଆଶା ସଂଚାର ହୋଇଛି। ବିଶେଷକରି ବନ୍ଦ ହୋଇଯାଇଥିବା ବହୁ ପ୍ରାଥମିକ ବିଦ୍ୟାଳୟ ଆଦିବାସୀ ଅଧ୍ୟୁଷିତ ତଥା ଆର୍ଥିକ ଅନଗ୍ରସର ଅଞ୍ଚଳରେ ଅବସ୍ଥିତ ଥିବାରୁ ସେଠାକାର ପିଲାଙ୍କ ଭବିଷ୍ୟତ ଏକପ୍ରକାର ଅନ୍ଧକାର ମଧ୍ୟକୁ ଠେଲି ହୋଇଯିବାଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ତୁରନ୍ତ ଏ ଦିଗରେ ହସ୍ତକ୍ଷେପ କରିବା ପାଇଁ ଲୋକପ୍ରତିନିଧି ତଥା ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ଲଘୁଚାପ ବର୍ଷାରେ ଭାଙ୍ଗିଲା ପ୍ରଧାନମନ୍ତ୍ରୀ ସଡ଼କ

**ଖଡ଼ିଆଳ,(ମହାଭାରତ)** ଚଳିତ ଲଘୁଚାପ ବର୍ଷାରେ ଭାଙ୍ଗି ଯାଇଛି ପ୍ରଧାନ ମନ୍ତ୍ରୀ ସଡ଼କ ଯାହାଫଳରେ ସାଧାରଣ ଲୋକେ ହଇରାଣର ଶିକାର ହେଉଛନ୍ତି। ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକର ଅନ୍ତର୍ଗତ ବୁଏର ଗାଁ ଠାରୁ କୁଠିଆ ପଡ଼ା ପର୍ଯ୍ୟନ୍ତ ପାଞ୍ଚ କିଲୋମିଟର ପର୍ଯ୍ୟନ୍ତ ୨୦୧୨ଓ ୨୦୧୩ରେ ରାସ୍ତା ନିର୍ମାଣ ହୋଇଥିବା ବେଳେ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଏହାର ରକ୍ଷଣା ବେକ୍ଷଣ ରହିଥିଲା। କିନ୍ତୁ ସେହି ସମୟରେ ସବୁ ପୁରୁଣା କଲଭର୍ଟକୁ ଭାଙ୍ଗି ନୂଆଁ କଲଭର୍ଟ ନିର୍ମାଣ କରାଯିବା କଥା। କିନ୍ତୁ କୌଣସି ପୁରୁଣା କଲଭର୍ଟ ଭଙ୍ଗା ନଯାଇ ତାହା ଉପରେ ରାସ୍ତା ନିର୍ମାଣ କରାଯାଇଥିବା ଜନସାଧାରଣଙ୍କ ଅଭିଯୋଗ ହେଉଛି । ଲୋକଙ୍କ ଅଭିଯୋଗ ଅନୁଯାୟୀ ସେମାନେ ଏନେଇ ରାସ୍ତା କାମ କରୁଥିବା ଠିକାଦାରଙ୍କୁ କହିବାରୁ ସେଥିପାଇଁ ଅର୍ଥ ବରାଦ ନଥିବା ସେ କହିଥିଲେ। ଫଳରେ ପୁରୁଣା କଲଭର୍ଟ ସବୁ ଭାଙ୍ଗିବାକୁ ବସିଲାଣି। ଚଳିତ ସପ୍ତାହରେ ପ୍ରବଳ ବର୍ଷା ହେବାରୁ କୋଠିଆ ପଡ଼ା ନିକଟରେ ଦୁଇ ସ୍ଥାନର କଲଭର୍ଟ ପାଖରେ ରାସ୍ତା ଭାଙ୍ଗି ଯାଇଛି। ଲୋକେ ଉକ୍ତ ରାସ୍ତାକୁ ବିପଦ ଥିବାରୁ ବନ୍ଦ କରି ଦେଇଛନ୍ତି। ଉକ୍ତ ସ୍ଥାନରେ ଥିବା ଏକ ବିଲ ଉପରେ ଯାତାୟାତ କରୁଛନ୍ତି। କିନ୍ତୁ ବର୍ଷା ଦିନରେ ପାଣି ଜମା ରହିଲେ ଯିବା ଆସିବାରେ ଅସୁବିଧା ସୃଷ୍ଟି ହେଉଛି। ପୁଣି ଉକ୍ତ ଜମିରେ ଜମି ମାଲିକ ଚାଷ କରିଦେଲେ ଯିବା ଆସିବା ବନ୍ଦ ହୋଇଯିବ। ସେହି ରାସ୍ତାରେ ଦଶ ଖଣ୍ଡ ଗ୍ରାମର ଲୋକେ ନିର୍ଭର କରନ୍ତି। ବିଭିନ୍ନ କାମ ପାଇଁ ବୋଡ଼େନ, ଖଡ଼ିଆଳ ଓ ନୂଆପଡ଼ା ଯିବାକୁ ପଡ଼େ। ଏବେ ରାସ୍ତା ଭାଙ୍ଗି ଯାଇଥିବାରୁ ରୋଗୀ କିମ୍ବା ଗର୍ଭବତୀଙ୍କୁ ଡାକ୍ତର ଖାନା ନେବାରେ ଅସୁବିଧା ସୃଷ୍ଟି ହେଉଛି। ଯଥାଶୀଘ୍ର ନୂତନ କଲଭର୍ଟ ଓ ରାସ୍ତା ନିର୍ମାଣ ନହେଲେ ସ୍ଥାନୀୟ ଲୋକେ ଆନ୍ଦୋଳନର ଚେତାବନୀ ଦେଇଛନ୍ତି । ଏନେଇ ଖଡ଼ିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀଙ୍କ ମତାମତ ନେବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇ ପାରି ନଥିଲା। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ଗମନାଗମନ ର ସୁବ୍ୟବସ୍ଥା କରିବାକୁ ଜନସାଧାରଣ ଦାବି କରିଛନ୍ତି ।



## ଉପଖଣ୍ଡ ଚିକିତ୍ସାଳୟ ପରିସରରୁ ବାଇକ୍ ଚୋରୀ, ଥାନାରେ ଏତଲା



**ହିଞ୍ଜିଳିକାଟୁ,(ମହାଭାରତ) :** ହିଞ୍ଜିଳି ଥାନା ଇଲାକାରୁ ଗତ କିଛି ଦିନ ଧରି ଲଗାତାର ଭାବେ ଛୋଟବଡ ଚୋରୀ ହେଉଥିବା ନଜିର ରହିଛି। ହିଞ୍ଜିଳି ପୁଲିସ ପ୍ରଶାସନ ପକ୍ଷରୁ ସହର ମଧ୍ୟରେ ପାଟ୍ରୋଲିଙ୍ଗ ବ୍ୟବସ୍ଥା କଡାକଡି କରାଯାଉନଥିବାରୁ ଦିନକୁ ଦିନ ଚୋରୀ ଘଟଣା ବୃଦ୍ଧି ପାଉଥିବା ଚର୍ଚ୍ଚା ଜୋର ଧରିଛି। ବୁଧବାର ସକାଳ ପ୍ରାୟ ସାଢେ ୧୧ ଟାରେ ହିଞ୍ଜିଳି ଥାନା ରାଳବ ଗ୍ରାମର କାଳୁ ଦଳାଇ ଚିକିତ୍ସା ପାଇଁ ସାନ ଭାଇଙ୍କ ବାଇକ୍ (ଓଡି୦୨ସି ୬୫୮୫) ଯୋଗେ ଆସିଥିଲେ। ମୋଟର ସାଇକେଲକୁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟ ପାର୍କିଂ ସ୍ଥାନରେ ରଖି ଚିକିତ୍ସା ସକାଶେ ମେଡିକାଲ ଭିତରକୁ ଯାଇଥିଲେ। ଚିକିତ୍ସା ସାରି ଆସିବା ବେଳକୁ ପାର୍କିଂ ସ୍ଥଳରେ ମୋଟର ସାଇକେଲଟି ନଥିଲା। କାଳୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ମିଳିନଥିଲା। ଚୋରୀ ଘଟଣା ନେଇ କାଳୁଙ୍କ ସାନ ଭାଇ କୈଳାଶ ଦଳାଇ ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନାରେ ଏକ ମାମଲା ରୁଜୁ କରି ପୁଲିସ ନିକଟସ୍ଥ ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ଘଟଣାର ତଦନ୍ତ ଚଳାଇଛି।

## କଳାହାଣ୍ଡି ଜିଲ୍ଲାରେ କୌଶଳ ରଥ କାର୍ଯ୍ୟକ୍ରମର ପ୍ରଥମ ଦିନ

**ଭବାନୀପାଟଣା,(ମହାଭାରତ) :** ଜିଲ୍ଲାରେ ବୈଷୟିକ ଶିକ୍ଷା କୁ ପ୍ରୋତ୍ସାହନ ଦେବାପାଇଁ ରାଜ୍ୟ ସରକାରଙ୍କ ତରଫରୁ କୌଶଳ ରଥ କଳାହାଣ୍ଡି ଜିଲ୍ଲା ପରିଦର୍ଶନ କରୁଅଛି ଏହି କ୍ରମରେ ପ୍ରଥମ ଦିନରେ କୌଶଳ ରଥ ଆମପାଣି ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରିଥିଲା ଏଥିରେ ବୁଢାରଜା ଉଚ୍ଚ ବିଦ୍ୟାଳୟ, ଆମପାଣି ର ପ୍ରାୟ ୧୨୦୦ ଛାତ୍ର ଛାତ୍ରୀମାନେ ରଥ ପରିଦର୍ଶନ କରିଥିଲେ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହ କୁଇଜ୍ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥଲେ।ଦ୍ୱିତୀୟ କାର୍ଯ୍ୟକ୍ରମ ଧର୍ମଗଡ଼ ପଂଚାୟତ ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା ଏଥିରେ ସରକାରୀ ବାଳିକା ବିଦ୍ୟାଳୟ, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ସରକାରୀ ମହିଳା ମହାବିଦ୍ୟାଳୟ ର ୧୦୦୦ ରୁ ଉର୍ଧ ଛାତ୍ର ଛାତ୍ରୀ ମାନେ ରଥ ପରିଦର୍ଶନ କରିଥିଲେ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହ କୁଇଜ୍



ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିଥିଲେ।ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ରୂପେ ଧର୍ମଗଡ଼ ଉପ ଜିଲ୍ଲାପାଳ ଶ୍ରୀ ଧୀମାନ ଚାକମା ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ଏହାପରେ ଜୁନାଗଡ଼ ସ୍ଥିତ କୁରୁଗୁଡ଼ା ଆଶ୍ରମ ବିଦ୍ୟାଳୟ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଆଇ ଟି ଆଇ ଜୁନାଗଡ଼, କୁରୁଗୁଡ଼ା ବାଳିକା ଉଚ୍ଚ ବିଦ୍ୟାଳୟ ଓ ପ୍ରିୟଦର୍ଶନୀ ଇନ୍ଦିରା ମହାବିଦ୍ୟାଳୟ ର ପ୍ରାୟ ୧୫୦୦ ଛାତ୍ର ଛାତ୍ରୀ ମାନେ ରଥ ପରିଦର୍ଶନ କରିଥିଲେ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହ କୁଇଜ୍ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିଥଲେ।ଏହି କାର୍ଯ୍ୟକ୍ରମ ରେ ଅତିଥି ରୂପେ ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ ଯୋଗ ଦେଇଥିବା ବେଳେ ଓଞ୍ଚଓ ଜୁନାଗଡ଼ ର ଅଧକ୍ଷ ସ୍ନେହାଶିଷ ମୁଦୁଲି, କୁରୁଗୁଡ଼ା ଆଶ୍ରମ ସ୍କୁଲ ର ପ୍ରଧାନ ଶିକ୍ଷକ ହୃଷିକେଶ ମେହେର ଓ ସମସ୍ତ ଶିକ୍ଷାନୁଷ୍ଠାନ ର ଅଧକ୍ଷ ଓ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଯୋଗ ଦେଇଥିଲେ।ଉକ୍ତ କାର୍ଯ୍ୟକ୍ରମ କୁ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଶ୍ରୀ ଅଜିତ କୁମାର ଉତ୍ତରାୟ ପରିଚାଳନା କରିଥିବା ବେଳେ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ କଳାହାଣ୍ଡି ରୁ ଶ୍ରୀ ସୁବିଦିତ ସାମନ୍ତରାୟ, ଶ୍ରୀ ସୁବ୍ରତ ମେହେର, ପ୍ରିୟା ବୋଡାଦେ, କେଶବ ଗାଭାଲେ, ମନୋଜ ବର୍ଗରଟି ଆଦି ସହାୟତା କରିଥିଲେ। ଆସନ୍ତା କାଲି ଅଗଷ୍ଟ ୦୯ ତାରିଖ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ଭବାନୀପାଟଣା, ଉଞ୍ଚଞଉ, ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସରକାରୀ ପଲିଟେକ୍ନିକ, ଭବାନୀପାଟଣା, ଶାହୀ ଏକ୍ସପୋର୍ଟସ, ଓଡିଶା ଆଦର୍ଶ ବିଦ୍ୟାଳୟ, ବେଦାନ୍ତ ତାଲିମ କେନ୍ଦ୍ର, ଅଗଷ୍ଟ ୧୦ ତାରିଖ ଦିନ ବିଶ୍ୱନାଥପୁର ମହାବିଦ୍ୟାଳୟ, ଲାଞ୍ଜିଗଡ଼ ଆଶ୍ରମ ବିଦ୍ୟାଳୟ, ଲାଞ୍ଜିଗଡ ମହାବିଦ୍ୟାଳୟ, ବେଦାନ୍ତ ତାଲିମ କେନ୍ଦ୍ର. ଅଗଷ୍ଟ ୧୧ ତାରିଖ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପାଷ୍ଟିକୁଡି ଆଶ୍ରମ ବିଦ୍ୟାଳୟ, ଅଧମୁଣ୍ଡା ଆଶ୍ରମ ବିଦ୍ୟାଳୟ ଓ କେସିଙ୍ଗା ମହାବିଦ୍ୟାଳୟ ଗ୍ରସ୍ତ କରି ବୋର୍ଡ଼ା ଠାରେ ନୂଆପଡା ଜିଲ୍ଲା କୁ ହସ୍ତାନ୍ତର କରାଯିବ ପାଇଁ ଧାର୍ଯ୍ୟ କରାଯାଇଛି ବୋଲି ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଅଜିତ କୁମାର ଉତ୍ତରାୟ ପ୍ରକାଶ କରିଛନ୍ତି।

## କେତେ ସୁରକ୍ଷିତ ଅସ୍ତରଙ୍ଗ ଜଳପଥ ? ନାହାନ୍ତି ଆବଶ୍ୟକ ଆରକ୍ଷୀ କର୍ମୀ

**ଅସ୍ତରଙ୍ଗ,(ମହାଭାରତ) :** ପର୍ଯ୍ୟଟନ ଭିତିଭୂମି ରେ ଓଡିଶା ମାନଚିତ୍ର ରେ ଅସ୍ତରଙ୍ଗ ଉପକୂଳ ଅନ୍ୟତମ, ବର୍ଷକ ବାର ମାସ ଗଙ୍ଗାଦେବୀ, କେଳୁଣୀ, ପିର ଜାହାନିଆ ରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଥିବା ବେଳେ ଏଠି ସୁରକ୍ଷା ପାଇଁ ବର୍ତ୍ତମାନ ପ୍ରଶାସନ ଦୁର୍ବଳ, ବର୍ତ୍ତମାନ ବାଂଲାଦେଶୀ ଅନୁପ୍ରବେଶକାରି ଙ୍କୁ ରୋକ ଲଗାଇବା ପାଇଁ ସରକାର ଙ୍କ ତରଫରୁ ସମସ୍ତ ମେରାଇନ ଥାନା କୁ ଆଲର୍ଟ କରାଯାଇଥିବା ସମୟରେ ଆମ ଅସ୍ତରଙ୍ଗ ମେରାଇନ ଏଥି ପ୍ରତି କେତେ ସତର୍କ ତାହା ଏବେ ଅନୁସନ୍ଧାନ ଭିତରେ, କହିବାକୁ ଗଲେ ମେରାଇନ ଥାନା ର ଉପ ଅଧିକାରୀ ଙ୍କ ଠୁ ମିଳିଥିବା ସୂଚନା ମୁତାବକ ଏଠି ଜଣେ ଇନିସ୍ପେକ୍ଟର, ୬ ଜଣ ସବ ଇନିସ୍ପେକ୍ଟର ରହିବା କଥା କିନ୍ତୁ ପୋଷ୍ଟିଙ୍ଗ ନାହି, ୬ ଜଣ ଏଏସଆଇ ଙ୍କ ବଦଳ ରେ ଜଣେ ଏଏସଆଇ, ହାବିଲଦାର ୪ ଜଣ ରହିବା କଥା କୌଣସି ହାବିଲଦାର ନାହାନ୍ତି, ୮ ଜଣ କନେଷ୍ଟବଳ ଙ୍କ ଭିତରୁ ୪ ଜଣ କନେଷ୍ଟବଳ କାମ କରୁଛନ୍ତି, ଏହି ଥାନା ଅଧୀନରେ ସମ୍ପୂର୍ଣ୍ଣ ଜଳପଥ ର ସୁରକ୍ଷା ଥିବା ବେଳେ ବର୍ତ୍ତମାନ ପରିସ୍ଥିତି ରେ ଏତିକି କମ କର୍ମଚାରୀ ଙ୍କୁ ନେଇ ଅସ୍ତରଙ୍ଗ ଜଳାପଥ କେତେ ସୁରକ୍ଷିତ ତାହା ଭାବିବା ବି ବିପଦପୂର୍ଣ୍ଣ,ବର୍ତ୍ତମାନ ବାଙ୍ଗାଲାଦେଶ ର ଅନ୍ତର୍ଜାତୀୟ ସ୍ତରରେ ଯେଉଁ ଦଙ୍ଗା ସମ୍ପୂର୍ଣ୍ଣ ଚିନ୍ତା ର ବିଷୟ ହୋଇଛି, ଅନେକ ସମୟ ରେ ଅନେକ ବାଙ୍ଗଲାଦେଶୀ ଅନୁପ୍ରବେଶକାରି ଜଳପଥ ଦେଇ ଆମ ଅଞ୍ଚଳ କୁ ପ୍ରବେଶ କରିବା ନଜିର ରହିଛି, କିନ୍ତୁ କିପରି ଏହି ସ୍ଥିତି ରେ ଆମ ଅସ୍ତରଙ୍ଗ ମେରାଇନ ପୋଲିସ ଅସ୍ତରଙ୍ଗ ଉପକୂଳ କୁ ସୁରକ୍ଷା ଦେବ ତାହା ଚିନ୍ତା ର ବିଷୟବସ୍ତୁ ସାଜିଛି,ଏପରିକି ଶତ୍ରୁ ଅନୁପ୍ରବେଶ କାରି ଙ୍କ ସହିତ ଜରୁରୀକାଳୀନ ପରିସ୍ଥିତି ରେ ଲଢ଼ିବା ପାଇଁ ମେରାଇନ ପୋଲିସ ଙ୍କ ପାଖରେ ସେହିଭଳି ଆଧୁନିକ ଅସ୍ତ୍ରଶସ୍ତ୍ର ବି ନାହି, ଯଦି ବର୍ତ୍ତମାନ ପରିସ୍ଥିତି ରେ ଅନୁପ୍ରବେଶ କାରି ଅସ୍ତରଙ୍ଗ ଜଳପଥ କୁ ତାଙ୍କ ମାଧ୍ୟମ କରିବେ ସେଥିପାଇଁ ତାହେଲେ କିପରି ଅସ୍ତରଙ୍ଗ ମେରାଇନ ପୋଲିସ ତାଙ୍କୁ ଅଙ୍କୁଶ ଲଗାଇବ ତାହା ବି ଚିନ୍ତା ର କାରଣ, ସେଥିପାଇଁ ରାଜ୍ୟ ସରକାର ବର୍ତ୍ତମାନ ଅସ୍ତରଙ୍ଗ ଜଳପଥ ରେ ଅନୁପ୍ରବେଶକାରି ଙ୍କୁ କିପରି ରୋକିପାରିବେ, ମେରାଇନ ଥାନା ରେ କିପରି ଆବଶ୍ୟକ ମୁତାବକ କର୍ମଚାରୀ ନିୟୋଜିତ ହେବେ ତାହା ପ୍ରତି ଦୃଷ୍ଟି ଦେବାକୁ ସାଧରଣରେ ଦାବି ହୋଇଛି ।



## ପଦ୍ମପୁର PWD ରୋଡ଼ ଠାରୁ ଲୁମଡ଼ା ସିଂ ରୋଡ଼ ପର୍ଯ୍ୟନ୍ତ PMGSY ରାସ୍ତା ନିର୍ମାଣ ଦାବି

**ଗଜପତି,(ମହାଭାରତ) :** ଜିଲ୍ଲା ରାୟଗଡା ବ୍ଲକର ଗଣ୍ଡାହାତୀ ଗ୍ରାମପଞ୍ଚାୟତର ମୁନୁସିଂ ମୁନିଙ୍ଗାବାଡ଼, କୁଇସିଂ, ତାଳମୁଣ୍ଡା, ଲୁମଡାସିଂ ଗ୍ରାମବାସୀମାନେ ଦରଖାସ୍ତ ଜରିଆରେ ଜିଲ୍ଲାପାଳଙ୍କୁ



ପଦ୍ମପୁର ଚଡଉ ରୋଡ଼ ଠାରୁ ଲୋମଡାସିଂ ରୋଡ଼ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ନିର୍ମାଣ ସକାଶେ ନିବେଦନ କରିଛନ୍ତି । ଏହି ଗ୍ରାମ ଗୁଡିକ ଗଣ୍ଡା ହାତୀ ଗ୍ରାମ ପଞ୍ଚାୟତ ଉପରେ ନିର୍ଭର କରିଥାନ୍ତି। ପାହାଡ଼ ବଣ, ଘଞ୍ଚ ଜଙ୍ଗଲ ମାଟି କାଦୁଅ ପଙ୍କ ରାସ୍ତା ଦେଇ ଗ୍ରାମବାସୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇ ଯିବା ଆସିବା କରୁଛନ୍ତି ।ଏହି ଗ୍ରାମ ଗୁଡିକୁ ଭାରି ଯାନ କି ଆମ୍ବୁଲାନ୍ସ ଯାଇ ପାରୁନାହିଁ। ସ୍କୁଲ କଲେଜର ଛାତ୍ର ଛାତ୍ରୀ ମାନେ ବର୍ଷା କାଦୁଅ ପାଣିରେ ଯାଇ ପାରୁ ନାହାନ୍ତି। ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ସାମିଲ କଲେ ଗ୍ରାମବାସୀ ଉପକୃତହୋଇପାରିବେ ବୋଲି ପ୍ରକାଶ କରିଛନ୍ତି ଗଜପତିରୁ ବିବେକାନନ୍ଦ ବେହେରା ।

## ଝିଆରୀକୁ ନିର୍ମମ ଭାବେ ହତ୍ୟା କଲା ଦାଦା



**କପ୍ତିପଦା,(ମହାଭାରତ) :** କପ୍ତିପଦା ଶରତ ଥାନା ଅନ୍ତର୍ଗତ ବେଗୁନିଆସାହିରେ ଜମିବାଡ଼ି ବିବାଦକୁ ନେଇ ଝିଆରୀକୁ ନିର୍ମମ ଭାବେ କୋଦାଳ ଓ ଟାଙ୍ଗିଆ ସାହାଯ୍ୟରେ ହତ୍ୟା କଲା ଦାଦା । ଦାଦା ସାଜିଲା ନିର୍ଦ୍ଦୟ । ବର୍ବରତାର ସବୁ ସୀମା ଟପିଗଲା ଦାଦା । ଝିଆରୀକୁ ହତ୍ୟା କରିବାକୁ ମନରେ ରଖିଥିଲା ଅନେକ ରାଗ । ପ୍ରଥମେ ଟାଙ୍ଗିଆରେ ହାଣି ଚାଲିଥିବାବେଳେ ଟାଙ୍ଗିଆ ଭାଙ୍ଗିଯିବାରୁ ପାଖରେ ପଡ଼ିଥିବା କୋଦାଳ ଆଣି ଅତି ନିର୍ମମ ଭାବେ ହାଣି ହତ୍ୟା କଲା । ଜମିଜମା ବିବାଦକୁ ନେଇ ବିଲ ମଝିରେ ଝିଆରୀକୁ ହତ୍ୟାକଲା ଦାଦା । ଉକ୍ତ ଗ୍ରାମର ଛିତା ଟୁଡୁ (୪୦) ବିବାହ ପରେ ନିଜ ଘର ବେଗୁନିଆସାହିରେ ରହୁଥିଲା । ଛିତା ଟୁଡୁଙ୍କ ବାପାଙ୍କ ମୃତ୍ୟୁ ପରେ ସମସ୍ତ ଜମି କନ୍ୟା ନାମରେ ହୋଇଯାଇଥିଲା । ହେଲେ ଛିତା ଙ୍କ ଦାଦା ନିମାଇଁ ଚରଣ ମାରାଣ୍ଡି (୫୦)ଦୀର୍ଘ ବର୍ଷ ହେବ ଉକ୍ତ ଜମିକୁ ହାତେଇବା ପାଇଁ ଚେଷ୍ଟା କରିଆସୁଥିଲେ । ହେଲେ ସମୟକୁ ଅପେକ୍ଷା କରି ଗତକାଲି ଅପରାହ୍ନ ୪ ଘଟିକା ସମୟରେ ଛିତା ବିଲରେ କାମ କରୁଥିବା ସମୟରେ ତାଙ୍କ ଦାଦା ନିମାଇଁ ସେଠାରେ ପହଞ୍ଚି ଏକ ଟାଙ୍ଗିଆରେ ଝିଆରୀକୁ ଆକ୍ରମଣ କରିଥିଲେ । ଝିଆରୀକୁ ଆଖିବୁଜା ଟାଙ୍ଗିଆରେ ହାଣିବାପରେ ଝିଆରୀର ମୃତ୍ୟୁ ହେବାର ଦେଖି ଦାଦା ନିମାଇଁ ସେଠାରୁ ପଳାଇଆସିଥିଲା । ଘଟଣା ସମ୍ପର୍କରେ ଲୋକମାନେ ଶରତ ଥାନାକୁ ଖବର ଦେବାପରେ ଥାନା ଅଧିକାରୀ ରମାକାନ୍ତ ପାତ୍ର ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହକୁ ଜବଦ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲେ । ଖବର ପାଇ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତକୁ ତ୍ୱରାନ୍ୱିତ କରିଥିବାବେଳେ ଅଭିଯୁକ୍ତ ଦାଦା ନିମାଇଁକୁ ପୋଲିସ ଗିରଫ କରିଛି । ଏହା ସହିତ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଓ କୋଦାଳକୁ ପୋଲିସ ଜବଦ କରିଛି ।ଏ ସମ୍ପର୍କରେ ଶରତ ଥାନାରେ କେଶ ନମ୍ବର ୫୮/୨୪ ରେ ମାମଲା ରୁଜୁକରି ଶବକୁ ବ୍ୟବଚ୍ଛେଦ କୋରାଇଛନ୍ତି ।

## ବାଲି ଗଚ୍ଛିତ ସ୍ଥାନରେ ନାଲି ପତାକା ପୋତିଲେ ଆସିକା ତହସିଲଦାର

**ଆସିକା,(ମହାଭାରତ) :** ଆସିକା ତହସିଲ ନଳବଣ୍ଟା ରାଜସ୍ୱ ନିରୀକ୍ଷକ ଅଧୀନ ଖଣ୍ଡାଦେଉଳି ପଞ୍ଚାୟତ ବେଲପଡା ମୌଜା ରେ ବେଆଇନ ଭାବେ ପାହାଡ଼ ଭଳି ଗଚ୍ଛିତ ଥିବା ବାଲି ଗଦା ଉପରେ ନାଲି ପତାକା ପୋତିଛନ୍ତି ଆସିକା ତହସିଲଦାର । ଆଜି ସକାଳ ସମୟରେ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅଚାନକ ବାଲି ଗଚ୍ଛିତ ଥିବା ସ୍ଥାନରେ ପହଞ୍ଚି ଥିଲେ କ୍ଷ ଋଷିକୂଲ୍ୟା ଚେରାମାରିଆ କେନ୍ଦୁପଦର ନୂତନ ବ୍ରିଜ ତଳୁ ବେଆଇନ ଭାବେ ଖଡଭାଗ ନିକଟ ଚୌଧୁରୀ କାନଷ୍ଟ୍ରାକ୍ସନ ନିକଟ ପାକିଡ଼ି ଜଙ୍ଗଲ ପାଦଦେଶ ରେ ବାଲି କୁ ଲୁଚାଇ ରଖାଯାଇଥିଲା । ଆସିକା ତହସିଲଦାର ଓ ନଳବଣ୍ଟା ରାଜସ୍ୱ ନିରକ୍ଷକଙ୍କ ଉପସ୍ଥିତିରେ ଲକ୍ଷାଧିକ ଟଙ୍କାର ଗଚ୍ଛିତ ବାଲିର ମୂଲ୍ୟାଙ୍କନ କାରି ଜବତ କରିବା ସହ ନାଲି ପତାକା ପୋତାଯାଇଥିଲା।



ଉକ୍ତ ବାଲିକୁ ଲଘୁ ଖଣିଜ ବିଭାଗକୁ ହସ୍ତାନ୍ତର କରାଯିବ ବିଷୟରେ ସୂଚନା ପ୍ରଦାନ କରିଛନ୍ତି। ପ୍ରକାଶ ଥାଉକି ଆସିକା ଦେଇ ପ୍ରବାହିତ ହୋଇଥିବା ଋଷିକୂଲ୍ୟା ଓ ବଡ଼ନଦୀ ନଦୀ ପାଲଟିଛି ବାଲି ମାଫିଆଙ୍କ ପାଇଁ ଟଙ୍କା ଖଣି ଯିଏ ଯେତେ ପାରିଲା ବେଧଡ଼କ ଭାବେ ରାତି ଦିନ ଜେସିବି ମେସିନ ଲଗାଇ ଶହ ଶହ ହାଇଓ୍ୱା ବାଲି ପଡୋଶୀ ଜିଲ୍ଲା ତଥା ରାଜ୍ୟ ବାହାରକୁ ଚୋରା ଚାଲାଣ କୁରୁଛନ୍ତି। ଗଞ୍ଜାମ ଜିଲ୍ଲା ଆସିକା ଦେଇ ପ୍ରବାହିତ ଋଷିକୂଲ୍ୟା ଓ ବଡ଼ନଦୀ ପ୍ରବାହିତ ହୋଇଛି। ଏହି ଦୁଇ ନଦୀ ରୁ ଆସିକା ତହସିଲ ପକ୍ଷରୁ ଅଳ୍ପ କିଛି ନଦୀ ଘାଟନିଲାମ ହୋଇଥିଲା ବେଳେ ଆସିକାର ଚେରମାରିଆ, କେନ୍ଦୁପଦର, ଜୟପୁର, ମଣ୍ଟାପଡା ନଳବଣ୍ଟା, ପାଟିଲିଗୁଡା, କାଳଷଣ୍ଢପୁର, ଆସିକା ବସ ଷ୍ଟାଣ୍ଡ କର୍ପୁର ନୂଆଗାଁ, ଆଳିପୁର, ଆସିକା ସୁନାମ୍ବ ସାହି ଶ୍ମଶାନ ତୁଠ,ଆଦି ଅନେକ ସ୍ଥାନରୁ ବେଧଡ଼କ ଭାବେ ରାତି ସମୟରେ ବାଲି ମାଫିଆ ବାଲି ଚୋରା ଚାଲାଣ କରୁଛନ୍ତି । ବାରମ୍ବାର ଜନସାଧାରଣ ଅଭିଯୋଗ ଏବଂ ବିଭିନ୍ନ ପତ୍ର ପତ୍ରିକାରେ ଖବର ପ୍ରକାଶିତ ହେବା ପରେ ମଧ୍ୟ ଲଘୁ ଖଣିଜ ବିଭାଗ ଓ ତହସିଲ ପକ୍ଷରୁ କୌଣସି ପ୍ରକାର ଆଖିଦୃଷ୍ଟିଆ ପଦକ୍ଷେପ ନିଆଯାଉନି ଯାହାଦ୍ୱାରା ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି ବାଲି ମାଫିଆ କୋଟି କୋଟି ଟଙ୍କା ମୁନଫା ପାଉଛନ୍ତି । ହେଲେ ପରିତାପର ବିଷୟ ଆସିକା ତହସିଲ ପକ୍ଷରୁ ଧର୍ମକୁ ଆଖିଠାର ଭଳି କିଛି ସ୍ଥାନରେ ଚଢ଼ାଉକରି ଚୁପ ବସୁଛନ୍ତି ।

# ରେସଲର ଅନ୍ତିମ ପଙ୍ଘଲଙ୍କୁ ଶକ୍ତ ଝଟକା

## ୩ ବର୍ଷ ପାଇଁ ଲାଗିଲା ବ୍ୟାନ୍



ନୂଆଦିଲ୍ଲୀ,୮।୭: ଭାରତର ମହିଳା ରେସଲର ଅନ୍ତିମ ପଙ୍ଘଲଙ୍କୁ ଲାଗିଛି ଶକ୍ତ ଝଟକା। ପ୍ୟାରିସ ଅଲିମ୍ପିକ୍ସର ପ୍ରଥମ ରାଉଣ୍ଡରୁ ହାରି ବିଦାୟ ନେଇଥିବା ଅନ୍ତିମଙ୍କ ବିରୋଧରେ ଇଣ୍ଡିଆନ ଅଲିମ୍ପିକ୍ସ ଆସୋସିଏସନ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଜଣାପଡ଼ିଛି। ପ୍ୟାରିସ ଅଲିମ୍ପିକ୍ସରେ ବିଶୃଙ୍ଖଳା ଆଚରଣ ପାଇଁ ତାଙ୍କୁ ୩ ବର୍ଷ ପାଇଁ ଆଇଓଏ ବ୍ୟାନ କରିଥିବା ରିପୋର୍ଟ ପ୍ରକାଶ ପାଇଛି। ଏଥିସହ ପ୍ୟାରିସରୁ ମଧ୍ୟ ଅନ୍ତିମ ଓ ତାଙ୍କ କୋଚିଂ ଟିମକୁ ପୁଲିସ୍ ବିଦା କରିବ ବୋଲି ଖବର ମିଳିଛି।

୫୩ କେଜି ବର୍ଗରେ କୁସ୍ତି ଲଢ଼ିଥିବା ଅନ୍ତିମ ପ୍ରଥମ ରାଉଣ୍ଡରେ ହାରି ଯାଇଥିଲା ମ୍ୟାଚ୍ ହାରିବା ପରେ ସେ ହୋଟେଲକୁ ଚାଲି ଯାଇଥିଲେ। ହେଲେ ସେ ନିଜର ଅନୁବନ୍ଧିତ ପରିଚୟପତ୍ରକୁ ତାଙ୍କ ଭଉଣୀଙ୍କୁ ଦେଇଥିଲେ। ସେ ଏହାକୁ ବ୍ୟବହାର କରି ଅଲିମ୍ପିକ୍ସ କ୍ରୀଡ଼ା ଗ୍ରାମରେ ପ୍ରବେଶ କରିଥିଲେ। ସୁରକ୍ଷାକର୍ମୀମାନେ ତାଙ୍କୁ ଧରିବାରୁ ପୂରା ଘଟଣା ସାମ୍ନାକୁ ଆସିଛି। ଅନ୍ତିମ ଏପରି ଆଚରଣ ଭାରତୀୟ କଣ୍ଟିଜେଣ୍ଟର ମୁଣ୍ଡକୁ ତଳକୁ କରି ଦେଇଥିବାରୁ ତାଙ୍କ ବିରୋଧରେ ଆଇଓଏ କାର୍ଯ୍ୟାନୁଷ୍ଠାନ ନେଇଥିବା କୁହାଯାଉଛି।

ମିଳିଥିବା ସୂଚନା ଅନୁସାରେ, ଅନ୍ତିମଙ୍କ ପରିଚୟପତ୍ର ଧରି ତାଙ୍କ ଭଉଣୀ ନିଶା କ୍ରୀଡ଼ା ଗ୍ରାମରେ ପ୍ରବେଶ କରିଥିଲେ। ସେଠାରୁ ସେ ଅନ୍ତିମଙ୍କ ଜିନିଷପତ୍ର ଧରି ବାହାରୁଥିବା ବେଳେ ଫ୍ରାନ୍ସ ପୁଲିସ୍ ହାତରେ ଧରାପଡ଼ିଥିଲେ। ପୁଲିସ୍ ତାଙ୍କୁ ଥାନାକୁ ନେବା ସହ ସେଠାରେ ତାଙ୍କର ବୟାନ ରେକର୍ଡ କରିଥିଲା।ଏହାପରେ ସେଠାରେ ଅନ୍ତିମ ପହଞ୍ଚିଥିଲେ।

ସେଠାରେ ଲେଖାପଢ଼ା ପରେ ପୁଲିସ୍ ଉଭୟଙ୍କୁ ଛାଡ଼ିଥିଲା ବୋଲି ରିପୋର୍ଟ ପ୍ରକାଶ ପାଇଛି। ତେବେ ଏହାକୁ ଅନ୍ତିମ ଖଣ୍ଡନ କରିଛନ୍ତି। ନିଶା ଗିରଫ ହେବା ଖବରରେ କୌଣସି ସତ୍ୟତା ନାହିଁ। ପୁଲିସ୍ କେବଳ ତାଙ୍କର ପ୍ରକୃତ ପରିଚୟ ଜାଣିବା ପାଇଁ ଥାନାକୁ ନେଇଥିବା ଅନ୍ତିମ ସଫେଇ ଦେଇଛନ୍ତି। ଅନ୍ତିମ କହିଛନ୍ତି ଯେ ମ୍ୟାଚ୍ ହାରିବା ପରେ ଅସୁସ୍ଥ ଅନୁଭବ ହୋଇଥିଲା। ତେଣୁ ସେ ତାଙ୍କ ଭଉଣୀଙ୍କ ହୋଟେଲକୁ ଚାଲି ଯାଇଥିଲେ। ତେବେ ସେ କ୍ରୀଡ଼ାଗ୍ରାମରେ କିଛି ଜିନିଷ ଛାଡ଼ି ଆସିଥିବାରୁ ଭଉଣୀ ନିଶାଙ୍କୁ ସେଠାକୁ ପଠାଇଥିଲେ। ଏହାପରେ ହିଁ ସବୁ ବିବାଦ ଆରମ୍ଭ ହୋଇଛି।

ସେ କହିଛନ୍ତି, ଗତକାଲି ମୋ ଦିନ ନଥିଲା। ମୁଁ ମୋ ମ୍ୟାଚ୍ ହାରିଥିଲି। କିନ୍ତୁ ମୁଁ ହାରିବା ପରଠାରୁ କୁହାଯାଉଛି ଯେ ମୋ ଭଉଣୀଙ୍କୁ ପୁଲିସ୍ ଗିରଫ କରିଥିଲା। ଏଥିସହ ମୁଁ ମଧ୍ୟ ଗିରଫ ହୋଇଥିବା ଖବର ପ୍ରକାଶ ପାଇଥିଲା। କିନ୍ତୁ ସେମିତି କିଛି ବି ହୋଇନି। ବାଉଟ ହାରିବା ପରେ ମୋତେ ଜ୍ୱର ହୋଇ ଯାଇଥିଲା। ତେଣୁ କୋଚଙ୍କ ଅନୁମତିକ୍ରମେ ମୁଁ ମୋ ଭଉଣୀଙ୍କ ହୋଟେଲକୁ ଚାଲି ଯାଇଥିଲି। ହେଲେ ମୋର କିଛି ଜିନିଷ କ୍ରୀଡ଼ାଗ୍ରାମରେ ରହି ଯାଇଥିଲା।ମୁଁ ଅସୁସ୍ଥ ଥିବାରୁ ମୋ ଭଉଣୀ ମୋ ପରିଚୟପତ୍ର ଧରି କ୍ରୀଡ଼ାଗ୍ରାମକୁ ଯାଇଥିଲେ।

ସେ ଅଧିକାରୀମାନଙ୍କୁ ମୋ ଜିନିଷ ଆଣିବା ପାଇଁ ଅନୁମତି ମାଗିଥିଲେ। ଅଧିକାରୀମାନେ ମୋ ପରିଚୟପତ୍ର ତାଙ୍କ ଠାରୁ ନେଇଯିବା ସହ ତାଙ୍କୁ ପୁଲିସ ଷ୍ଟେସନ ନେଇଯାଇଥିଲେ। ଭେରିଫିକେସନ ପାଇଁ ତାଙ୍କୁ ନିଆ ଯାଇଥିଲା।ମୋତେ ପୁଲିସ ଷ୍ଟେସନ ନିଆଯାଇ ନଥିଲା।ଅନ୍ତିମଙ୍କ କହିବା କଥା ଯେ ଭେରିଫିକେସନ ପରେ ନିଶାଙ୍କୁ ତୁରନ୍ତ ପୁଲିସ୍ ଛାଡ଼ି ଦିଆଯାଇଥିଲା ପରିଚୟପତ୍ର ମଧ୍ୟ ତାଙ୍କ ହାତରେ ଦିଆଯାଇଥିଲା। ଅନ୍ୟପକ୍ଷରେ ଅନ୍ତିମଙ୍କ ଦୁଇ ଜଣ କୋଚ୍ ମଧ୍ୟ ନିଶାସକ୍ତ ଅବସ୍ଥାରେ ଜଣେ କ୍ୟାବ ଡ୍ରାଇଭରଙ୍କ ସହ ପାଟିତୁଣ୍ଡ କରିଥିବା ରିପୋର୍ଟ ପ୍ରକାଶ ପାଇଛି। ଏହାକୁ ମଧ୍ୟ ଅନ୍ତିମ ଖଣ୍ଡନ କରିଛନ୍ତି।



ଦୀର୍ଘ ୧୮ ବର୍ଷ ଧରି ଭାରତୀୟ ହକି ପାଇଁ ନିଜର ସବୁ କିଛି ଦେଇଥିବା ପିଆର ଶ୍ରୀଜେଶ ଶେଷରେ ନିଜର ପ୍ରିୟ ଖେଳକୁ ଅଲବିଦା କହିଛନ୍ତି।

# ବ୍ରୋଞ୍ଜ ପାଇଁ ଲଢ଼ିବେ ଅମନ



ପ୍ୟାରିସ,୮।୮: ପୁରୁଷ ରେସଲିଂର ୫୭ କେଜି ବର୍ଗ ସେମିରେ ପରାସ୍ତ ହୋଇଛନ୍ତି ଭାରତର ଅମନ ଶେରାୱତ। ସେମି ଫାଇନାଲରେ ତାଙ୍କର ମୁକାବିଲା ୫୭ କେଜିରେ ବିଶ୍ୱର ୧ନଂ ଖେଳାଳି ଜାପାନର ରେଇ ହିଗୁଚିଙ୍କ ସହ ହୋଇଥିଲା। ଏଥିରେ ସେ ପରାସ୍ତ ହୋଇଛନ୍ତି। ଏବେ ଅମନ ଭାରତ ପାଇଁ ପଦକ ଜିତିବା ଠାରୁ କେବଳ ଗୋଟିଏ ବିଜୟ ଦୂରରେ ରହିଛନ୍ତି।

ପ୍ରି-କ୍ୱାର୍ଟର ଫାଇନାଲରେ ଅମନଙ୍କ ମୁକାବିଲା ଉତ୍ତର ମାକେଡୋନିଆର ଭ୍ଲାଦିମିର ଇଗୋରୋଭଙ୍କ ସହ ହୋଇଥିଲା। ଏହି ମ୍ୟାଚକୁ ଅମନ ଏକତରଫା ଭାବେ ୧୦-୦ରେ ଜିତି ନେଇଥିଲେ। ପ୍ରଥମ ମ୍ୟାଚ୍‌କୁ ଟେକ୍ନିକାଲ ସୁପରିୟଟି ଜରିଆରେ କବଜା କରିଥିବା ଅମନ ଦ୍ୱିତୀୟ ମ୍ୟାଚ୍‌ରେ ମଧ୍ୟ ସମାନ ରଣନୀତି ଦେଖାଇ ସେମିରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ମହିଳା ୫୭ କେଜି ଫ୍ରି ଷ୍ଟାଇଲ ରେସଲିଂର ପ୍ରଥମ ରାଉଣ୍ଡରୁ ଭାରତର ଅଂଶୁ ମଲିକ ବିଦାୟ ନେଇଛନ୍ତି। ଆମେରିକାର ହେଲେନ ଲୁଇସ ମାରୋଉଲିସ ୭-୨ରେ ମ୍ୟାଚ୍ ଜିତି ଅଂଶଙ୍କୁ ବାହାରର ରାସ୍ତା ଦେଖାଇଛନ୍ତି।

# ମନୁଙ୍କ ଉପରେ ଟଙ୍କାର ବର୍ଷା



ନୂଆଦିଲ୍ଲୀ,୮।୮(ଏଜେନ୍ସି): ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ଭାରତୀୟ ସୁଟର ମନୁ ଭାକର ଦେଶ ପାଇଁ ପ୍ରଥମ ପଦକ ଜିତିଛନ୍ତି। ସେ ପ୍ୟାରିସ୍ ଅଲିମ୍ପିକ୍ସରୁ ବ୍ରୋଞ୍ଜ ପଦକ ଧରି ଦେଶକୁ ଫେରିଛନ୍ତି। ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତ ଏପର୍ଯ୍ୟନ୍ତ ତିନୋଟି ପଦକ ଜିତିଛି। ଏହି ତିନୋଟି ପଦକ ସୁଟିଂରୁ ହିଁ ମିଳିଛି।ଦେଶକୁ ମନୁ ଭାକର ଫେରିବା ପରେ କ୍ରୀଡାମନ୍ତ୍ରୀ ମନସୁଖ ମାଣ୍ଡଭିଆ। ତାଙ୍କୁ ଭେଟିଥିଲେ।

ଏହି ସମୟରେ ସେ ମନୁଙ୍କୁ ପୁରସ୍କାର ରାଶି ବାବଦକୁ ଏକ ଚେକ୍ ମଧ୍ୟ ପ୍ରଦାନ କରିଥିଲେ।ଏନେଇ ମନୁ ଭାକର ନିଜେ ସୋସିଆଲ ମିଡିଆ। ମାଧ୍ୟମରେ ଏହାର ସୂଚନା ଦେଇଛନ୍ତି। କ୍ରୀଡା ମନ୍ତ୍ରୀ ମାଣ୍ଡଭିଆ ମଧ୍ୟ ଏହି ପୋଷ୍ଟକୁ ସୋସିଆଲ ମିଡିଆରେ ସେୟାର କରିଛନ୍ତି।

ଓମେନ ପିସ୍ତଲ ସୁଟିଂରେ ଭାରତ ପାଇଁ ବ୍ରୋଞ୍ଜ ପଦକ ଜିତିଥିବା ମନୁ ଭକରଙ୍କୁ ନିକଟରେ ୩୦ଲକ୍ଷ ଟଙ୍କାର ଏକ ଚେକ୍ ପ୍ରଦାନ କରାଯାଇଛି। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନୁଙ୍କୁ ଏହି ଚେକ୍ ପ୍ରଦାନ କରିଛନ୍ତି। ସେ ମନୁଙ୍କ ପାଇଁ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ଲେଖିଛନ୍ତି, ଆଜି ମୁଁ ଦେଶର ଝିଅ ମନୁ ଭାକରଙ୍କୁ ଭେଟିଥିଲି, ଯିଏ ପ୍ୟାରିସ ଅଲିମ୍ପିକ୍ସ ୨୦୨୪ରେ ଦୁଇଟି ବ୍ରୋଞ୍ଜ ପଦକ ଜିତିବା ପରେ ଘରକୁ ଫେରିଛନ୍ତି ତାଙ୍କୁ ଐତିହାସିକ ବିଜୟର ଶୁଭେଚ୍ଛା ଓ ଶୁଭକାମନା।

## ଭିନେଶଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବେ ହରିଆଣା ସରକାର

ନୂଆଦିଲ୍ଲୀ,୮।୮(ଏଜେନ୍ସି):ମହିଳା କୁସ୍ତିଯୋଦ୍ଧା ଭିନେଶ ଫୋଗାଟଙ୍କୁ ନେଇ ହରିଆଣା ସରକାରଙ୍କ ବଡ଼ ଘୋଷଣା କରିଛନ୍ତି। ଭିନେଶଙ୍କୁ ପଦକ ବିଜେତାର ସମସ୍ତ ସମ୍ମାନ ଦେବାକୁ ଘୋଷଣା କଲେ



ମୁଖ୍ୟମନ୍ତ୍ରୀ ନାୟବ ସିଂ ସୈନି। ଏନେଇ ସୋସିଆଲ ମିଡିଆ। ଏକ୍ସରେ ସୂଚନା ଦେଲେ ହରିଆଣା ମୁଖ୍ୟମନ୍ତ୍ରୀ। ଭିନେଶଙ୍କୁ ସମସ୍ତ ସମ୍ମାନ, ପୁରସ୍କାର, ସୁବିଧା ପ୍ରଦାନ କରାଯିବ। ଅଲିମ୍ପିକ୍ସ ରୌପ୍ୟ ବିଜେତା ଭାବେ ସରକାର ଭିନେଶଙ୍କୁ ସମ୍ମାନିତ କରିବେ ବୋଲି ଘୋଷଣା କରିଛନ୍ତି। ପ୍ୟାରିସ ଅଲିମ୍ପିକ୍ସରେ ନିଶ୍ଚିତ ରୌପ୍ୟ ପାଇଁ ସ୍ଥାନ ପକ୍କା କରିଥିବା ଏବଂ ସ୍ୱର୍ଣ୍ଣ ହାସଲ ପାଇଁ ଆଶା ବାନ୍ଧିଥିବା କୁସ୍ତିଯୋଦ୍ଧା ଭିନେଶ ଫୋଗଟ ଗତକାଲି ନିରାଶ ହେବା ପରେ କୁସ୍ତିରୁ ସନ୍ନ୍ୟାସ ନେଇଛନ୍ତି। ଏହି ଅପ୍ରତ୍ୟାଶିତ ବିଫଳତା ପରେ କୁସ୍ତି ଜଗତରୁ ସବୁଦିନ ପାଇଁ ଭିନେଶ ବିଦାୟ ନେଇଛନ୍ତି। ଗତକାଲିର ଘଟଣା ପରେ ଭିନେଶ ସୋସିଆଲ ମିଡିଆ। ପ୍ଲାଟଫର୍ମ ଏକ୍ସରେ ଏକ ଭାବବିହ୍ୱଳ ପୋଷ୍ଟ ସେୟାର କରିଛନ୍ତି।

# କୁସ୍ତିକୁ ବାଏ ବାଏ କହିଲେ ଭିନେଶ



ନୂଆଦିଲ୍ଲୀ,୮।୮(ଏଜେନ୍ସି): କୁସ୍ତିରୁ ସନ୍ନ୍ୟାସ ନେଲେ ଭିନେଶ ଫୋଗାଟ୍ ପ୍ୟାରିସ ଅଲିମ୍ପିକ୍ସରେ ନିଶ୍ଚିତ ରୌପ୍ୟ ପାଇଁ ସ୍ଥାନ ପକ୍କା କରିଥିବା ଏବଂ ସ୍ୱର୍ଣ୍ଣ ହାସଲ ପାଇଁ ଆଶା ବାନ୍ଧିଥିବା କୁସ୍ତିଯୋଦ୍ଧା ଭିନେଶ ଫୋଗାଟ ଗତକାଲି ନିରାଶ ହେବା ପରେ କୁସ୍ତିକୁ ବାଏ ବଏ କହିଛନ୍ତି। ଏହି ଅପ୍ରତ୍ୟାଶିତ ବିଫଳତା ପରେ କୁସ୍ତିକୁ ସବୁଦିନ ପାଇଁ ଅଲବିଦା ଜଣାଇଛନ୍ତି ଭିନେଶ।

ଗତକାଲିର ଘଟଣା ପରେ ଭିନେଶ ସୋଶାଲ ମିଡିଆ। ହ୍ୟାଣ୍ଡେଲ ଏକ୍ସରେ ଏକ ଭାବବିହ୍ୱଳ ପୋଷ୍ଟ ସେୟାର କରିଛନ୍ତି। ସେ କହିଛନ୍ତି କୁସ୍ତି ଜିତିଗଲା, ଆଉ ମୁଁ ହାରିଗଲି। ଭାଙ୍ଗିଗଲା ଦେଶବାସୀଙ୍କ ସ୍ୱପ୍ନ ଓ ମୋର ସାହାସ ମୋତେ କ୍ଷମା କରିବ। ତୁମର ସ୍ୱପ୍ନ, ମୋର ସାହସ ସବୁ ଭାଙ୍ଗିଗଲା, ମୋର ଆଉ ଅଧିକ ଶକ୍ତି ନାହିଁ ବିଦାୟ କୁସ୍ତି ୨୦୦୧-୨୦୨୪, କ୍ଷମା କରିବେ, ମୁଁ ସମସ୍ତଙ୍କ ପାଖରେ ସର୍ବଦା ଋଣି ରହିବି।

ଭିନେଶଙ୍କ ଏଭଳି ଅଚାନକ ସନ୍ନ୍ୟାସ ଘୋଷଣା କରିବାକୁ ନେଇ ସମସ୍ତେ ଚକିତ ହୋଇପଡିଛନ୍ତି। ପ୍ୟାରିସ ଅଲିମ୍ପିକ୍ସ-୨୦୨୪ରେ ଲଗାତର ଭିନେତଶ ତିନୋଟି ମୁକାବିଲା ଜିତି ଫାଇନାଲ୍‌ରେ ପହଞ୍ଚିଥିଲେ। ଗତକାଲି ସେ ଫାଇନାଲ ମ୍ୟାଚ୍ ଖେଳି ଥାନ୍ତେ। କିନ୍ତୁ ଏହା ପୂର୍ବରୁ ତାଙ୍କର ଧାର୍ଯ୍ୟ ସୀମାଠାରୁ ଅଧିକ ଓଜନ ଥିବା ଲାଗି ତାଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିଲା।

ମାତ୍ର ୧୦୦ ଗ୍ରାମ୍ ଅଧିକ ଓଜନ ପାଇଁ ତାଙ୍କୁ ଡିସକ୍ୱାଲିଫାଏଡ୍ ଘୋଷଣା କରାଯାଇଥିଲା ଫଳରେ ସେ ନିରାଶ ହୋଇଯାଇଥିଲେ। ଭାଙ୍ଗି ଯାଇଥିଲା ତାଙ୍କ ସ୍ୱର୍ଣ୍ଣ। ଜିତିବା ସ୍ୱପ୍ନ କିଛି ବୁଝିବା ପୂର୍ବରୁ ହାତମୁଠାରେ ଥିବା ଅଲିମ୍ପିକ୍ସ ପଦକ ଅଚାନକ ଖସି ଯାଇଥିଲା। ସାରା ଦେଶରେ ଏଥିନେଇ ଏବେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଅପ୍ରତ୍ୟାଶିତ ଖବରକୁ କେହି ବିଶ୍ୱାସ କରି ପାରୁନାହାନ୍ତି ଏନେଇ ତଦନ୍ତ କରାଯିବାକୁ ମଧ୍ୟ ଦାବି କରାଯାଉଛି।

# ଅନ୍ତର୍ଜାତୀୟ କ୍ରୀଡ଼ା ଟ୍ରିବ୍ୟୁନାଲରେ ଫୋଗାଟ



ପ୍ୟାରିସ,୮।୮: ପ୍ୟାରିସ ଅଲିମ୍ପିକ୍ସ ରେସଲିଂ ଫାଇନାଲରେ ଅଯୋଗ୍ୟ ଘୋଷିତ ହେବାକୁ ନେଇ ଅନ୍ତର୍ଜାତୀୟ କ୍ରୀଡ଼ା ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଛନ୍ତି ଭିନେଶ ଫୋଗାଟ। ଅନ୍ତର୍ଜାତୀୟ କ୍ରୀଡ଼ା ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହେଲେ ଭାରତୀୟ କୁସ୍ତି ଯୋଦ୍ଧା ଭିନେଶ ଫୋଗାଟ ପ୍ୟାରିସ ଅଲିମ୍ପିକ୍ସ ରେସଲିଂ ଫାଇନାଲରେ ଅଯୋଗ୍ୟ ଘୋଷିତ ହେବାକୁ ନେଇ ସେ କୋର୍ଟ ଅଫ୍ ଆର୍ବିଟ୍ରେସନ ଫର୍ ସ୍ପୋର୍ଟ୍ସ ରେ ଚ୍ୟାଲେଞ୍ଜ କରିଛନ୍ତି।ଏଥିସହ ରୌପ୍ୟ ପାଇଁ ମଧ୍ୟ ଦାବି କରିଛନ୍ତି ଫୋଗାଟ। ଆଜି ଏହି ଆବେଦନର ଶୁଣାଣି କରିବେ ଯଦି ଭିନେଶଙ୍କ ସପକ୍ଷରେ ରାୟ ଦିଅନ୍ତି, ତେବେ ତାଙ୍କୁ ଯୁଗଳ ରୌପ୍ୟ ବିଜେତା ରୂପେ ଘୋଷିତ କରାଯିବ।

ପ୍ରକାଶ ଥାଉକି, ଭିନେଶ ଫୋଗାଟ ପ୍ରଥମ ଭାରତୀୟ କୁସ୍ତି ଯୋଦ୍ଧା ଭାବେ ଅଲିମ୍ପିକ୍ସ ୫୦ କେଜି ବର୍ଗ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ ପ୍ରଥମ ମ୍ୟାଚରେ ସେ ବିଶ୍ୱର ନଂ ୧ ଖେଳାଳି ତଥା ଟୋକିଓ ଅଲିମ୍ପିକ୍ସର ସ୍ୱର୍ଣ୍ଣ ବିଜେତା ଜାପାନର ୟୁଇ ସୁସାକିଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ଏହାପରେ କ୍ୱାର୍ଟର ଫାଇନାଲରେ ୟୁକ୍ରେନର ଓକସାନା ଲିଭାଚିଙ୍କୁ ୭-୫ ଏବଂ ସେମିଫାଇନାଲରେ କ୍ୟୁବାର ଗୁଜମାନଙ୍କୁ ୫-୦ ବ୍ୟବଧାନରେ ହରାଇ ଫାଇନାଲକୁ ପ୍ରବେଶ କରିଥିଲେ। ଫଳରେ ସେ ଏକ ପ୍ରକାର ମେଡାଲ ଦାବିଦାର ଭାବେ ବିବେଚିତ ହୋଇଥିଲେ। କିନ୍ତୁ ଫାଇନାଲ ଫାଇଟ୍ ପୂର୍ବରୁ ଓଜନକୁ ନେଇ ତାଙ୍କୁ ମ୍ୟାଚରୁ ଡିସକ୍ୱାଲିଫାଏ ବା ଅଯୋଗ୍ୟ ଘୋଷିତ କରା ଯାଇଥିଲା। ତାଙ୍କ ଓଜନ ୫୦ କିଲୋଗ୍ରାମରୁ ୧୦୦ ଗ୍ରାମ୍ ଅଧିକ ଥିବାରୁ ଅଲିମ୍ପିକ୍ସ ନିୟମ ଅନୁସାରେ, ଫାଇନାଲରୁ ବଞ୍ଚିତ ହେବାକୁ ପଡିଥିଲା। ଏହାକୁ ନେଇ ଭିନେଶ ଫୋଗାଟ ଅନ୍ତର୍ଜାତୀୟ କ୍ରୀଡା ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଛନ୍ତି ଖୁବ୍ ଶୀଘ୍ର ଏ ଉପରେ ରାୟ ପ୍ରକାଶ ପାଇବ।

# ଭାଙ୍ଗିଗଲା ମୀରାବାଇ ଚାନୁଙ୍କ ସ୍ୱପ୍ନ

ପ୍ୟାରିସ,୮।୮: ପ୍ୟାରିସ ଅଲିମ୍ପିକ୍ସରେ ଭାରତକୁ ଆଉ ଏକ ନିରାଶାର ସମ୍ମୁଖୀନ ହେବାକୁ ପଡିଛି ଟୋକିଓ ଗେମ୍ସରେ ରୌପ୍ୟ ବିଜୟିନୀ ଭାରତୀୟ ଭାରୋତ୍ତୋଳିକା ମୀରାବାଇ ସାଇଖୋମ ଚାନୁ ଚତୁର୍ଥ ସ୍ଥାନରେ ରହି ଅଳ୍ପକେ ପଦକରୁ ବଞ୍ଚିତ ହୋଇଛନ୍ତି



ଅଲିମ୍ପିକ ପଦକ ଜିତି ମିରାବାଇ ଚାନୁ ତାଙ୍କ ଜନ୍ମଦିନକୁ ସତନ୍ତ କରିବାକୁ ଚାହୁଁଥିଲେ କିନ୍ତୁ ଏହା ହୋଇପାରିଲା ନାହିଁ ମୀରାବାଇ ଚାନୁ ୮ ଅଗଷ୍ଟ ୧୯୯୪ରେ ମଣିପୁରର କାକଚିଂ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ।

ଚାନୁ ସ୍ନାଚରେ ୮୮ ଓ କ୍ଲିନ ଆଣ୍ଡ ଜର୍କରେ ୧୧୧ କେଜି ଭାରୋତ୍ତଳନ କରି ମୋଟ ୧୯୯ ସ୍କୋର ସହ ଚତୁର୍ଥ ସ୍ଥାନରେ ରହିଥିଲେ ଡିଫେଣ୍ଡିଂ ଚାମ୍ପିୟନ ଚାଇନାର ହୋଉ ଝିଉଇ ଅଲିମ୍ପିକ୍ସ ରେକର୍ଡ ୨୦୬ କେଜି(୮୯+୧୧୭) ଭାରୋତ୍ତୋଳନ ପ୍ରଥମ ସ୍ଥାନରେ ରହିଥିଲେ ରୋମାନିଆର କାମ୍ବେଲ ମିହେଲା ଭାଲେଣ୍ଟିନା ୨୦୫ କେଜି(୯୩+୧୧୨) ଭାରୋତ୍ତୋଳନ କରି ରୌପ୍ୟ ପଦକ ହାସଲ କରିଥିଲେ ଅନ୍ୟ ପକ୍ଷରେ ଥାଇଲାଣ୍ଡର ଖାମ୍ବୋ ସୁରଦଚନା ୨୦୦ କେଜି(୮୮+୧୧୨) ଭାରୋତ୍ତୋଳନ କରି ବ୍ରୋଞ୍ଜରେ ସନ୍ତୁଷ୍ଟ ରହିଥିଲେ।

ମୀରାବାଇ ସ୍ନାଚ୍‌ରେ ପ୍ରଥମ ପ୍ରୟାସରେ ୮୫ କେଜି ଭାର ଉଠାଇଥିଲେ। ଦ୍ୱିତୀୟ ପ୍ରୟାସଟି ଫାଉଲ ହୋଇଥିବା ବେଳେ ଅନ୍ତିମ ସ୍ନାଚରେ ସେ ୮୮ କେଜି ଉଠାଇଥିଲେ ଚାଇନାର ହୋଉ ଝିଉଇ ସ୍ନାଚରେ ୮୯ କେଜି ଓ ରୋମାନିଆର ଭାଲେଣ୍ଟିନା ୯୩ କେଜି ଭାରୋତ୍ତୋଳନ କରିଥିଲେ କ୍ଲିନ ଆଣ୍ଡ ଜର୍କରେ କିନ୍ତୁ ଚାନୁଙ୍କ ପ୍ରଦର୍ଶନ ଆଖିଦୃଶିଆ। ରହି ନ ଥିଲା ପ୍ରଥମ ପ୍ରୟାସରେ ୧୧୧ କେଜି ଉଠାଇବା ପ୍ରୟାସରେ ଫାଉଲ କରିଥିଲେ। ଦ୍ୱିତୀୟ ପ୍ରୟାସରେ ସମାନ ୧୧୧ କେଜି ଉଠାଇବା ସହ ଅନ୍ତିମ ପ୍ରୟାସରେ ୧୧୪ ଉଠାଇବାକୁ ଚେଷ୍ଟା କରିଥିଲେ। ତେବେ ଏହା ଫାଉଲ ହେବା କାରଣରୁ ମାତ୍ର ୧ ପଏଣ୍ଟ ପଛରେ ରହି ପଦକ ହରାଇଥିଲେ ଚାନୁ ଅନ୍ତିମ କ୍ଷଣ ଯାଏ ରୋମାନିଆ। ପ୍ରତିଯୋଗୀ ଆଗୁଆ। ରହିଥିଲେ ତେବେ ଚାଇନା ପ୍ରତିଯୋଗୀ ନିଜ ଅନ୍ତିମ କ୍ଲିନ ଆଣ୍ଡ ଜର୍କରେ ୧୧୭ କେଜିର ଭାରୋତ୍ତୋଳନ କରିବା ସହ ସମସ୍ତଙ୍କୁ ପଛରେ ପକାଇ ଦେଇଥିଲେ କ୍ଲିନ ଆଣ୍ଡ ଜର୍କରେ ଏହା ଅଲିମ୍ପିକ୍ସ ରେକର୍ଡ ଅଟେ।

# ସାଥୀ ଖେଳାଳିଙ୍କ ଧ୍ୟାନ ଭଙ୍ଗ କଲେ ଅନିନ୍ଦ୍ୟ ସୁନ୍ଦରୀ

ନୂଆଦିଲ୍ଲୀ,୮।୮: ପ୍ୟାରିସ ଅଲିମ୍ପିକ୍ସରେ ଅଂଶଗ ଗ୍ରହଣ କରିଥିବା ପାରଗୁଏର ମହିଳା ସନ୍ତରଣକାରୀ ଲୌନା ଅଲୋନ୍‌ସୋ ନିଜର ସୌନ୍ଦର୍ଯ୍ୟ ପାଇଁ ଚର୍ଚ୍ଚାରେ ଅଛନ୍ତି। କିନ୍ତୁ ତାଙ୍କର ଏହି ସୁନ୍ଦରତା ପାଇଁ ତାଙ୍କୁ କାର୍ଯ୍ୟାନୁଷ୍ଠାନର ସାମ୍ନା କରିବାକୁ ପଡିଛି। ସାଥୀ ଖେଳାଳିଙ୍କ ଧ୍ୟାନ ଭଙ୍ଗ ହେବାରୁ ଅନିନ୍ଦ୍ୟ ସୁନ୍ଦରୀଙ୍କୁ ଅଲିମ୍ପିକ୍ସରୁ ତାଙ୍କୁ ଘରକୁ ପଠାଇ ଦିଆଯାଇଛି। ଏହି ସଦ୍ୟ ଘଟଣାକୁ ନେଇ ଏବେ ସାରା ବିଶ୍ୱରେ ଚର୍ଚ୍ଚା ସୃଷ୍ଟି କରିଛି। ଖବର ଅନୁଯାୟୀ ପାରଗୁଏର ମହିଳା ସନ୍ତରଣକାରୀ ଲୌନା ଅଲୋନ୍‌ସୋ ତାଙ୍କ ତାଙ୍କ ସୌନ୍ଦର୍ଯ୍ୟ କ୍ରୀଡ଼ା ଗ୍ରାମରେ ଚହଳ



ପକାଇଥିଲା। ନିଜ ଟିମ୍ ଖେଳାଳି ତାଙ୍କ ସୌନ୍ଦର୍ଯ୍ୟରେ ଏତେ ଆକର୍ଷିତ ହେଲେ ଯେ ଖେଳରେ ଧ୍ୟାନ ଦେଇପାରିଲେ ନାହିଁ।ତେଣୁ ଆଉ କୌଣସି ଉପାୟ ନ ପାଇ ତାଙ୍କୁ ପ୍ୟାରିସ୍‌ରୁ ସ୍ୱଦେଶ ଫେରିଆସିବାକୁ ବାଧ୍ୟ କରାଗଲା।

ଅଲୋନ୍‌ସୋ ସନ୍ତରଣ ପ୍ରତିଯୋଗିତାରେ ଫାଇନାଲ୍‌କୁ ଯାଇ ନ ପାରିବାରୁ ତାଙ୍କର ଅଲିମ୍ପିକ୍ସ ଯାତ୍ରା ଶେଷ ହୋଇଥିଲା। କିନ୍ତୁ ପ୍ୟାରିସ୍ ଅଲିମ୍ପିକ୍ସ ଶେଷ ହେବା ପର୍ଯ୍ୟନ୍ତ ଆଟ୍‌ଲେଟ୍‌ଙ୍କୁ କ୍ରୀଡ଼ା ଗ୍ରାମରେ ରହିବାର ଅନୁମତି ରହିଛି। ସେହି ଦୃଷ୍ଟିରୁ ଅଲୋନ୍‌ସୋ ଆସନ୍ତା ୧୧ ତାରିଖରେ କ୍ରୀଡ଼ା ମହାକୁମ୍ଭ ଶେଷ ପର୍ଯ୍ୟନ୍ତ କ୍ରୀଡ଼ା ଗ୍ରାମରେ ରହିପାରିଥାନ୍ତେ। କିନ୍ତୁ ତାର ବହୁ ପୂର୍ବରୁ ଅଲୋନ୍‌ସୋଙ୍କୁ କ୍ରୀଡ଼ା ଗ୍ରାମ ଖାଲି କରିବାକୁ ପଡ଼ିଲା। ତାଙ୍କ ଜାତୀୟ ଟିମ୍ ପ୍ରବନ୍ଧକ ଦାବି କରିଛନ୍ତି, କ୍ରୀଡ଼ା ଗ୍ରାମରେ ଅଲୋନ୍‌ସୋଙ୍କ ଉପସ୍ଥିତି ପାରାଗୁଏର ସମସ୍ତ କ୍ରୀଡ଼ାବିତଙ୍କ ଉପରେ ଅନୁଚିତ ପ୍ରଭାବ ପକଉଥିଲା। ତେଣୁ ତାଙ୍କୁ ସ୍ୱଦେଶ ଫେରି ଆସିବାକୁ କୁହାଗଲା।।

# ଦିନିକିଆରେ କମାଲ୍ କଲେ ରୋହିତ୍

ନୂଆଦିଲ୍ଲୀ, ୦୮୦୮: ଶ୍ରୀଲଙ୍କାରେ ଖେଳାଯାଇଥିବା ।ନ୍‌ଡେ ସିରିଜ୍‌ରେ ଭାରତର ଶୋଚନୀୟ ପରାଜୟ ହୋଇଛି। ଶ୍ରୀଲଙ୍କା ଏହି ସିରିଜ୍‌କୁ ୨-୦ ରେ ପୋଛି ନେଇଛି। ପ୍ରଥମ ମ୍ୟାଚ୍ ଟାଇ ରହିଥିବା ବେଳେ ଦ୍ୱିତୀୟ ମ୍ୟାଚ୍ ୩୨ ରନ୍‌ରେ ଏବଂ ତୃତୀୟ ମ୍ୟାଚ୍ ୧୧୦ ରନ୍‌ର ବ୍ୟବଧାନରେ ଶ୍ରୀଲଙ୍କା ଜିତିନେଇଛି।ଭାରତ ସିରିଜ୍ ହାରିଥିଲେ ମଧ୍ୟ କ୍ୟାପ୍ଟେନ୍ ରୋହିତ ଶର୍ମାଙ୍କ କମାଲ୍ ଏଥିରେ ଦେଖିବାକୁ ମିଳିଛି ରୋହିତ ୩ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ୩ ପାଳିରେ ୧୫୭ ରନ୍ କରିଛନ୍ତି।

୨୦୨୪ରେ ରୋହିତ ଶର୍ମାଙ୍କ ୱାନ୍‌ଡେ ଫର୍ମାଟରେ ଆଭରେଜ୍ ରନ୍ ରେଟ୍ ୫୨.୩୩ ରହିଛି। ଏଥିସହିତ ରୋହିତ ତାଙ୍କ ୱାନ୍‌ଡେ କ୍ୟାରିୟରରେ ଗୋଟିଏ ବର୍ଷରେ ୫୦ରୁ ଅଧିକ ରନ୍‌ରେଟ୍ ରଖିବାରେ ରେକର୍ଡ କରିଛନ୍ତି।୧୧ ଥର ୫୦ ଅଧିକ ରନ୍ ରେଟ୍ ରଖିଛନ୍ତି ରୋହିତ୍। ତେବେ ଏହି କ୍ରମରେ ରହିଛନ୍ତି-ରୋହିତ ଶର୍ମା ୧୧ ଥର, ବିରାଟ କୋହଲି ୯ ଥର, ମହେନ୍ଦ୍ର ସିଂ ଧୋନି ୮ ଥର, ରାସ୍ ଟେଲର ୮ ଥର, ଏବି ଡିଭିଲିୟର୍ସ -୮ ଥର, ସଚିନ୍ ତେନ୍ଦୁଲକର -୭ ଥର, ମାଇକେଲ୍ ବେବନ୍- ୭ ଥର।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ